# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୧/୨୦୨୫ (୧୨ ପୃଷ୍ଠା) | Bhubaneswar, Thursday, December 11/2025 | Page 12 | ₹ 7.00 | BALASORE

୫୨ଶ ଭାଗ ୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 18 | ମୂଲ୍ୟ₹୭/-





ଭାରତ ସ୍କାଉଟ୍ ଓ ଗାଇଡ୍, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ରାଇଟ୍ସ ଏଜୁକେଶନ ଏବଂ ସିଭିଲ ସୋସାଇଟି ଫୋରମ୍ ଫର୍ ହ୍ୟୁମାନ ରାଇଟ୍ସ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ସମ୍ମୁଖରେ ବୁଧବାର ଆନ୍ତର୍ଜାତିକ ମାନବ ଅଧିକାର ଦିବସ ପାଳନ ଅବସରରେ ଆୟୋଜିତ ମାନବ ଶୃଙ୍ଖଳ। **(ଫଟୋ- ମନୋରଞ୍ଜନ ମିଶ୍ର)**

# ମହାନଦୀ ଜଳ ବିବାଦ: ଉଚ୍ଚସ୍ତରୀୟ ସର୍ବଦଳୀୟ କମିଟି ଗଠିତ

**ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ହେଲା ଲାଗି ରହିଛି ମହାନଦୀ ଜଳ ବିବାଦ। ଏହାର ସମାଧାନ ପାଇଁ ଅନେକ ଉଦ୍ୟମ ହୋଇଥିଲେ ମଧ୍ୟ ତା'ର ଅନ୍ତ ଘଟିପାରିନାହିଁ। ଏହି ମାମଲାକୁ ନେଇ ୨୦୧୮ରୁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଚାଲିଥିବାବେଳେ ମହାନଦୀ ଜଳ ବ୍ୟବହାର ଅଧିକାର ଉପରେ ତର୍କବିତର୍କ ଜାରି ରହିଛି। ଟ୍ରିବ୍ୟୁନାଲ୍ ସମ୍ମୁଖରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ମହାନଦୀ ଜଳ ବିଷୟର ଜଟିଳତା, ଭାବପ୍ରବଣତାର ଗୁରୁତ୍ୱକୁ ମନେକରି ଓଡ଼ିଶା ସରକାର ବୁଧବାର ଏକ ସର୍ବଦଳୀୟ ଉଚ୍ଚସ୍ତରୀୟ ୮ଜଣିଆ କମିଟି ଗଠନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ୩ଜଣ ମନ୍ତ୍ରୀଙ୍କ ସମେତ ବିଜେଡି, କଂଗ୍ରେସ ଓ ଶାସକ ଭାଜପା ବିଧାୟକ ସଦସ୍ୟ ରହିଛନ୍ତି। କେନ୍ଦ୍ରରେ ଏନ୍‌ଡିଏ ଏବଂ ଓଡ଼ିଶା ଓ ଛତିଶଗଡ଼ରେ ଭାଜପା ସରକାର ଚାଲିଥିବାରୁ ମହାନଦୀ ଜଳ ବିବାଦର ରାଜନୈତିକ ସମାଧାନ ପାଇଁ ଉଦ୍ୟମ ଚାଲିଥିବା କୁହାଯାଉଛି।**

- **କନକ ବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ରହିଛନ୍ତି ୮ ସଦସ୍ୟ**
- **କମିଟିରେ ୩ ମନ୍ତ୍ରୀଙ୍କ ସମେତ ବିଜେଡି, କଂଗ୍ରେସ, ଭାଜପା ବିଧାୟକ**

ଭୁବନେଶ୍ୱର,୧୦।୧୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗଠିତ ଏହି ସର୍ବଦଳୀୟ କମିଟି ମହାନଦୀ ଜଳ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଏବଂ ରାଜ୍ୟର ବୈଷୟିକ ଓ ପ୍ରଶାସନିକ ସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗ୍‌ଦର୍ଶନ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। କମିଟିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଅବକାରୀ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ, ଭାଜପା ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟିକା ସୋଫିଆ ଫିର୍‌ଦୋସ୍ ସଦସ୍ୟ ଅଛନ୍ତି।

କମିଟି ଗଠନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବରିଷ୍ଠ ନେତା ତଥା କମିଟିର ସଦସ୍ୟ ଜୟନାରାୟଣ ମିଶ୍ର କହିଛନ୍ତି, ମହାନଦୀ ଜଳ ବିବାଦର ସମାଧାନ ଲାଗି ଟ୍ରିବ୍ୟୁନାଲ ଯିବା ଭୁଲ୍ ନିଷ୍ପତ୍ତି ଥିଲା, ଏଥିଲାଗି ରାଜନୈତିକ ସମାଧାନ ଆବଶ୍ୟକ। ନୀତିନ ଗଡକରୀ ସମାଧାନ ପାଇଁ ଡାକିଥିଲେ, ସେତେବେଳେ ସମାଧାନ କଲେନାହିଁ। ସେହି ସମୟରେ ବିଜେଡି ସରକାର ରାଜନୈତିକ ସମାଧାନ ନ କରି କାହିଁକି ଟ୍ରିବ୍ୟୁନାଲ ଯାଇଥିଲେ। ଟ୍ରିବ୍ୟୁନାଲ ଯିବା ଦ୍ୱାରା ପ୍ରକ୍ରିୟା ବିଳମ୍ବ ହେଲା। ମୁଖ୍ୟମନ୍ତ୍ରୀ ଯେଉଁ କମିଟି ଗଠନ କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ଏହି କମିଟି ପାରୁପର୍ଯ୍ୟନ୍ତ ସମାଧାନ କରିବା ଲାଗି ଚେଷ୍ଟା କରିବ। ଛତିଶଗଡ଼ ଯେମିତି ବ୍ୟାରେଜ କଲା, ଓଡ଼ିଶା ସରକାର ସେମିତି ବ୍ୟାରେଜ ନିର୍ମାଣ କରିବା କଥା। ହୀରାକୁଦ ବନ୍ଧର ତଳମୁଣ୍ଡରେ ☞ପୃଷ୍ଠା-୪

## ୟୁନେସ୍କୋର ସାଂସ୍କୃତିକ ଐତିହ୍ୟ ତାଲିକାରେ ଦୀପାବଳି

ନୂଆଦିଲ୍ଲୀ, ୧୦।୧୨

ୟୁନେସ୍କୋର ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ଦୀପାବଳି ସ୍ଥାନ ପାଇଛି। ୟୁନେସ୍କୋ ରିପ୍ରେଜେଣ୍ଟିଭ ଲିଷ୍ଟ ଅଫ୍ ଦ ଇନ୍‌ଟାଞ୍ଜିବଲ କଲ୍‌ଚ୍ୟୁରାଲ ହେରିଟେଜ୍ ଅଫ୍ ହ୍ୟୁମାନିଟିରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ନୂଆଦିଲ୍ଲୀରେ ଲାଲକିଲ୍ଲାରେ ବୁଧବାର ଅନୁଷ୍ଠିତ ୨୦ତମ ୟୁନେସ୍କୋ ଆନ୍ତଃସରକାରୀ କମିଟି ଅଧିବେଶନରେ ଏହା ଘୋଷଣା କରାଯାଇଛି। ଏହି ଅନ୍ତର୍ଭୁକ୍ତୀକରଣ ଦୀପାବଳିକୁ ଏକ ଜୀବନ୍ତ ପରମ୍ପରା ଭାବରେ ସ୍ୱୀକୃତି ଦେଇଛି, ଯାହା ଅନ୍ଧକାର ଉପରେ ଆଲୋକର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ☞ପୃଷ୍ଠା-୪

# କେନ୍ଦ୍ର ଅସହାୟ କି
## ଇଣ୍ଡିଗୋ ସଙ୍କଟକୁ ନେଇ ହାଇକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୧୦।୧୨

ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ବିମାନସେବାରେ ବିଭ୍ରାଟର ସମ୍ମୁଖୀନ ହୋଇଥିବା ଦେଶର ସର୍ବବୃହତ୍ ଏୟାରଲାଇନ୍ ଇଣ୍ଡିଗୋର ବହୁ ଫ୍ଲାଇଟ ଉଡ଼ାଣ ରଦ୍ଦ ହୋଇଯାଇଥିବାବେଳେ ଉକ୍ତ ବିବାଦ ଏବେ ଦିଲ୍ଲୀ ହାଇକୋର୍ଟରେ ପହଞ୍ଚିଛି। ଇଣ୍ଡିଗୋ ସଙ୍କଟ ଓ ଏତେ ମାତ୍ରାରେ ବିମାନ ଉଡ଼ାଣ ରଦ୍ଦର ବିଚାର ବିଭାଗୀୟ ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ହାଇକୋର୍ଟ ବୁଧବାର ଏହାର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି, ତୁମେ କ'ଣ ଅସହାୟ? ଏଭଳି ସ୍ଥିତି କାହିଁକି ଉପୁଜିଲା?

ପାଇଲଟ୍ ଓ କର୍ମଚାରୀ ସଙ୍କଟକୁ ନେଇ ଗତ ୨ ତାରିଖରୁ ବିଭିନ୍ନ ଘରୋଇ ରୁଟ୍‌ରେ ଇଣ୍ଡିଗୋର ବିମାନ ଉଡ଼ାଣ ବାତିଲ ଏବଂ ବିଳମ୍ବିତ ହୋଇଆସୁଛି। ଫଳରେ ଦେଶବ୍ୟାପୀ ଯାତ୍ରୀମାନେ ନାହିଁ ନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସମନ୍ୱୟ ଧାରାରେ ଚକ୍ରବୃଦ୍ଧି ସୁଧ**






କାମ୍ବୋଡିଆ ଓ ଥାଇଲାଣ୍ଡ ସୀମାରେ ସଂଘର୍ଷ ଲାଗିରହିଥିବାବେଳେ ବୁଧବାର ଏକ କାମ୍ବୋଡୀୟ ପରିବାର ଟ୍ରାକ୍ଟରରେ ବସି ଚୋଙ୍ଗ୍ କାଲ୍‌ରୁ ଅନ୍ୟତ୍ର ପଳାୟନ କରୁଛନ୍ତି।

## ଏଫ୍‌ଏସ୍‌ଟିସିକୁ କିଣୁଛି ଆଦାନୀ ଗ୍ରୁପ୍



### ପାଇଲଟଙ୍କୁ ତାଲିମ ଦେବ

ମୁମ୍ବାଇ,୧୦।୧୨

ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିବିଧ କ୍ଷେତ୍ରରେ ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାର ପରେ ପାଇଲଟ୍ ତାଲିମ ଉପରେ ମନୋନିବେଶ କରିଛି। ଆଦାନୀ ଡିଫେନ୍ସ ସିଷ୍ଟମ୍ସ ଆଣ୍ଡ୍ ଟେକ୍ନୋଲୋଜି (ଏଡିଏସ୍‌ଟିଏଲ୍) ଏବଂ ସଞ୍ଜୟ ପଟେଲଙ୍କ ପ୍ରାଇମ୍ ଏରୋ ସର୍ଭିସେସ୍ ଭାରତର ସର୍ବବୃହତ୍ ପାଇଲଟ୍ ପ୍ରଶିକ୍ଷଣ କମ୍ପାନୀ ଫ୍ଲାଇଟ୍ ସିମୁଲେଶନ୍ ଟେକ୍ନିକ୍ ସେଣ୍ଟର (ଏଫ୍‌ଏସ୍‌ଟିସି)ର ବୃହତ୍‌ଅଂଶଧନକୁ ୮୨୦ କୋଟି ଟଙ୍କାରେ ଅଧିଗ୍ରହଣ କରିବାକୁ ଯାଉଛନ୍ତି। ଭାରତର ଉଭୟ ବେସାମରିକ ଓ ପ୍ରତିରକ୍ଷା କ୍ଷେତ୍ରରେ ପାଇଲଟ୍ ତାଲିମର ଆବଶ୍ୟକତା ବଢ଼ିବାରେ ଲାଗିଥିବାବେଳେ ବ୍ୟବସାୟିକ ଦୃଷ୍ଟିରୁ ଏହି ପଦକ୍ଷେପ ଲାଭଜନକ ହୋଇପାରେ।

ଏଫ୍‌ଏସ୍‌ଟିସିର ୧୧ ଆଡ୍‌ଭାନ୍ସ ଫୁଲ୍-ଫ୍ଲାଇଟ୍ ସିମୁଲେଟର ଏବଂ ୧୭ଟି ପ୍ରଶିକ୍ଷଣ ଏୟାରକ୍ରାଫ୍ଟ ରହିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏବଂ ୟୁରୋପୀୟ ୟୁନିୟନ୍ ଆଭିଏଶନ୍ ସେଫ୍ଟି ଏଜେନ୍ସି (ଇଏଏସ୍‌ଏ)ଠାରୁ ଉକ୍ତ କମ୍ପାନୀ ପ୍ରମାଣପତ୍ର ହାସଲ କରିଥିବାରୁ ଏହାର ପ୍ରଶିକ୍ଷଣ ମାନକ ବୈଶ୍ୱିକ ସ୍ୱୀକୃତି ବହନ କରେ। ଗୁରୁଗ୍ରାମ ଓ ହାଇଦ୍ରାବାଦରେ ଏଫ୍‌ଏସ୍‌ଟିସିର ଆଧୁନିକ ପାଇଲଟ୍ ତାଲିମ କେନ୍ଦ୍ର ରହିଛି। ଉଲ୍ଲେଖଯୋଗ୍ୟ, ଏଡିଏସ୍‌ଟିଏଲ୍ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍‌ର ଏକ ସବ୍‌ସିଡିଆରି ହୋଇଥିବାବେଳେ ଏରୋସ୍ପେଶ୍ ସର୍ଭିସେସ୍ ଆଦାନୀଠାରୁ ଅଲଗା ହୋଇ ସ୍ୱତନ୍ତ୍ର ବ୍ୟବସାୟ କରୁଥିବା ଏକ ସହାୟକ କମ୍ପାନୀ।

## ବେଲ୍‌ଜିୟମ୍ ସୁପ୍ରିମକୋର୍ଟରେ ଚୋକ୍‌ସିଙ୍କ ପ୍ରତ୍ୟର୍ପଣ ବିରୋଧୀ ଆବେଦନ ଖାରଜ

ନୂଆଦିଲ୍ଲୀ,୧୦।୧୨

ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି କରିଥିବା ଆବେଦନ ମଙ୍ଗଳବାର ବେଲ୍‌ଜିୟମ୍ ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଛି। ଗତ ଅକ୍ଟୋବର ୧୭ରେ ଭାରତର ପ୍ରତ୍ୟର୍ପଣ ଆବେଦନକୁ ବେଲ୍‌ଜିୟମ୍‌ର ଅନ୍ତ୍ୱେପ୍ କୋର୍ଟ କାଏମ ରଖିଥିବାବେଳେ ଚୋକ୍‌ସି ଉକ୍ତ ରାୟକୁ ସେଠାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଫଳରେ ଚୋକ୍‌ସି ଭାରତ ପ୍ରତ୍ୟର୍ପିତ ହେବା ନେଇ ରହିଥିବା ଚୂଡ଼ାନ୍ତ ଆଇନଗତ ବାଧା ଦୂର ହୋଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୧୩,୦୦୦ କୋଟି ଟଙ୍କା ଋଣ ଜାଲିଆତି ମାମଲାରେ ସମ୍ପୃକ୍ତ ଚୋକ୍‌ସି ଭାରତରୁ ପଳାଇଯାଇ ବେଲ୍‌ଜିୟମରେ ରହୁଛନ୍ତି। ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ଦୁର୍ନୀତି ମାମଲାର ତଦନ୍ତ ଚଳାଇଛି।



ମେହୁଲ ଚୋକ୍‌ସି

# ‘ସାର୍କ’ର ବିକଳ୍ପ ଗଢୁଛି ପାକିସ୍ତାନ

- ଭାରତକୁ ବାଦ୍ ଦେଇ ନୂଆ ଦକ୍ଷିଣ ଏସୀୟ ବ୍ଲକ୍ ଗଠନ ପ୍ରସ୍ତାବ
- ଚାଇନା ଓ ବାଂଲାଦେଶକୁ ସାମିଲ ଉଦ୍ୟମ

ନୂଆଦିଲ୍ଲୀ/ଇସ୍‌ଲାମାବାଦ,୧୦।୧୨




ଦକ୍ଷିଣ ଏସୀୟ ଭୂରାଜନୀତିରେ ଦୀର୍ଘ ସମୟ ଧରି ରହିଆସିଥିବା ଭାରତର ଆଧିପତ୍ୟକୁ ପାକିସ୍ତାନ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଛି। ପଡ଼ୋଶୀ ଦେଶ ନିଜ ସ୍ୱାର୍ଥ ହାସଲ ପାଇଁ ସମ୍ପୃକ୍ତ ଅଞ୍ଚଳର ରାଷ୍ଟ୍ରଗୁଡ଼ିକୁ ଭାରତ ବିରୋଧରେ ଉସୁକାଉଛି। ଏଥିରେ ଚାଇନା ଓ ବାଂଲାଦେଶ ସାମିଲ ହୋଇ ଭାରତ ବିରୋଧୀ କାର୍ଯ୍ୟସୂଚୀକୁ ସଫଳ କରିପାରନ୍ତି ବୋଲି ଜଣାପଡ଼ିଛି। ଏହି ୩ ଦେଶ ଅନ୍ୟ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକୁ ସାର୍କ ଢାଞ୍ଚାରେ ଗଠନ ହେବାକୁ ଥିବା ନୂଆ ରାଷ୍ଟ୍ରଗୋଷ୍ଠୀରେ ମିଶିବାକୁ ପ୍ରସ୍ତାବ ଦେଇଛନ୍ତି। ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ) ଅନେକ ବର୍ଷ ଧରି ନିଷ୍କ୍ରିୟ ରହିଛି। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ଏହାର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି। ବିଭିନ୍ନ ଗଣମାଧ୍ୟମରେ ଏହି ରିପୋର୍ଟ ପ୍ରକାଶ ପାଇଥିବାବେଳେ ଏହାର ସତ୍ୟାସତ୍ୟ ଜାଣିବା କଷ୍ଟକର।

୧୯୮୫ରେ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକୁ ନେଇ ଢାକା ସମିଟ୍‌ରେ ଏକ ପ୍ରମୁଖ ରାଷ୍ଟ୍ରଗୋଷ୍ଠୀ ଗଠନ କରାଯାଇଥିଲା। ଏଥିରେ ଭାରତ, ପାକିସ୍ତାନ, ବାଂଲାଦେଶ, ଭୁଟାନ, ମାଳଦ୍ୱୀପ, ନେପାଳ ଓ ଶ୍ରୀଲଙ୍କା ପ୍ରତିଷ୍ଠାତା ସଦସ୍ୟ ଥିବାବେଳେ ୨୦୦୭ରେ ଶ୍ରୀଲଙ୍କା ସାମିଲ ହୋଇଥିଲା। ଦକ୍ଷିଣ ଏସୀୟ କ୍ଷେତ୍ରରେ ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଓ ସାଂସ୍କୃତିକ ବିକାଶକୁ ପ୍ରୋତ୍ସାହିତ କରିବା ଏହାର ମୁଖ୍ୟ ଲକ୍ଷ୍ୟ ରହିଥିଲା। ତମାମ ମହତ୍ତ୍ୱାକାଂକ୍ଷୀ ଯୋଜନା ଓ ପରିକଳ୍ପନା ସତ୍ତ୍ୱେ ସାର୍କର ଶେଷ ସମ୍ମିଳନୀ ୨୦୧୪ରେ ଅନୁଷ୍ଠିତ ହୋଇଥିଲା। ୨୦୧୬ରେ ଇସ୍‌ଲାମାବାଦରେ ଏହାର ପରବର୍ତ୍ତୀ ବୈଠକ ହେବାକୁ ସ୍ଥିର କରାଯାଇଥିଲା। କିନ୍ତୁ ଉରି ଆତଙ୍କବାଦୀ ଆକ୍ରମଣ ପାଇଁ ଭାରତ ପାକିସ୍ତାନକୁ ଦୋଷ ଦେବା ପରେ ପ୍ରସ୍ତାବିତ ସମ୍ମିଳନୀ ବାତିଲ ହୋଇଯାଇଥିଲା। ପାକିସ୍ତାନ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦର୍ଶାଇ ନୂଆଦିଲ୍ଲୀ ସାର୍କକୁ ବର୍ଜନ କରିଥିଲା। ସେତେବେଳେ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଭାରତର ଆଭିମୁଖ୍ୟକୁ ସମର୍ଥନ ଜଣାଇଥିଲେ। ଭାରତ ଏହା ପରିବର୍ତ୍ତେ ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର୍ ମଲ୍ଟି-ସେକ୍ଟୋରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ୍ (ବିଆଇଏମ୍‌ଏସ୍‌ଟିଇସି) ରାଷ୍ଟ୍ରଗୋଷ୍ଠୀ ଉପରେ ଗୁରୁତ୍ୱ ଦେଉଛି। ଏହି ଆଞ୍ଚଳିକ ସହଯୋଗ ଗୋଷ୍ଠୀରେ ପାକିସ୍ତାନକୁ ରଖାଯାଇନାହିଁ। ପାକିସ୍ତାନର ଉପପ୍ରଧାନମନ୍ତ୍ରୀ ଇଶାକ୍ ଡାର ଗତ ସପ୍ତାହରେ କହିଥିଲେ, ଇସ୍‌ଲାମାବାଦ ବାଂଲାଦେଶ ଓ ଚାଇନା ସହ ମିଶି ଏହାର ତ୍ରିପାକ୍ଷିକ ପଦକ୍ଷେପକୁ ବିସ୍ତାର ଆରମ୍ଭ କରିଛି। ସାର୍କକୁ ହଟାଇ ଏକ ନୂଆ ଦକ୍ଷିଣ ଏସୀୟ ସହଯୋଗ ସଙ୍ଗଠନ ଗଢ଼ିବା ଉପରେ ଜୋର୍ ଦିଆଯାଉଛି। ସାର୍କ ବାହାରେ ଏକ ବହୁପାକ୍ଷିକ ମଞ୍ଚ ଗଢ଼ାଗଲେ ଅନ୍ତର୍ଜାତୀୟ ବୈଧତା ମଧ୍ୟ ମିଳିବ। ଫଳରେ ମର୍ଯ୍ୟାଦା ଓ ସମ୍ମାନର ସହ ଶାନ୍ତି ବଜାୟ ରହିବ। ଇତିମଧ୍ୟରେ ବାଂଲାଦେଶ ଓ ଚାଇନା କୁନ୍‌ମିଙ୍ଗ୍‌ଠାରେ ଗତ ଜୁନ୍‌ରେ ଏନେଇ ଏକ ବୈଠକ କରିଥିଲେ। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଭାରତ-ଚାଇନା ବିବାଦ ଲାଗିରହି ଥିବାବେଳେ ବାଂଲାଦେଶର ମହମ୍ମଦ ୟୁନୁସ୍ ସରକାର କ୍ଷମତାସୀନ ହେବା ପରଠୁ ଖୋଲାଖୋଲି ଭାରତ ବିରୋଧୀ ମନ୍ତବ୍ୟ ଦେଇଆସୁଛନ୍ତି।

ଗତ ମେ’ରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ‘ଅପରେଶନ୍ ସିନ୍ଦୂର’ ଜରିଆରେ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ଆତଙ୍କବାଦୀଙ୍କ ଭିତ୍ତିଭୂମି ଉପରେ ପ୍ରହାର କରାଯିବା ପରେ ୨ ଦେଶ ମଧ୍ୟରେ ୪ ଦିନ ଧରି ସାମରିକ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ଡାର୍‌ଙ୍କ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରେ। ଅନ୍ୟପକ୍ଷେ ଭାରତର ଅର୍ଥନୈତିକ ସ୍ଥିତି ଓ ସଙ୍କଟ ମୁକାବିଲା ବିଶ୍ୱସନୀୟତାକୁ ଦେଖି ବିଶ୍ଳେଷକମାନେ କହିଛନ୍ତି, ନୂଆଦିଲ୍ଲୀକୁ ବାଦ୍‌ଦେଇ ଏକ ପୃଥକ୍ ରାଷ୍ଟ୍ରଗୋଷ୍ଠୀ ଗଠନ କରିବା ବିଶେଷ ଫଳପ୍ରଦ ହୋଇ ନ ପାରେ। ଏପରି କୌଣସି କ୍ଷେତ୍ରୀୟ ମଞ୍ଚ ଗଢ଼ାଗଲେ ଭାରତ ସହ ତାହାର ରାଜନୈତିକ ଉତ୍ତେଜନା ବଢ଼ିବ। ଭାରତ ଏକ ବୃହତ୍ ଅର୍ଥନୀତି ହୋଇଥିବାରୁ ଏହାକୁ ବାଦ୍ ଦେଇ ପାକିସ୍ତାନର ଏଭଳି ଯୋଜନା କାର୍ଯ୍ୟକ୍ଷମ ହେବ ନାହିଁ ବୋଲି ଅନେକ ବିଶ୍ଳେଷକ ମତ ଦେଇଛନ୍ତି।

## ଭାରତରେ ୧.୫ ଲକ୍ଷ କୋଟି ନିବେଶ କରିବ ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ,୧୦।୧୨

ଆମେରିକାର ବୃହତ୍ ସଫ୍ଟୱେର କମ୍ପାନୀ ମାଇକ୍ରୋସଫ୍ଟ ଭାରତରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସାମର୍ଥ୍ୟ ବୃଦ୍ଧି ଲାଗି ୧୭.୫ ବିଲିୟନ ଡଲାର (୧.୫ ଲକ୍ଷ କୋଟି ଟଙ୍କା) ନିବେଶ କରିବ। ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ମଙ୍ଗଳବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପରେ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଏସିଆ ମହାଦେଶରେ ମାଇକ୍ରୋସଫ୍ଟର ଏହା ସର୍ବାଧିକ ନିବେଶ। ଭାରତର ଏଆଇ-ପ୍ରଥମ ଭବିଷ୍ୟତ ପାଇଁ ଆବଶ୍ୟକ ହେଉଥିବା ଭିତ୍ତିଭୂମି, ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧିରେ ଏହା ସହାୟକ ହେବ ବୋଲି ନାଡେଲା କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମାଇକ୍ରୋସଫ୍ଟ ସିଇଓଙ୍କ ସହ ଅତ୍ୟନ୍ତ ଫଳପ୍ରଦ ଆଲୋଚନା ହୋଇଛି। ଭାରତରେ ଏସିଆର ସର୍ବବୃହତ୍ ନିବେଶ ମାଇକ୍ରୋସଫ୍ଟ କରିବାକୁ ଯାଉଥିବାରୁ ଅତ୍ୟନ୍ତ ଖୁସି। ଏଆଇ କଥା ଆସିଲେ ବିଶ୍ୱ ଭାରତ ସମ୍ପର୍କରେ ଆଶାବାଦୀ ହୋଇଥାଏ ବୋଲି ମୋଦି କହିଛନ୍ତି। ୪ ଦିନିଆ ଭାରତ ଗସ୍ତରେ ଆସିଥିବା ନାଡେଲାଙ୍କ ଲକ୍ଷ ହେଉଛି ମାଇକ୍ରୋସଫ୍ଟର ଉପସ୍ଥିତି ବଢ଼ାଇବା ସହ କ୍ଲାଉଡ୍ ଏବଂ ଏଆଇ ବଜାର ସମ୍ପ୍ରସାରଣ କରିବା।

## ନାଗରିକତ୍ୱ ଗ୍ରହଣ ପୂର୍ବରୁ ଭୋଟର ତାଲିକାରେ ନାଁ
# ସୋନିଆଙ୍କୁ କୋର୍ଟ ନୋଟିସ

ନୂଆଦିଲ୍ଲୀ,୧୦।୧୨

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ୧୯୮୩ରେ ଭାରତୀୟ ନାଗରିକତ୍ୱ ଗ୍ରହଣ କରିବା ପୂର୍ବରୁ ୧୯୮୦-୮୧ ଭୋଟର ତାଲିକାରେ ତାଙ୍କ ନାଁ ରହିଥିଲା। ଏଥିପାଇଁ ତାଙ୍କ ବିରୋଧରେ ଠକେଇ ଓ ଜାଲିଆତି ନେଇ ଆପରାଧିକ ମାମଲା ରୁଜୁ କରାଯିବାକୁ ପିଟିଶନ ଦାଏର ହୋଇଥିଲା। ଦିଲ୍ଲୀର ସ୍ୱତନ୍ତ୍ର ବିଚାରପତି ବିଶଲ ଗୋଗ୍‌ନେଙ୍କ ଅଦାଲତ ମଙ୍ଗଳବାର ଏନେଇ ସୋନିଆଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଦିଲ୍ଲୀ ପୋଲିସକୁ ମଧ୍ୟ ଏହା ଉପରେ ଜବାବ ମଗାଯାଇଛି। ସୋନିଆଙ୍କ ବିରୋଧରେ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦେବାକୁ ମାଜିଷ୍ଟ୍ରେଟ୍ କୋର୍ଟ ମନା କରିବା ପରେ ବିକାଶ ତ୍ରିପାଠୀ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ଅନ୍ୟପକ୍ଷେ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହି ଅଭିଯୋଗକୁ ‘ମିଛ’ ଦର୍ଶାଇ ଖଣ୍ଡନ କରିବା ସହ କହିଛନ୍ତି, ସୋନିଆ ଭାରତର ନାଗରିକତ୍ୱ ହାସଲ କରିବା ପରେ ଯାଇ ଭୋଟ ଦେଇଥିଲେ।



ସୋନିଆ ଗାନ୍ଧୀ

# ତାମସିକ ଖାଦ୍ୟ ବାରଣରୁ ବିବାହ ବିଚ୍ଛେଦ

## ସ୍ତ୍ରୀ ପିଆଜ, ରସୁଣ ନ ଖାଇବାରୁ ତୁଟିଲା ୨୨ ବର୍ଷର ସମ୍ପର୍କ

ଅହମଦାବାଦ,୧୦।୧୨

ବିବାହର ୨୨ ବର୍ଷ ପରେ ଗୁଜରାଟର ଏକ ଦମ୍ପତି ସମ୍ପର୍କ ତୁଟାଇ ପରସ୍ପରଠାରୁ ଅଲଗା ହୋଇଛନ୍ତି। ଏହାର କାରଣ ଅନେକଙ୍କୁ ବିସ୍ମିତ କରିଛି। ମହିଳା ଜଣକ ସ୍ୱାମୀନାରାୟଣ ଦୀକ୍ଷା ନେଇଥିବାରୁ ପିଆଜ, ରସୁଣ ଖାଇବାକୁ ମନା କରିଦେଇଥିଲେ। ଏହି ବିବାଦ ଏପରି ଘନେଇଲା ଯେ, ମାମଲା ଅଦାଲତକୁ ଯାଇଥିଲା। ଗୁଜରାଟ ହାଇକୋର୍ଟ ଫାମିଲି କୋର୍ଟ ରାୟକୁ ବଳବତ୍ତର ରଖି ବିଚ୍ଛେଦ ଅନୁମତି ଦେଇଛନ୍ତି।

ସ୍ୱାମୀନାରାୟଣ ସମ୍ପ୍ରଦାୟର ଅନ୍ୟମାନଙ୍କ ଭଳି ଏହି ମହିଳା ପିଆଜ ଓ ରସୁଣ ଖାଆନ୍ତି ନାହିଁ। ଉକ୍ତ ଦମ୍ପତି ୨୦୦୨ରେ ବିବାହ କରିଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ସାଧାରଣ ବ୍ୟଞ୍ଜନ ଖାଉଥିବାବେଳେ ସ୍ୱାମୀଙ୍କ ମା’ ସମ୍ପୃକ୍ତ ମହିଳାଙ୍କ ପାଇଁ ବିନା ପିଆଜ ରସୁଣରେ ଭିନ୍ନ ପ୍ରକାରେ ରୋଷେଇ କରନ୍ତି। ଏହାକୁ ନେଇ ପରିବାରରେ ବିବାଦ ଆରମ୍ଭ ହୋଇଥିଲା। ମହିଳା ଜଣକ ନିଜ ପିଲାଙ୍କୁ ଧରି ୨୦୦୭ରେ ଶାଶୁ ଘର ଛାଡ଼ି ମା’ ଘରକୁ ଚାଲିଯାଇଥିଲେ। ଫଳରେ ସ୍ୱାମୀ ୨୦୧୩ରେ ଅହମଦାବାଦ ଫାମିଲି କୋର୍ଟକୁ ଯାଇ ଛାଡ଼ପତ୍ର ପାଇଁ ଅନୁମତି ମାଗିଥିଲେ। ୨୦୨୪ ମେ’ରେ ପରିବାର ଅଦାଲତ ବିବାହ ଭଙ୍ଗ ପାଇଁ ଅନୁମତି ଦେଇଥିବାବେଳେ ସ୍ତ୍ରୀ ଏଥିରେ ସହମତି ପ୍ରକାଶ କରିବା ସହ ଉପର କୋର୍ଟରେ ଅପିଲ କରି ନ ଥିଲେ। ତେବେ ମହିଳାଙ୍କୁ ଭରଣପୋଷଣ ଖର୍ଚ୍ଚ ଦେବା ପାଇଁ ଫାମିଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସ୍ୱାମୀ ୧୮ ମାସ ହେଲା ଭରଣପୋଷଣ ଦେଇ ନ ଥିବାରୁ ମହିଳା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ କେବଳ ୨.୭୨ ଲକ୍ଷ ଟଙ୍କା ଅନ୍ତରୀଣ ଖର୍ଚ୍ଚ ପାଇଥିବାବେଳେ ଅବଶିଷ୍ଟ ୧୩.୨ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ମହିଳାଙ୍କ ଓକିଲ ହାଇକୋର୍ଟରେ ଯୁକ୍ତି ବାଢ଼ିଛନ୍ତି।

## ଫୁରସତ୍

# ପରସ୍ପରକୁ କାମୁଡ଼ି ଜଣାନ୍ତି ପ୍ରେମ ଭାବ

ବେଜିଂ

ସାରା ବିଶ୍ୱରେ ପ୍ରେମ ପ୍ରକାଶର ଉପାୟ ପ୍ରାୟତଃ ଭିନ୍ନ। କିଏ ଫୁଲ ଦେଇ ପ୍ରପୋଜ୍ କରନ୍ତି ତ ଆଉ କିଏ ପ୍ରେମପତ୍ର ଦିଅନ୍ତି। ଆଉ କେହି କେହି ସଙ୍ଗୀତ ମାଧ୍ୟମରେ ନିଜର ଭାବନା ପ୍ରକାଶ କରନ୍ତି। ଚାଇନାର କିଛି ଜନଜାତି ମଧ୍ୟରେ ଏକ ଅନନ୍ୟ ପ୍ରଥା ଶତାବ୍ଦୀ ଧରି ପ୍ରଚଳିତ, ଯାହାକୁ ଆଜିର ସମୟରେ ଅଜବ ଏବଂ ଅସାଧାରଣ ବୋଲି ବିବେଚନା କରାଯାଇପାରେ। ଏହି ପ୍ରଥା ପ୍ରେମ ସମ୍ପର୍କ ସହ ଜଡ଼ିତ। ଏଠାରେ ପ୍ରେମ ପ୍ରକାଶ କରିବା ପାଇଁ ଯୁବତୀଯୁବକ ପରସ୍ପରକୁ କାମୁଡ଼ି ଥାଆନ୍ତି।

ଏହି ପରମ୍ପରା ‘ୟାଓ ସୋ ଡିଂ କିଙ୍ଗ୍’ ନାମରେ ଜଣାଶୁଣା, ଯାହାର ଅର୍ଥ ‘ହାତ କାମୁଡ଼ି ପ୍ରେମକୁ ମୁଦ୍ରିତ କର’। ଏହା ଚାଇନାର ହାଇନାନ ପ୍ରଦେଶରେ ରହୁଥିବା ମିଆଓ ସମ୍ପ୍ରଦାୟର ଏକ ପାରମ୍ପରିକ ପ୍ରଥା। ୨୦୧୭ ମସିହାରେ ଏହି ପରମ୍ପରାକୁ ଆନୁଷ୍ଠାନିକ ଭାବେ ଏକ ପ୍ରାଦେଶିକ ସ୍ତରୀୟ ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ଭାବରେ ନାମିତ କରାଯାଇଥିଲା। ଏହି ଅନନ୍ୟ ପ୍ରଥା ସାଧାରଣତଃ ସୁପାରି(ବିଟଲ ପାମ୍) ବୃକ୍ଷ ତଳେ କରାଯାଏ। ମିଆଓ ସଂସ୍କୃତିରେ ସୁପାରି ବୃକ୍ଷକୁ ଅନନ୍ତ ପ୍ରେମ ଏବଂ ସ୍ଥାୟିତ୍ୱର ପ୍ରତୀକ ଭାବରେ ବିବେଚନା କରାଯାଏ। ପ୍ରତିବର୍ଷ ତୃତୀୟ ମାସର ତୃତୀୟ ଦିନରେ ପଡୁଥିବା ଏହି ବିଶେଷ ପର୍ବରେ ଯୁବତୀଯୁବକମାନେ ଉକ୍ତ ଗଛଗୁଡ଼ିକର ଛାଇ ତଳେ କିମ୍ବା ଘାସ ପାହାଡ଼ ଉପରେ ଏକାଠି ହୁଅନ୍ତି। ସେମାନେ ଲୋକଗୀତ ମାଧ୍ୟମରେ ପରସ୍ପର ସହ ଯୋଗାଯୋଗ କରନ୍ତି; ଯାହା ପ୍ରେମ, ଭାବନା ଏବଂ ଜୀବନସାଥୀ ପାଇବାର ଆଶାକୁ ପ୍ରକାଶକରେ। ଯେତେବେଳେ ଜଣେ ଯୁବକ ଜଣେ ଯୁବତୀଙ୍କ ପ୍ରତି ଆକର୍ଷିତ ହୁଅନ୍ତି, ସେ ରାତିରେ ନାକ ବଂଶୀ କିମ୍ବା ପତ୍ରରୁ ତିଆରି ସିଟି ପରି ବାଦ୍ୟଯନ୍ତ୍ର ବଜାଇ ନିଜର ଭାବନା ପ୍ରକାଶ କରନ୍ତି। ଯୁବତୀ ଜଣକ ଏହି ସୁମଧୁର ଶବ୍ଦରେ ଲୁଚି ରହିଥିବା ପ୍ରେମକୁ ଅନୁଭବ କରିବା ସହ ପ୍ରତିକ୍ରିୟା ମଧ୍ୟ ଜଣାନ୍ତି। କିନ୍ତୁ ଶବ୍ଦ ନୁହେଁ, କାମୁଡ଼ି ଦେଇ ନିଜ ମନୋଭାବ ପ୍ରକାଶ କରିଥାନ୍ତି।



# ରାଗିଗଲେ ତାନ୍ୟା

ମୁମ୍ବାଇ

ଶେଷ ହୋଇଛି ‘ବିଗ୍ ବସ୍ ୧୯’। ଏହି ଶୋ’ରେ ସବୁଠୁ ଚର୍ଚ୍ଚାରେ ଥିବା ଆଧ୍ୟାତ୍ମିକ କଣ୍ଟେଣ୍ଟ କ୍ରିଏଟର ତାନ୍ୟା ମିତ୍ତଲଙ୍କୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ‘ବିଗ୍ ବସ୍ ୧୯’ ଘରୁ ବାହାରିବା ପରେ ତାନ୍ୟା ରାଗିଯାଇଛନ୍ତି। ସେ କହିଛନ୍ତି, ଶୋ’ ଛାଡ଼ିବା ପରଠାରୁ କୌଣସି ଘରର ସଦସ୍ୟଙ୍କ ସହ କଥା ହୋଇନାହାନ୍ତି। ଘରର ପ୍ରାୟ ପ୍ରତ୍ୟେକ ସଦସ୍ୟ କୌଣସି ନା କୌଣସି ସମୟରେ ତାଙ୍କ ଉପରେ ଚିତ୍କାର କରିଥିଲେ। ଏହା ତାଙ୍କୁ ସବୁଠୁ ଅଧିକ ପ୍ରଭାବିତ କରିଥିଲା। ଘରର ସ୍ମୃତି ମୋ ଉପରେ ଭାରି ପଡ଼ିଛି। ଏପରି ଜଣେ ବି ବ୍ୟକ୍ତି ନାହାନ୍ତି ଯିଏ ମୋ ଉପରେ ରାଗିନାହାନ୍ତି। କିନ୍ତୁ ମୁଁ ସେମାନଙ୍କୁ କହିଥିଲି, ମୋତେ ଏସବୁ ଫରକ ପଡ଼େ ନାହିଁ। ମୁଁ ଧୀରେ ଧୀରେ ମୋର ତୁଣ୍ଡକୁ ସ୍ୱାଭାବିକ କରୁଛି କାରଣ ମୋତେ ଗ୍ୱାଲିୟର ଯିବାକୁ ପଡିବ। ସେଠାକାର ଲୋକମାନେ ଏତେ ପାଟି କରନ୍ତି ନାହିଁ, ସେମାନେ ବହୁତ ଭଲରେ କଥା ହୁଅନ୍ତି। ବର୍ତ୍ତମାନ ମୁଁ କାହା ସହ କଥା ହେବାକୁ ଚାହୁଁନାହିଁ। ଏହି ସମୟରେ ତାନ୍ୟା ଫଟୋଗ୍ରାଫର ଏବଂ ସିକ୍ୟୁରିଟିଙ୍କ ଉପରେ ମଧ୍ୟ ପ୍ରବଳ ରାଗିଯାଇଥିଲେ। ଏଥର ଅନୁପମା ଫେମ ଗୌରବ ଖାନ୍ନା ‘ବିଗ୍ ବସ୍ ୧୯’ ଟ୍ରଫି ଜିତିଥିଲେ। ତାଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର ମିଳିଥିଲା। ଅଭିନେତ୍ରୀ ଫରାନ୍ନା ଭଟ୍ଟ ପ୍ରଥମ ରନର ଅପ୍ ଏବଂ ହାସ୍ୟାଭିନେତା ପ୍ରଣୀତ ମୋରେ ଦ୍ୱିତୀୟ ରନର ଅପ୍ ହୋଇଥିଲେ।



ତାନ୍ୟା ମିତ୍ତଲ




# ୧୨ରେ ୪୮୮ ବର୍ଗ କଲେଜ ସମନ୍ୱୟ ସମିତିର ଆନ୍ଦୋଳନ

ଭୁବନେଶ୍ୱର,୧୦।୧୨ (ସୁଚିସ୍ମିତା ସାହୁ)

ପୁରୁଣା ପେନ୍‌ସନ, ପ୍ରମୋଶନ ଏବଂ ଚାକିରି ସର୍ତ୍ତାବଳୀ ଆଦି ଦାବି ପୂରଣ ପାଇଁ ୪୮୮ବର୍ଗ ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି। ଏହି ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟିଗୋଚର କରିବା ପାଇଁ ୪୮୮ବର୍ଗ କଲେଜ ସମନ୍ୱୟ ସମିତି ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ସ୍ଥିର କରିଛି। ସମନ୍ୱୟ ସମିତିର ଏକ ଆଭାସୀ ବୈଠକରେ ଦୁଇଶହରୁ ଅଧିକ ଅଧ୍ୟାପକ – କର୍ମଚାରୀ ମିଳିତ ହୋଇ ଆସନ୍ତା ୧୨ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଏକ ବିଶାଳ ସମାବେଶ କରିବାକୁ ନିଷ୍ପତ୍ତି ନେଇଥିବା ସଂଘର ସଭାପତି ଡ. ପ୍ରଶାନ୍ତ କୁମାର ପ୍ରଧାନ ବୁଧବାର ସୂଚନା ଦେଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଦାବି ପୂରଣ ସମ୍ପର୍କରେ ପଦକ୍ଷେପ ନିଆଯିବାକୁ ପୂର୍ବରୁ ସରକାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁଃଖର କଥା, ଚଳିତ ବିଧାନସଭାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ଆଗାମୀ ୬ମାସ ମଧ୍ୟରେ ଦାବି ପୂରଣ ପାଇଁ ସରକାର ଯେଉଁ ବିବୃତି ରଖିଛନ୍ତି, ତାହା ଅଧ୍ୟାପକ – କର୍ମଚାରୀଙ୍କ ଭବିଷ୍ୟତକୁ ଅନିଶ୍ଚିତ କରାଇଦେଇଛି। ତେଣୁ ଏ ନେଇ ସଂଘ ପକ୍ଷରୁ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଛି।




# ୨୩ ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୧୦।୧୨ (ରବିନାରାୟଣ ଜେନା)

ରାଜସ୍ୱ ବିଭାଗ ପକ୍ଷରୁ ବୁଧବାର ୨୩ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀଙ୍କ ବଦଳି କରାଯାଇଛି। ବିଭାଗର ବିଜ୍ଞପ୍ତି ଅନୁଯାୟୀ, ମୋ-ସ୍କୁଲ ଅଭିଯାନର ଓଏସ୍‌ଡି କାବେରୀ ମୁଦୁଲିଙ୍କୁ ଯାଜପୁର ଜିଲା ବିଞ୍ଝାରପୁର ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ କେନ୍ଦ୍ରାପଡ଼ା ଡିଏସ୍‌ଆର ସମୀର ବେହେରାଙ୍କୁ ପଞ୍ଚାୟତିରାଜ ବିଭାଗକୁ ବଦଳି କରାଯାଇଛି। ସେହିପରି ବିଦ୍ୟାରଶ୍ମୀ ସାହୁଙ୍କୁ କେନ୍ଦ୍ରାପଡ଼ା ଡିଏସ୍‌ଆର୍ ଭାବେ ବଦଳି କରାଯାଇଥିବାବେଳେ ଜ୍ୟୋସ୍ନାରାଣୀ ପାତ୍ର ଓ ଅନ୍ୟ ୧୯ ଜଣ ଅଧିକାରୀଙ୍କୁ ତହସିଲଦାର, ଡେପୁଟି କଲେକ୍ଟର ଭାବେ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

# ରାସ୍ତାରେ ଓଲଟିଲା ଗ୍ୟାସ୍ ବୋଝେଇ ଟ୍ୟାଙ୍କର

ଲାଞ୍ଜିଗଡ଼,୧୦।୧୨ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଭବାନୀପାଟଣାରୁ ରାୟଗଡାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ବଞ୍ଜାରିଘାଟି ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ପାଞ୍ଚଟା ସମୟରେ ଗୋଟିଏ ଏଲ୍‌ପିଜି ଗ୍ୟାସ ଟ୍ୟାଙ୍କର (ଓଡି-୨୯-ଏଫ-୯୩୮୩) ଅନ୍ୟ ଏକ ଟ୍ରକ୍‌କୁ ସାଇଡ ଦେବାକୁ ଯାଇ ରାସ୍ତା ଉପରେ ଓଲଟି ପଡିଥିଲା। ଏଥିରେ ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ନ ମିଳିବାରୁ ଏକ ପିକ୍‌ଅପ ଯୋଗେ ଡାକ୍ତରଖାନା ପଠାଯାଇଛି। ଏହି ଟ୍ୟାଙ୍କରଟି ବିଶାଖାପାଟଣାରୁ ଗ୍ୟାସ୍ ବୋଝେଇ କରି ବଲାଙ୍ଗୀର ଯାଉଥିଲା। ଦୁର୍ଘଟଣା ପରେ ଗ୍ୟାସ୍ ନିର୍ଗତ ହେବା ଆଶଙ୍କା କରି ନର୍ଲା ଅଗ୍ନିଶମ ବିଭାଗ, ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣା ସମ୍ବେଦନଶୀଳ ଥିବାରୁ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ନର୍ଲା ତହସିଲଦାର, ଗ୍ୟାସ ସେଫ୍‌ଟି ବିଭାଗ ଓ ଜିଲା ପରିବହନ ବିଭାଗ ମଧ୍ୟ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ୟାଙ୍କରରୁ ଗ୍ୟାସ୍ ନିର୍ଗତ ହେବା ଆଶଙ୍କା ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ଉପରେ ରୋକ ଲଗାଇଛି ପ୍ରଶାସନ। ଫଳରେ ଭବାନୀପାଟଣା-ରାୟଗଡା ୬ ନମ୍ବର ରାଜ୍ୟ ରାଜପଥର ଛତିକୁ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଠପ ହୋଇଯାଇଛି। ଘଟଣା ସମ୍ପର୍କରେ ପୁଲିସ ଓ ପ୍ରଶାସନ ତୀକ୍ଷଣ ନଜର ରଖିଛି।

**ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା**

# ତହସିଲଦାରଙ୍କ ସରକାରୀ ଗାଡ଼ି ଜବତ

## ଅଦାଲତରେ ହାଜିର ହୋଇ ଜମିହରା ପ୍ରଜାଙ୍କୁ ସୁଧ ଅର୍ଥ ପ୍ରଦାନ କଲେ

ଢେଙ୍କାନାଳ,୧୦।୧୨ (ରତନ ନାୟାର)

ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ପ୍ରଦାନ ନିମନ୍ତେ ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରି ଢେଙ୍କାନାଳ ସଦର ତହସିଲଦାର ସ୍ୱାଧୀନ କୁମାର ବେହେରା ଅଡୁଆରେ ପଡ଼ିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ତହସିଲଦାର ବେହେରା ବ୍ୟବହାର କରୁଥିବା ସରକାରୀ ଗାଡ଼ିକୁ ଜବତ କରାଯାଇଛି। ଏଥିସହ ତହସିଲଦାରଙ୍କ ପ୍ରକୋଷ୍ଠରେ ଥିବା ଚୌକି, ଟେବୁଲ ଓ କମ୍ପ୍ୟୁଟରକୁ ସିଲ୍ କରିବାକୁ ଯିବାବେଳେ ତହସିଲଦାର ସମୟ ମାଗିଥିଲେ। ପରେ ତହସିଲଦାର ଅଦାଲତରେ ହାଜର ହୋଇ ଜଣେ ଜମିହରା ପ୍ରଜାଙ୍କ କ୍ଷତିପୂରଣ ପ୍ରଦାନରେ ଅହେତୁକ ବିଳମ୍ବରୁ ସୁଧ ବାବଦ ଅର୍ଥ ୧୨ଲକ୍ଷ ୧ହଜାର ୯୦୮ ଟଙ୍କାକୁ ଚେକ୍ ମାଧ୍ୟମରେ ପ୍ରଦାନ କରିବା ପରେ ତାଙ୍କୁ ଆଶ୍ୱସ୍ତି ମିଳିଥିଲା। ପରେ ଜବତ ହୋଇଥିବା ସରକାରୀ ଗାଡିକୁ ମୁକୁଳାଇ ଦିଆଯାଇଥିଲା।


କାର୍ଯ୍ୟାଳୟରେ ଉପସ୍ଥିତ ତହସିଲଦାର।


କୋର୍ଟ କର୍ମଚାରୀମାନେ ଢେଙ୍କାନାଳ ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କ ଗାଡିକୁ ସିଲ କରୁଛନ୍ତି।

ଘଟଣାରୁ ଜଣାପଡ଼ିଛି ଯେ, ଢେଙ୍କାନାଳ ସହର ବାଜିଚୌକ ନିକଟସ୍ଥ ସିମିଳିଆ ଫ୍ଲାଇଓଭର ବ୍ରିଜ ପାଇଁ ୨୦୧୨ରେ ଜମି ଅଧିଗ୍ରହଣ ହୋଇଥିଲା। ଉକ୍ତ ଅଞ୍ଚଳରେ ସ୍ୱର୍ଗତ ସତ୍ୟବାଦୀ ବେହେରାଙ୍କ ଖାତା ନଂ. ୩୧୩୨, ପ୍ଲଟ ନଂ.୧୯୪୧ରେ ୧୨ ଡେସିମିଲ ଜାଗା ଜମି ଅଧିଗ୍ରହଣ ହୋଇଥିଲା। ଜମି ଅଧିଗ୍ରହଣ ବାବଦକୁ ସତ୍ୟବାଦୀ ବେହେରାଙ୍କ ପରିବାର ୭ଲକ୍ଷ ୫୧ହଜାର ୩୧୬ଟଙ୍କା କ୍ଷତିପୂରଣ ପାଇବା ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ପରିବାରର ଅନ୍ୟ ସମ୍ପର୍କୀୟମାନଙ୍କ ମଧ୍ୟରେ ଆପୋଷ ସମାଧାନ ନ ହେବାରୁ ଏ ସଂକ୍ରାନ୍ତରେ ଢେଙ୍କାନାଳ ସିନିୟର ସିଭିଲ ଜଜ୍‌ଙ୍କ ଅଦାଲତରେ ଏଲ୍‌ଏ କେସ୍ ନଂ. ୧୨୩/୨୦୧୩ରେ ଏକ ମାମଲା ରୁଜୁ ହୋଇଥିଲା। ଇତିମଧ୍ୟରେ ସଦ୍ୟବାଦୀଙ୍କ ମୃତ୍ୟୁ ହୋଇଯାଇଛି। ପରିବାର ସଦସ୍ୟ ବହୁବାର ଦୌଡ଼ିବା ପରେ ୧୫।୨।୨୦୨୪ରେ ସେମାନଙ୍କୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ୭୪ ହଜାର ୬୨୪ ଟଙ୍କା ମିଳିଥିଲା। ହେଲେ କ୍ଷତିପୂରଣ ପ୍ରଦାନରେ ଅହେତୁକ ବିଳମ୍ବ ଯୋଗୁ ୬୦ହଜାର ୯୧୬ ଟଙ୍କା ସୁଧ ଜମିହରା ପ୍ରଜାଙ୍କୁ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। ସୁଧ ପ୍ରଦାନରେ ମଧ୍ୟ ଅହେତୁକ ବିଳମ୍ବ ଯୋଗୁ ମୋଟ ସୁଧ ବାବଦକୁ ୧୨ଲକ୍ଷ ୧୫ହଜାର ୭୦୮ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। କିନ୍ତୁ ତହସିଲଦାର ଏହା ପ୍ରଦାନ ନ କରିବାରୁ ତାଙ୍କ ନାମରେ ୧୫/୨୦୨୫ରେ ଏକ ମାମଲା ରୁଜୁ ହୋଇ ଅଦାଲତରେ ହାଜର ହେବା ପାଇଁ ନୋଟିସ ଜାରି ହୋଇଥିଲା। ତହସିଲ୍‌ଦାର ହାଜର ହେବା ସତ୍ତ୍ୱେ ନିର୍ଦ୍ଦେଶ ମୁତାବକ ସୁଧ ଅର୍ଥ ପ୍ରଦାନ କରି ନ ଥିଲେ। ଅଦାଲତ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ତାଙ୍କର ସମ୍ପତ୍ତି ବାବଦରେ ସରକାରୀ କାର୍ଯ୍ୟରେ ବବହାର କରୁଥିବା ଓଡି୦୬-ଏଲ୍-୨୨୧୧ ବୋଲେରୋ ଗାଡି, ତାଙ୍କ ସରକାରୀ କାର୍ଯ୍ୟାଳୟର ପ୍ରକୋଷ୍ଠରେ ଥିବା ଚୌକି, ଟେବୁଲ ଓ କମ୍ପ୍ୟୁଟରକୁ ଜବତ କରିବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ କର୍ମଚାରୀମାନେ ଢେଙ୍କାନାଳ ସଦର କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମେ ଗାଡ଼ିକୁ ସିଲ୍ କରିଥିଲେ। ଏହାପରେ ତହସିଲଦାର ଅଦାଲତରେ ହାଜର ହୋଇ ସୁଧଅର୍ଥ ପ୍ରଦାନ ବାବଦକୁ ଚେକ୍‌ରେ ୧୨ଲକ୍ଷ ୧ହଜାର ୯୦୮ଟଙ୍କା ପ୍ରଦାନ କରିବା ପରେ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ସିଲ୍ ହୋଇଥିବା ଗାଡ଼ି ମୁକୁଳିଥିଲା। ବକେୟା ଅର୍ଥ ପ୍ରଦାନ ଓ ଏସଂକ୍ରାନ୍ତରେ ଶୁଣାଣି ନିମନ୍ତେ ୧୨ତାରିଖରେ ଅଦାଲତଙ୍କ ପକ୍ଷରୁ ତାରିଖ ଧାର୍ଯ୍ୟ ହୋଇଛି। ଅଭିଯୋଗକାରୀମାନଙ୍କ ପକ୍ଷରୁ ଆଇନଜୀବୀ ବନବିହାରୀ ପଣ୍ଡା ମାମଲା ପରିଚାଳନା କରୁଥିଲେ। ଏ ସଂକ୍ରାନ୍ତରେ ସତ୍ୟବାଦୀଙ୍କ ପୁଅ ପ୍ରମୋଦ କହିଛନ୍ତି, ବହୁ ବିଳମ୍ବରେ ହେଲେ ମାଧ୍ୟ ଆମ ହକ୍ ଆମକୁ ମିଳିଛି। ସଦର ତହସିଲଦାର ସ୍ୱାଧୀନ କୁମାର ବେହେରା କହିଛନ୍ତି, ଜମି ଅଧିଗ୍ରହଣରେ କ୍ଷତିପୂରଣ ବାବଦକୁ ଅର୍ଥ ଅଭିଯୋଗକାରୀ ପାଇ ସାରିଥିଲେ। ଆଉକିଛି ଟଙ୍କା ବାକିଥିଲା। ଏହା ପ୍ରଦାନରେ ବିଳମ୍ବ ହୋଇଥିଲା, ଯାହାକିଛି ସରକାରୀ ପ୍ରୋସେସରେ ବିଳମ୍ବ ହୋଇଛି। କାହାକୁ ଦୋଷାରୋପ କରିବାକୁ ଚାହୁଁନାହିଁ। ଅପରାହ୍ନରେ ସୁଧ ପ୍ରଦାନ ବାବଦକୁ ନିର୍ଦ୍ଦେଶ ଅନୁଯାୟୀ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି ବୋଲି ତହସିଲଦାର କୁହନ୍ତି।

# ଚନ୍ଦାହାଣ୍ଡି ଧରିତ୍ରୀ ଖବରଦାତା ଦିଲୀପ ଦାସଙ୍କ ପରଲୋକ

ନବରଙ୍ଗପୁର,୧୦।୧୨ (ସଦାଶିବ ପ୍ରହରାଜ)


ଦିଲୀପ ଦାସ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଧରିତ୍ରୀ ଖବରଦାତା ଦିଲୀପ ଦାସ (୫୪)ଙ୍କ ବୁଧବାର ସକାଳ ୯ଟାରେ ପରଲୋକ ଘଟିଛି। ସେ ୨୦୦୯ରୁ ଧରିତ୍ରୀ ଖବରଦାତାଭାବେ କାର୍ଯ୍ୟରତ ଥିଲେ। କିଛିଦିନ ହେବ କିଡ୍‌ନୀ ରୋଗରେ ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ସୋମବାର ଚନ୍ଦାହାଣ୍ଡିସ୍ଥିତ ନିଜ ଘରକୁ ଫେରିଥିଲେ। ତେବେ ବୁଧବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ବେଳକୁ ଦିଲୀପଙ୍କ ସ୍ତ୍ରୀ ଇନ୍ଦୁରେଖା, ଝିଅ ବର୍ଷା, ପୁଅ ଲିପୁନ, ପୁତୁରା ହିମାଂଶୁ, ଦୀପକ ପାଖରେ ଥିଲେ। ଦିଲୀପଙ୍କ ମୃତ୍ୟୁଖବର ପାଇ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ କ୍ଷେମାରାଜ୍ ବାଗ, ଏମ୍‌ଡି ହୁସେନ, ସମିତି ସଭ୍ୟ ସନ୍ତୋଷ ପଟ୍ଟନାୟକ, ଭାଜପା ନେତା ଆକୁଲ ଜାଲି, ଛତିଶଗଡ଼ ଗରିଆବନ୍ଧ ଜିଲା ପରିଷଦ ଅଧ୍ୟକ୍ଷ ଗୌରୀଶଙ୍କର କଶ୍ୟପ, ରାୟଗଡ଼ା ସଂସ୍କରଣ ମ୍ୟାନେଜର ବିକାଶ କୁମାର ପଲାଇ, ପ୍ରସାରଣ ବିଭାଗର ବିଶ୍ୱଜିତ୍ ପାଲଟାସିଂ, ଜିଲା ପ୍ରତିନିଧି ସଦାଶିବ ପ୍ରହରାଜ, ଝରିଗାଁ ପ୍ରତିନିଧି କିଶୋର ଚନ୍ଦ୍ର ମଣ୍ଡଳ, ଉମରକୋଟ ପ୍ରତିନିଧି ସନ୍ତୋଷ ଶତପଥୀ, ରାଇଘର ପ୍ରତିନିଧି କିରଣ ପଟ୍ଟନାୟକ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ଗାଁ ମଶାଣିରେ ଅନ୍ତିମ ସତ୍କାର କରାଯାଇଥିଲା। ପୁଅ ଲିପୁନ୍ ମୁଖାଗ୍ନି ଦେଇଥିଲେ।

# 'ଅପପ୍ରଚାରକୁ ପ୍ରତିହତ କର'

## ୮ ଘଣ୍ଟା ଚାଲିଲା ଭାଜପାର ପ୍ରଦେଶସ୍ତରୀୟ ସାଙ୍ଗଠନିକ କର୍ମଶାଳା

### ଯୋଗଦେଲେ ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ରାଜ୍ୟ ସଭାପତି

ଭୁବନେଶ୍ୱର, ୧୦।୧୨(ସୁନିତ୍ ମିଶ୍ର)

ଭାଜପା ପକ୍ଷରୁ ବୁଧବାର ପ୍ରଦେଶସ୍ତରୀୟ ସାଙ୍ଗଠନିକ କର୍ମଶାଳା ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା କର୍ମଶାଳାରେ ମୋଟ୍ ୩ଟି ସେସନରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବାସହ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏହା ଶେଷ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ(ସଙ୍ଗଠନ) ବି.ଏଲ୍.ସନ୍ତୋଷ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଭାଜପାର ଆଗାମୀ ଦିନର ରୋଡ୍ ମ୍ୟାପ୍ ପ୍ରସ୍ତୁତ ନେଇ ସବିଶେଷ ଆଲୋଚନା କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି କର୍ମଶାଳାରେ ମୁଖ୍ୟତଃ ନେତାମାନଙ୍କ ବ୍ୟକ୍ତିଗତ ଜୀବନ ତଥା ଲୋକଙ୍କ ପ୍ରତି ବ୍ୟବହାର ନେଇ ଆଲୋଚନା କରାଯାଇଛି। ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାରଧାରା ଅନୁଯାୟୀ ଦଳର କାର୍ଯ୍ୟ କିପରି ହେବା ଆବଶ୍ୟକ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା କିପରି ତୃଣମୂଳସ୍ତରରେ ପହଞ୍ଚିବ ତା' ଉପରେ ମଧ୍ୟ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଦଳ କିମ୍ବା ସରକାରକୁ ନେଇ ଯଦି ଅପପ୍ରଚାର ହୁଏ ତାକୁ କିଭଳି ପ୍ରତିହତ କରାଯିବ ସେନେଇ କର୍ମଶାଳାରେ ବୁଝାଯାଇଛି ବୋଲି ଜଣେ ନେତା ନିଜ ନାମ ଗୋପନ ରଖି କହିଛନ୍ତି।




ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ କର୍ମଶାଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି।

ବୈଠକ ପରେ ଗଣମାଧ୍ୟମକୁ ଦିଆଯାଇଥିବା ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ ଦଳର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ସହ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ସଙ୍ଗଠନ ସହ ସମନ୍ୱୟ କରି ଦେଶ ଏବଂ ଓଡ଼ିଶାର ବିକାଶ ପାଇଁ ବିଭିନ୍ନ ସମୟରେ ଭାଜପା ପକ୍ଷରୁ କର୍ମଶାଳା ଆୟୋଜନ କରାଯାଇଥାଏ। କର୍ମଶାଳା ମାଧ୍ୟମରେ ଭାଜପା ତା'ର ସଙ୍ଗଠନକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ କରାଇବା ପାଇଁ ପ୍ରୟାସ ଜାରି ରଖିଛି। ଦେଶ ଓ ରାଜ୍ୟର ବିକାଶରେ କାର୍ଯ୍ୟକର୍ତ୍ତାଙ୍କ ସହଯୋଗ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏହାସହ ସଙ୍ଗଠନକୁ ଅଧିକ ମଜଭୁତ କରିବା ଉପରେ କର୍ମଶାଳାରେ ଆଲୋଚନା କରାଯାଇଛି। କର୍ମଶାଳାରେ ସମସ୍ତ ରାଜ୍ୟ ପ୍ରଦାଧିକାରୀ, ମୋର୍ଚ୍ଚା ସଭାପତି, ଜିଲା ପ୍ରଭାରୀ, ଜିଲା ସଭାପତିମାନେ ଯୋଗଦେଇଥିଲେ।

# ହିମବାହର ଆବଶ୍ୟକତାକୁ ଗୁରୁତ୍ୱ

**ଅନ୍ତର୍ଜାତୀୟ ପର୍ବତ ଦିବସ**



ପ୍ରତିବର୍ଷ ଡିସେମ୍ବର ୧୧ରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ପର୍ବତ ଦିବସ'। ପର୍ବତର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି, ପର୍ବତ ବିକାଶରେ ସୁଯୋଗ ଓ ପ୍ରତିବନ୍ଧକକୁ ଉଜାଗର କରିବା ଏବଂ ବିଶ୍ୱର ପର୍ବତ ଓ ଉଚ୍ଚଭୂମିରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସହଭାଗିତା ଗଠନ ଏହି ଦିବସ ପାଳନର ଲକ୍ଷ୍ୟ। ପର୍ବତଗୁଡ଼ିକ ବିଶ୍ୱର ୧୫% ଜନସଂଖ୍ୟାର ବାସସ୍ଥାନ ଏବଂ ବିଶ୍ୱର ପ୍ରାୟ ଅଧା ଜୈବ ବିବିଧତାର ଆକର୍ଷଣୀୟ ସ୍ଥାନଗୁଡ଼ିକୁ ଆଶ୍ରୟ ଦିଅନ୍ତି। ଜଳବାୟୁ ପରିବର୍ତ୍ତନ ଏବଂ ଅତ୍ୟଧିକ ଶୋଷଣ ଯୋଗୁ ପର୍ବତଗୁଡ଼ିକ ମଧ୍ୟ ବିପଦରେ ପଡ଼ିଛନ୍ତି। ଜଳବାୟୁ ଉଷ୍ମ ହେବା ଯୋଗୁ ପର୍ବତ ହିମବାହ ତରଳେ, ଯାହା ନିମ୍ନଗାମୀ ମଧୁର ଜଳ ଯୋଗାଣକୁ ପ୍ରଭାବିତ କରିପାରେ।

୨୦୦୨ ମସିହାରେ ଜାତିସଂଘ ସାଧାରଣ ସଭା ଡିସେମ୍ବର ୧୧କୁ ଅନ୍ତର୍ଜାତୀୟ ପର୍ବତ ଦିବସ ଭାବରେ ନାମିତ କରିଥିଲା। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ(ଏଫ୍‌ଏଓ) ପର୍ବତ ସମସ୍ୟା ବିଷୟରେ ଅଧିକ ସଚେତନତା ବୃଦ୍ଧି ପାଇଁ ଏହି ଦିବସ ପାଳନ ଲାଗି ସମନ୍ୱୟ କରିଥାଏ। ତେବେ ପର୍ବତଗୁଡ଼ିକରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ପର୍ବତ ଦିବସ ୨୦୦୩ ମସିହାରେ ପ୍ରଥମ ଥର ଲାଗି ପାଳିତ ହୋଇଥିଲା। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ପାହାଡ଼ ଓ ତା' ବାହାରେ ଜଳ, ଖାଦ୍ୟ ଏବଂ ଜୀବିକା ପାଇଁ ହିମବାହ ଗୁରୁତ୍ୱପୂର୍ଣ୍ଣ। ଏହା ଜାତିସଂଘର ୨୦୨୫କୁ ଅନ୍ତର୍ଜାତୀୟ ହିମବାହ ସଂରକ୍ଷଣ ବର୍ଷ ଭାବରେ ଘୋଷଣା ସହିତ ସମନ୍ୱୟ ରଖି ଜଳ ସୁରକ୍ଷା, ଖାଦ୍ୟ, ସ୍ୱଚ୍ଛ ଶକ୍ତି ଓ ସାଂସ୍କୃତିକ ପରିଚୟରେ ହିମବାହର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଏସବୁର ସୁରକ୍ଷା ଲାଗି ଆବଶ୍ୟକତା ଉପରେ ଆଲୋକପାତ କରେ।

# କଂଗ୍ରେସ ନେତୃତ୍ୱକୁ ମୋକିମଙ୍କ ଚ୍ୟାଲେଞ୍ଜ

ଭୁବନେଶ୍ୱର/କଟକ,୧୦।୧୨ (ରବିନାରାୟଣ ଜେନା/କାର୍ତ୍ତିକ ସାହୁ)


ମହମ୍ମଦ ମୋକିମ

ସର୍ବଭାରତୀୟ ଏବଂ ରାଜ୍ୟସ୍ତରରେ କଂଗ୍ରେସ ନେତୃତ୍ୱକୁ ନେଇ ଦଳର ପୂର୍ବତନ ବିଧାୟକ ମହମ୍ମଦ ମୋକିମ ପ୍ରଶ୍ନ ଉଠାଇଛନ୍ତି। ଯୁବବର୍ଗଙ୍କୁ ସାଥିରେ ନେଇ ଦେଶ ତଥା ରାଜ୍ୟରେ କଂଗ୍ରେସ କିଭଳି ଆଗକୁ ବଢ଼ିପାରିବ ସେନେଇ ମୋକିମ ଏଆଇସିସିର ପୂର୍ବତନ ସଭାନେତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ସୋନିଆ ଗାନ୍ଧୀଙ୍କୁ ଚଳିତମାସ ୮ରେ ପତ୍ର ଲେଖି ଅବଗତ କରାଇଛନ୍ତି। ମୋକିମ ତାଙ୍କ ପତ୍ରରେ ଭକ୍ତଙ୍କ ନେତୃତ୍ୱକୁ ମଧ୍ୟ ସମାଲୋଚନା କରି ରାଜ୍ୟ ନେତୃତ୍ୱରେ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି।

ମୋକିମ କହିଛନ୍ତି, କଂଗ୍ରେସ ସହ ମୋର ଦଶନ୍ଧି ଦଶନ୍ଧି ଧରି ସମ୍ପର୍କ ରହିଆସିଛି। ଜିଲା ସଭାପତିଠାରୁ ଆରମ୍ଭକରି ବିଧାୟକ ପର୍ଯ୍ୟନ୍ତ ମୁଁ ଦଳ ପ୍ରତି ସମର୍ପିତ ମନୋଭାବ ନେଇ କାର୍ଯ୍ୟକରି ଆସିଛି। ତେବେ ଦଳର ପରାଜୟ ପଛରେ ଆମେ ଅନ୍ୟକୁ ଦୋଷ ଦେବା ଅପେକ୍ଷା ଦଳୀୟ ନିଷ୍ପତ୍ତିକୁ ଦାୟୀ ମନେକରୁଛି। ୨୦୨୩ରେ ଶରତ ପଟ୍ଟନାୟକଙ୍କୁ ପିସିସି ସଭାପତି କରାଯାଇଥିଲା। ତାଙ୍କ ସମୟରେ ଦଳ ଲଜ୍ଜାଜନକ ସ୍ଥିତି ତଥା ୧୩ପ୍ରତିଶତ ଭୋଟ ହାରକୁ ଖସିଥିଲା। ସେହିପରି ୩ଥର କ୍ରମାଗତ ଭାବେ ଲୋକ ସଭା ନିର୍ବାଚନ ହାରିଥିବା ଭକ୍ତଙ୍କୁ ୨୦୨୫ରେ ପିସିସି ସଭାପତି ଦାୟିତ୍ୱ ଦିଆଗଲା। ତାଙ୍କର ବ୍ୟକ୍ତିଗତ ବିଚାରଧାରା କଂଗ୍ରେସ ନୀତି ଆଦର୍ଶଠାରୁ ସମ୍ପୂର୍ଣ୍ଣ ଅଲଗା। ଜୟପ୍ରକାଶଙ୍କ ଆନ୍ଦୋଳନ ବେଳେ ସେ ଗାନ୍ଧୀ ପରିବାରକୁ ସମାଲୋଚନା କରିଥିଲେ। ଭକ୍ତ ଓ ତାଙ୍କ ପୁଅ କୋଶଳ ଆନ୍ଦୋଳନକୁ ସମର୍ଥନ କରିବା ଚିନ୍ତାଜନକ। ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ତାଙ୍କ ନେତୃତ୍ୱରେ ୮୩ ହଜାର ଭୋଟ ବ୍ୟବଧାନରେ ପରାଜିତ ହୋଇଛି। ନୂଆପଡ଼ା ଭକ୍ତଙ୍କ ସଂସଦୀୟ କ୍ଷେତ୍ର ହୋଇଥିଲେ ମଧ୍ୟ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ତୃଣମୂଳସ୍ତରର କର୍ମୀ ଏବେ ନେତାଙ୍କଠାରୁ ଦୂରେଇ ଯାଉଛନ୍ତି।

ମୋକିମ ଆହୁରି କହିଛନ୍ତି, ମୁଁ ଜଣେ ପୂର୍ବତନ ବିଧାୟକ ହେବା ସତ୍ତ୍ୱେ ୩ ବର୍ଷ ଧରି ରାହୁଲ ଗାନ୍ଧୀଙ୍କୁ ଭେଟିବାର ସୁଯୋଗ ପାଉନାହିଁ। ତୃଣମୂଳସ୍ତରରେ ବୁଥ୍ କର୍ମକର୍ତ୍ତା, ବ୍ଲକ ସଭାପତି ଓ ଜିଲାସ୍ତରୀୟ ନେତୃବୃନ୍ଦ ହେଉଛନ୍ତି କଂଗ୍ରେସର ମେରୁଦଣ୍ଡ। ହେଲେ ସେମାନେ ରାଜ୍ୟ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିପାରୁନାହାନ୍ତି। ବଡ଼କଥା ହେଲା, ୩୫ ବର୍ଷରୁ କମ୍ ବୟସ୍କ ପ୍ରାୟ ୬୫ପ୍ରତିଶତ ଯୁବବର୍ଗ କଂଗ୍ରେସ ପ୍ରତି ବିମୁଖ ରହିଛନ୍ତି। ଅପରପକ୍ଷେ କଂଗ୍ରେସର ସଙ୍ଗଠନ ସୃଜନ ଏବେ ବଳିଷ୍ଠ ପଦକ୍ଷେପ। ମାତ୍ର ଯେଉଁମାନଙ୍କୁ ଲୋକେ କ୍ଷଷ୍ଟତମ ପସନ୍ଦରେ ରଖୁଛନ୍ତି ସେମାନଙ୍କୁ ଜିଲାସ୍ତରରେ ସଭାପତି ନିଯୁକ୍ତ କରାଯାଉଛି। ଏହା ଦଳ ପ୍ରତି ଆନୁଗତ୍ୟ ରଖୁଥିବା କଂଗ୍ରେସପ୍ରେମୀଙ୍କୁ ନିରାଶ କରୁଛି। ଏହାକୁ ଦୃଷ୍ଟିରେ ରଖି ଯୁବବର୍ଗଙ୍କୁ ଆଗକୁ ଆଣିବା ସହିତ କଂଗ୍ରେସ ନେତୃତ୍ୱରେ ନବକଳେବର ତୁରନ୍ତ କରାଯାଉ ବୋଲି ମୋକିମ ତାଙ୍କ ପତ୍ରରେ ଦର୍ଶାଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।
- ସତ୍ୟମ୍ ଶିବମ୍ ସୁନ୍ଦରମ୍ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ୧୬ତମ ଭାରତମୁନୀ ଫେଷ୍ଟିଭାଲ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଶ୍ୱେତପଦ୍ମ ସାଂସ୍କୃତିକ ପରିବାର ପକ୍ଷରୁ ୧୨ତମ ଓଡ଼ିଆ ମଞ୍ଚ ନାଟକ ମେଳା ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର

- ଜିଲାସ୍ତରୀୟ ଯୁବ ମହୋତ୍ସବ, ସ୍ଥାନ: ଏଫ୍‌ଏମ୍ ଅଟୋନୋମସ୍ କଲେଜ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମରଣିକା ଉନ୍ମୋଚନ ଉତ୍ସବ, ସ୍ଥାନ: କୁଆଗଡିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବ୍ୟାଙ୍କ ମିତ୍ର ବୈଠକ, ସ୍ଥାନ : ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୧୦ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫, ସ୍ଥାନ: ସରକାରୀ ପିମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ , କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ସାଇବର ସେଫ୍‌ଟି ସଚେତନତା ପ୍ରୋଗ୍ରାମ, ସ୍ଥାନ: ସେଲ ଅଡିଟୋରିୟମ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ମୟୂରଭଞ୍ଜ

- ଚିତ୍ରଡ଼ା-କାକୁଡିହା ପ୍ରିମିୟର ଲିଗର ଫାଇନାଲ ମ୍ୟାଚ,ସ୍ଥାନ:ଚିତ୍ରଡ଼ା-କାକୁଡିହା ପଡ଼ିଆ, ମୋରଡ଼ା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଭାରତୀୟ ଭାଷା ଉତ୍ସବ ପାଳନ, ସ୍ଥାନ: ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଖଲିକୋଟ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ୪ର୍ଥ ରାଜ୍ୟ ପୋଲିସ ବ୍ୟାଟମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ହିଞ୍ଜିଳିକାଟୁ ଇନଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଭାରତୀୟ ଭାଷା ଦିବସ ପାଳନ, ସ୍ଥାନ: ବୁଗଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ବିକାଶ ପରିଷଦର ଖବରଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜନଗର ଜଳସମ୍ପଦ ବିଭାଗ ଡାକବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ

- ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ସେଣ୍ଟର ଅଫ୍ ଏଜୁକେଶନ, ମାତୃଭବନ, ବାରଦା, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଲିନ୍ ସ୍କିମ ଉପରେ କର୍ମଶାଳା, ସ୍ଥାନ: ସିପେଟ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା୩୦ ।
- ପୌରପରିଷଦ ଭେଣ୍ଡିଂ ଜୋନ ବ୍ୟବସାୟୀଙ୍କ ଉପଲକ୍ଷେ କର୍ମଶାଳା, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ ,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ କ୍ରିକେଟ ମ୍ୟାଚ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ମଦନମୋହନ ସ୍ୱାଇଁ ଫାଉଣ୍ଡେଶନର ଉଦ୍‌ଘାଟନ ସମାରୋହ ଓ ଆଲୋଚନାଚକ୍ର, ସ୍ଥାନ: ଯାଜପୁର ରୋଡ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଯାଜପୁର ରୋଡ କାଳୀ ମେଳନ ପଡିଆ, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୧୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା । ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦ ।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିବସରେ ଗୋପୀନାଥପୁର ବନାମ କଣ୍ଟିଲୋ ବରୁଣେଇ (ଏ), ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ନୀଳମାଧବଙ୍କ ପୋଷ୍ୟ ପୂର୍ଣ୍ଣିମା ଅବସରରେ ସୁନାବେଶ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ:ଅପରାହ୍ନ ୫ଟା ।
- ସୁନାଖଳା ମହୋତ୍ସବର ୪ର୍ଥ ଦିବସ, ସ୍ଥାନ:ସିଟି ସ୍କୁଲ ପଡିଆ ସୁନାଖଳା, ସମୟ:ସନ୍ଧ୍ୟା ୬ଟା ।

## ନବରଙ୍ଗପୁର

- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ତେନ୍ତୁଳିଖୁଣ୍ଟି ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଡାବୁଗାଁ ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ, ସ୍ଥାନ: ଡାବୁଗାଁ ବ୍ଲକ ଭୈରବ ମନ୍ଦିର ନିକଟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଲାଇବ୍ରେରୀ ଅଡିଟୋରିୟମ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।

- ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଖବରଦାତା ସମ୍ମିଳନୀ, ସ୍ଥାନ: ପିଡବ୍ଲୁଡିଆଇବି, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ୨୦୨୫ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ : ମଣ୍ଡେଇ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- କୁନ୍ଦୁରା ପଞ୍ଚାୟତ ସମିତି ପକ୍ଷରୁ ଅନ୍ତୋଦୟ ଆବାସ ମେଳା, ସ୍ଥାନ: କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା କାର୍ଯ୍ୟକ୍ରମ, ସ୍ଥାନ:ଦଶମନ୍ତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୫୦।
- ଏପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ଖେଳ ସହ ଉଦଯାପନୀ ସମାରୋହ, ସ୍ଥାନ: ହାଲ ଖେଳ ପଡ଼ିଆ, ସୁନାବେଡ଼ା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ମନଜିତ ସେଠ ସ୍ମୃତି ସଭା, ସ୍ଥାନ : କବରାପାଲି ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା।
- ବ୍ରଜ ମହୋତ୍ସବ-୨୫, ସ୍ଥାନ : ସାକ୍ଷୀପଡା ସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ : ଅପରାହ୍ନ ୨ଟା।
- ସମ୍ବଲପୁରୀ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୫ଟା।
- ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରସ୍ତୁତି ବୈଠକ, ସ୍ଥାନ : ଝାଡୁଆପଡା ସ୍ଥିତ ଯୁବ ଉଦୟନ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଓଡ଼ିଶା-କର୍ନାଟକ କୁଚ୍ ବିହାର ଟ୍ରଫି ତୃତୀୟ ଦିବସ ମ୍ୟାଚ୍, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୯ଟା।

## ରାଉରକେଲା

- ସାଂସଦ ଖେଳ ମହୋତ୍ସବର ଚତୁର୍ଥ ଦିବସ ଖେଳକୁଦ, ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ ଷ୍ଟିଡିୟମ,ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ସାଧନା ଶିବିରର ଉଦଯାପନୀ ସମାରୋହ କାର୍ଯ୍ୟକ୍ରମ,ସ୍ଥାନ: ସେକ୍ଟର-୭ ଶିବାନନ୍ଦ ଆଶ୍ରମ,ସମୟ:ସକାଳ ୯ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବ ୧୦ମ ସନ୍ଧ୍ୟା ନାଟକ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫ମିନିଟ।
- ଆୟୁଷ କଲେଜର ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ, ସ୍ଥାନ : ରାଉରକେଲା ହୋମିଓପାଥି ଆୟୁଷ କଲେଜ, ସମୟ: ସକାଳ ୯ଟା
- ବଜରଙ୍ଗ ଦଳ ପକ୍ଷରୁ ଗୀତା ଜୟନ୍ତୀ ମାସ ଅବସରରେ ଆଧ୍ୟାତ୍ମିକ ଶୋଭାଯାତ୍ରା, ସ୍ଥାନ: ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ ଶିକ୍ଷକ ତାଲିମ ଶିବିରର ୪ର୍ଥ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଏୟାରପୋର୍ଟ କମିଟି ପକ୍ଷରୁ ଷ୍ଟ୍ରିଟ୍ କର୍ନର ମିଟିଂ, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ନ ୫ଟା।

## ବରଗଡ଼

- ମାଗଣା ସ୍ୱାସ୍ଥ୍ୟ ଶିବିର,ସ୍ଥାନ: ଡଭା, ଝାରବନ୍ଧ,ସମୟ: ସକାଳ ୯ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ,ସ୍ଥାନ:ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା ୩୦ ।

## କଳାହାଣ୍ଡି

- ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଅଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଭୈରବୀ ଖେଳ ପଡ଼ିଆ ବୌଦ୍ଧ, ସମୟ:ସନ୍ଧ୍ୟା ୭ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତୀ, ସ୍ଥାନ: ଦେବଗଡ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦ ।
- ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ୨୧ତମ ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ଦେବଗଡ଼ ସହର ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୋନପୁର ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡା ଦିବସ ପାଳନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦ ।
- ସୋନୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ ,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୋନପୁର ପିପିଲିପାଲିସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ପରିସର, ସମୟ: ଅପରାହ୍ନ ୩ଟା।
- ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପର ଟଏସ୍ ଲକିଂ ଉତ୍ସବ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଝାରସୁଗୁଡ଼ା ମନମୋହନ ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

# 'ପର୍ ଡ୍ରପ୍ ମୋର୍ କ୍ରପ୍' ଖର୍ଚ୍ଚ ବଢ଼ାଅ

### ସବୁ ଜିଲା ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୨(ରବିନାରାୟଣ ଜେନା) କୃଷି ଓ କୃଷକଙ୍କ ହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ଏବଂ ରାଜ୍ୟ ସରକାର ବହୁବିଧ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ବାସ୍ତବକ୍ଷେତ୍ରରେ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଏହା ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ କୃଷକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଲାଗି ସରକାର ଯେଉଁ ଲକ୍ଷ୍ୟ ରଖୁଛନ୍ତି ତାହା ସାଧିତ ହୋଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ହ୍ରାସ ପାଉଥିବା କେନ୍ଦ୍ରୀୟ ଯୋଜନା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଏବଂ 'ପର୍ ଡ୍ରପ୍ ମୋର୍ କ୍ରପ୍' ଖର୍ଚ୍ଚକୁ ନେଇ ଉଦ୍ୟାନ କୃଷି ବିଭାଗ ଚିନ୍ତା ପ୍ରକଟ କରିଛି। ଏହି ଯୋଜନାରେ ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଲକ୍ଷ୍ୟଧାର୍ଯ୍ୟ ହ୍ରାସ ପାଉଥିବାରୁ ଏହା କିଭଳି ବୃଦ୍ଧି ପାଇବ, ସେନେଇ ବିଭାଗ ଗୁରୁତ୍ୱ ଦେଇଛି। ଏ ସଂକ୍ରାନ୍ତରେ ଉଦ୍ୟାନ କୃଷି ନିର୍ଦ୍ଦେଶକ କେ. ଗୋରଖ ଓ୍ୱାମାନ ସବୁ ଜିଲାର ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କୁ ନିକଟରେ ପତ୍ର ଲେଖି ଏ ଦିଗରେ ତୁରନ୍ତ ଧ୍ୟାନଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଦର୍ଶାଇଛନ୍ତି, ଚାଷୀମାନଙ୍କ କ୍ଷେତରେ କିଭଳି ପାଣି ପହଞ୍ଚିବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆଯାଉଛି। ହେଲେ ବିଭାଗ ଯେଉଁ ଲକ୍ଷ୍ୟଧାର୍ଯ୍ୟ ରଖିଥିଲା ତାହା ପୂରଣ ହୋଇପାରୁନାହିଁ। ଏହାକୁ ନେଇ ତୁରନ୍ତ ଯେଉଁସବୁ କ୍ଷେତକୁ 'ପର୍ ଡ୍ରପ୍ ମୋର୍ କ୍ରପ୍'ରେ ଅନ୍ତର୍ଭୁକ୍ତ କରାଯାଇଛି ତାକୁ ଜିଓଟ୍ୟାଗିଂ କରି ବିଭାଗକୁ ଜଣାଇବାକୁ ସେ ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ ବିଭାଗର ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ସବୁ ରାଜ୍ୟକୁ ଯେଉଁ ସହାୟତା ମିଳୁଛି ସେଥିରେ ଓଡ଼ିଶାର ଦୁର୍ବଳ ସ୍ଥିତି ରହିଛି। ୨୦୨୪-୨୫ ବର୍ଷରେ ଓଡ଼ିଶା ଯେଉଁ ଟାର୍ଗେଟ୍ ରଖିଥିଲା ତାହା ୨୦୨୫-୨୬ ବର୍ଷ ବେଳକୁ ପ୍ରାୟ ୬୫ପ୍ରତିଶତ ହ୍ରାସ ପାଇଛି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟ ଏହି ଯୋଜନାରେ ୮୫୬ କୋଟି ଟଙ୍କାର ସିଂହଭାଗ ସହାୟତା ହାତେଇବାକୁ ସକ୍ଷମ ହେଉଥିବାବେଳେ ଓଡ଼ିଶା ଏକ୍ଷେତ୍ରରେ ମାତ୍ର ୯୦ କୋଟିରେ ସୀମିତ ରହୁଛି। ତେବେ ଗୁଜରାଟ ୮୮୩.୭୫ କୋଟି, କର୍ନାଟକ ୬୮୩. ୪୭ କୋଟି, ଉତ୍ତରପ୍ରଦେଶ ୬୧୦.୪୩ କୋଟି, ତାମିଲନାଡୁ ୫୯୨.୦୫ କୋଟି ମହାରାଷ୍ଟ୍ର ୪୭୭.୨୬ କୋଟି ଏବଂ ମଧ୍ୟପ୍ରଦେଶ ୩୨୫.୬୩ କୋଟି ଟଙ୍କା ପାଇବାକୁ ସକ୍ଷମ ହୋଇପାରୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଜାତିକୁ ବଣିଜ ଅଡୁଆ,**
**ମାଳୀକି ଛେଳି ଅଡୁଆ ।**

ପୂର୍ବ କାଳରେ ଗୋଟିଏ ଜାତିର ଲୋକେ ଗୋଟିଏ ପ୍ରକାର ବଣିଜ ବା ବେପାର କରୁଥିଲେ । ସେମାନେ ସେ ବେପାରର ସମସ୍ତ ତତ୍ତ୍ୱ ବା ହାନିଲାଭ ବେଶ୍ ଭଲ ଭାବେ ଜାଣିଥିଲେ । ଅନ୍ୟ ଜାତିର ଲୋକେ ସେ ବେପାର କଲେ ସେଥିରେ ସେତେଟା ପ୍ରତିଷ୍ଠା ପାଇପାରୁ ନ ଥିଲେ। ତେଣୁ ଯେଉଁ ବ୍ୟକ୍ତିର ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଦକ୍ଷତା ନାହିଁ ସେ ସେଭଳି କାର୍ଯ୍ୟରେ ହାତ ଦେବା ଠିକ୍ ନୁହେଁ। ସେହିପରି ଛେଳି ଗଛ ପତ୍ର ଆଦି ଖାଇଦେଉଥିବାରୁ ମାଳୀ ପାଇଁ ଛେଳି ରଖିବା ଲାଭଜନକ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆହା ଆହା କରୁଥାଏ**
**ସାହା ହେବାକୁ ଡରୁଥାଏ ।**

ବିପଦରେ ପଡ଼ିଥିବା ବ୍ୟକ୍ତିଙ୍କୁ ସାଧମତେ ସାହାଯ୍ୟ ସହାନୁଭୂତି ଦେଖାଇବା ଉଚିତ। ମୁହଁ ଉପରେ କେବଳ ଆହା ଆହା କଲେ ବା ମୌଖିକ ସମବେଦନା ଜଣାଇଲେ କିଛି ଲାଭ ମିଳି ନ ଥାଏ । ସାହାଯ୍ୟ କରିବାନେଇ କୁଣ୍ଠା ପ୍ରକାଶ କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### କେନ୍ଦ୍ର ଅସହାୟ ...

ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହା ଉପରେ ଦାଖଲ ପିଆଇଏଲ୍‌ର ଶୁଣାଣି କରି ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଓ ଜଷ୍ଟିସ୍ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠ କହିଛନ୍ତି, ସମ୍ପ୍ରତି ଉପୁଜିଥିବା ସ୍ଥିତିରୁ ଅନ୍ୟ ଏୟାରଲାଇନ୍ସ ଫାଇଦା ନେଇପାରନ୍ତି। ଯାତ୍ରୀମାନଙ୍କଠାରୁ ଟିକେଟ ବାବଦକୁ ମୋଟା ଅଙ୍କର ଅର୍ଥ ଅସୁଲ କରାଯାଉଛି। ଯେଉଁ ଟିକେଟ ୫,୦୦୦ ଟଙ୍କାରେ ମିଳୁଥିଲା ତାହା ବର୍ତ୍ତମାନ ୩୦ରୁ ୩୫ ହଜାରରେ ଉପଲବ୍ଧ। ଯଦି ଏପରି ସଙ୍କଟ ରହିଛି ତେବେ ଅନ୍ୟ ଏୟାରଲାଇନ୍‌ଗୁଡ଼ିକୁ ଲାଭ ଉଠାଇବା ପାଇଁ କିପରି ଅନୁମତି ଦିଆଯାଇ ପାରିବ ? ଅନ୍ୟ ଏୟାରଲାଇନ୍ସ ୩୫,୦୦୦ରୁ ୩୯,୦୦୦ ଟଙ୍କା ପର୍ଯ୍ୟନ୍ତ କିପରି ନେଉଛନ୍ତି? ଏୟାରଲାଇନ୍ ନିୟମଗୁଡ଼ିକର ଅନୁପାଳନରେ ବିଫଳ ହେଲେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କ'ଣ ନିୟମ ରହିଛି ? କେନ୍ଦ୍ର ସରକାର କ'ଣ ଅସହାୟ ବୋଲି ମୁଖ୍ୟ ବିଚାରପତି ପ୍ରଶ୍ନ କରିଛନ୍ତି। ଜାନୁଆରୀ ୨୨ରେ ଏହା ଉପରେ ପରବର୍ତ୍ତୀ ଶୁଣାଣି କରାଯିବ। କମିଟି ପକ୍ଷରୁ ଆରମ୍ଭ ହୋଇଥିବା ତଦନ୍ତ ଶେଷ ହେବା ମାତ୍ରେ ଜଉମୁଦ ଲଫାପାରେ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ଖଣ୍ଡପୀଠ ପ୍ରଶଂସା କରିଥିବାବେଳେ କେଉଁ ପରିସ୍ଥିତିରେ ଏଭଳି ଘଟିଲା ବୋଲି ଚିନ୍ତାବ୍ୟକ୍ତ କରିଛନ୍ତି। ଏଭଳି ସ୍ଥିତି ଲାଗିରହିବାରୁ ସାରା ଦେଶରେ ଅନେକ ଲକ୍ଷ ଯାତ୍ରୀ ଫସିରହିଲେ। ଏହା କେବଳ ଯାତ୍ରୀଙ୍କୁ ଅସୁବିଧାରେ ପକାଇନାହିଁ, ବରଂ ଦେଶର ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରିଛି। କାରଣ ଆଜିର ଦିନରେ ଯାତ୍ରୀମାନଙ୍କ ଦ୍ରୁତ ଯାତାୟାତ ଆର୍ଥିକ ପ୍ରଗତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ବିଷୟ ଆମେ ସଂଜ୍ଞାନକୁ ନେଇଛୁ। ପର୍ଯ୍ୟାପ୍ତ ସଂଖ୍ୟକ ପାଇଲଟ୍‌ଙ୍କୁ ନିୟୋଜିତ କରି ସ୍ଥିତି ସ୍ୱାଭାବିକ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟ ବିଚାରପତି କହିଛନ୍ତି। ଇତିମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏହାର ତଦନ୍ତ ଓ ସମାଧାନ ପାଇଁ ଏକ ଅନୁଧ୍ୟାନକାରୀ ଟିମ୍ ଗଠନ କରାଯାଇଛି। ଏହି ୮ ଜଣିଆ ଟିମ୍‌ରେ ବରିଷ୍ଠ ଅଧିକାରୀ, ଡେପୁଟି ଓ ସିନିୟର ଫ୍ଲାଇଟ୍ ଅପରେଶନ୍ସ ଇନ୍‌ସ୍ପେକ୍ଟରମାନଙ୍କୁ ରଖାଯାଇଛି।

### ମହାନଦୀ ଜଳ ବିବାଦ: ...

ଆହୁରି ବ୍ୟାରେଜ ନିର୍ମାଣ କରିବା କଥା। ରାଜନୈତିକ ସମାଧାନ ହୋଇଗଲେ ମହାନଦୀକୁ ନେଇ ଲାଗି ରହିଥିବା ଜଳ ବିବାଦ ତୁଟିଯିବ ବୋଲି ଜୟନାରାୟଣ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି, ବିଜେଡି ସରକାର ସମୟରେ ବାରମ୍ବାର ସର୍ବଦଳୀୟ କମିଟି ଗଠନ ପାଇଁ କୁହାଯିବା ସତ୍ତ୍ୱେ ସେମାନେ ଶୁଣି ନ ଥିଲେ। ଏବକାର ସରକାର ସର୍ବଦଳୀୟ କମିଟି ଗଠନ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଫଳ କ'ଣ ହେବ ସେ କଥା ଅଲଗା, କିନ୍ତୁ ବର୍ତ୍ତମାନ ସରକାର ସମସ୍ତଙ୍କ ମତ ଜାଣିବାକୁ ଚେଷ୍ଟା କରିଛନ୍ତି। କେଉଁଟା ଠିକ୍ ବା ଭୁଲ, ସେକଥା ଲୋକେ ବିଚାର କରିବେ ବୋଲି ନରସିଂହ କହିଛନ୍ତି।

ସୂଚନାଯୋଗ୍ୟ, ଜଳ ସମ୍ପଦ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାବେଳେ ଗତ ୪ ତାରିଖରେ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ପଡ଼ୋଶୀ ଛତିଶଗଡ଼ ସହ ମହାନଦୀ ଜଳକୁ ନେଇ ଲାଗି ରହିଥିବା ବିବାଦର ସମାଧାନ ଖୁବ୍‌ଶୀଘ୍ର ଆଇନଗତ ଏବଂ ଶାନ୍ତିପୂର୍ଣ୍ଣ ଭାବେ ହେବ। ଏହାର ସମାଧାନ ଲାଗି ଗତ ଦେଢ଼ବର୍ଷ ହେଲା ରାଜ୍ୟ ସରକାର ଆଇନଗତ ଏବଂ ଆପୋସ ବୁଝାମଣା ଉଦ୍ୟମ ଜାରି ରଖିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରତିକ୍ରିୟା ଦେଇ କହିଛନ୍ତି, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏ ବାବଦରେ କଥାବାର୍ତ୍ତା ଜାରି ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇଷ୍ଟର୍ନ ଜୋନାଲ କନ୍‌ଫରେନ୍ସରେ ମଧ୍ୟ ଏ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ମାଧ୍ୟମରେ ୨ ରାଉଣ୍ଡ ଆଲୋଚନା ସରିଲାଣି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମହାନଦୀ ପ୍ରସଙ୍ଗକୁ ନେଇ ୨୦୧୮ରୁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଯାଇଛନ୍ତି। ଓଡ଼ିଶା ସରକାର ଅଭିଯୋଗ କରିଥିଲେ, ଛତିଶଗଡ଼ ସରକାର ଉପରମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ଖରାଦିନରେ ମହାନଦୀର ତଳମୁଣ୍ଡକୁ ଯେତିକି ଜଳ ଆସିବା କଥା ଆସୁନାହିଁ। ଫଳରେ ଓଡ଼ିଶାରେ ମହାନଦୀ କୂଳରେ ରହିଥିବା ଗ୍ରାମବାସୀ, ଚାଷୀ ସମସ୍ତେ ହଇରାଣ ହେଉଛନ୍ତି। ବିଜେଡି ସରକାର ସମୟରେ ଏହି ପ୍ରସଙ୍ଗକୁ ନେଇ ଅନେକ ଘଟଣା ଦେଖାଦେଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରି ନ ଥିଲା। ଏବେ ଉଭୟ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ଥିବା ଯୋଗୁ ମହାନଦୀ ଜଳ ବିବାଦର ସମାଧାନ ହେବା ସମ୍ଭାବନା ଦେଖାଦେଇଛି। ଟ୍ରିବ୍ୟୁନାଲରେ ମାମଲା ଚାଲିଥିବା ବେଳେ ସେଠାରେ ଉଭୟ ରାଜ୍ୟ ଆପୋସ ବୁଝାମଣା ଭିତରେ ଏହି ସମସ୍ୟାର ସମାଧାନ କରିବେ ବୋଲି ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ଏହା ପରଠାରୁ ଉକ୍ତ ପ୍ରସଙ୍ଗରେ ଆପୋସ ସମାଧାନ ନେଇ ଚର୍ଚ୍ଚା ଲାଗି ରହିଛି।

### ୟୁନେସ୍କୋର ସାଂସ୍କୃତିକ ...

ସାର୍ବଜନୀନ ବାର୍ତ୍ତା ଦିଏ। ଏହି ପର୍ବ ଭାରତ ଏବଂ ବିଶ୍ୱର ଅନ୍ୟାନ୍ୟ ଦେଶରେ ଅନେକ ଲକ୍ଷ ଲୋକଙ୍କ ଦ୍ୱାରା କିଛି ଦିନ ଧରି ପାଳନ କରାଯାଏ। ଏଥିରେ ଘର ସଜାଇବା, ଦୀପ ଜଳାଇବା, ପୂଜାର୍ଚ୍ଚନା ଏବଂ ଉପହାର ଆଦାନ ପ୍ରଦାନ ଭଳି ବିଭିନ୍ନ ପ୍ରଥା ସାମିଲ ରହିଛି। ଏହି ପରମ୍ପରା ପରିବାର ଏବଂ ସମ୍ପ୍ରଦାୟ ମଧ୍ୟରେ ପିଢ଼ିରୁ ପିଢ଼ିକୁ ଅନୌପଚାରିକ ଭାବରେ ହସ୍ତାନ୍ତରିତ ହୋଇଆସିଛି, ଯାହା ସାମାଜିକ ବନ୍ଧନ ଏବଂ ଏକ ସାଧାରଣ ପରିଚୟକୁ ସୁଦୃଢ଼ କରିଆସିଛି। ୟୁନେସ୍କୋର ଏହି ସ୍ୱୀକୃତି ଅନ୍ତର୍ଜାତୀୟ ଦୃଶ୍ୟମାନତା ଯୋଗାଇଥାଏ। ଦୀପାବଳିକୁ ମିଶାଇ ଭାରତର ବର୍ତ୍ତମାନ ୟୁନେସ୍କୋ ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ୧୬ଟି ବିଷୟ ରହିଛି। ସେଗୁଡ଼ିକ ମଧ୍ୟରେ କୁମ୍ଭମେଳା, କୋଲକାତାର ଦୁର୍ଗାପୂଜା, ଯୋଗ, ଗୁଜରାଟର ଗରବା ନୃତ୍ୟ, ବୈଦିକ ମନ୍ତ୍ର, ରାମଲୀଳା ଆଦି ପ୍ରମୁଖ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁନେସ୍କୋର ଏହି ଘୋଷଣାକୁ ସ୍ୱାଗତ କରି କହିଛନ୍ତି, ଏହା ଦୀପାବଳିର ବୈଶ୍ୱିକ ଲୋକପ୍ରିୟତାରେ ସହାୟକ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ନେଇ ମାନସିକ ଉଦ୍‌ବେଗ ବୃଦ୍ଧି ପାଇବ। ଅର୍ଥର ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ତ୍ୱରାନ୍ୱିତ କରିବ। ଆଲୋଚନା ପରିସରରେ ମତପାର୍ଥକ୍ୟ କାରଣରୁ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରିବେ ନାହିଁ। ଆଜିର ଯାତ୍ରା, ବାଣିଜ୍ୟ ଓ ଜିଣାବିକା କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ।

**ବୃଷ** ଉଚ୍ଚକର୍ତ୍ତୃପକ୍ଷଙ୍କ ବାଚନିକ ପ୍ରତିଶ୍ରୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବ। ଭାଗୀଦାର ବ୍ୟବସାୟରେ ସହକର୍ମୀମାନଙ୍କ ଭୁଲ୍ ସକାଶେ ନିଜକୁ ଦାୟୀ ହେବାକୁ ପଡ଼ିପାରେ। ପଡ଼ୋଶୀଙ୍କ ଜରିଆରେ ଆଶା କରିଥିବା ଦିଗରୁ କୌଣସି ମୂଲ୍ୟବାନ୍ ଜିନିଷ ପ୍ରାପ୍ତି ହେବାର ଆଶା ରହିଛି। ବନ୍ଧୁଗହଣରେ ଅପ୍ରିୟ ସତ୍ୟ କହି ସମାଲୋଚିତ ହୋଇପାରନ୍ତି।

**ମିଥୁନ** ସୁସମ୍ପର୍କ ଅଭାବରୁ ପଡ଼ୋଶୀଙ୍କ ଅସହଯୋଗ କାମପାଇଁ ପ୍ରତିବନ୍ଧକ ସୃଷ୍ଟି କରିବ। କଠିନ ଶ୍ରମ ଓ ଅତ୍ୟଧିକ ଭ୍ରମଣଜନିତ ପୁରାତନ ରୋଗର ପୀଡ଼ା କ୍ରମଶଃ ବୃଦ୍ଧି ପାଇପାରେ। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ବନ୍ଧୁଙ୍କ ପାଖରେ ଅଟକି ରହିଥିବା ବକେୟା ଟଙ୍କାକୁ କେନ୍ଦ୍ରକରି ବଚସା ସୃଷ୍ଟିର ସୂଚନା ରହିଛି।

**କର୍କଟ** ଆଜି ବାଣିଜ୍ୟ, ବନ୍ଧୁସମ୍ପର୍କ ଓ ପରିବହନାଦି କ୍ଷେତ୍ରରେ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। କାମ ସାରିବା ପରେ ଭଲମନ୍ଦର ବିଚାର କରି ଅସ୍ଥିରତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ସହ ଯୋଗାଯୋଗ କରିବାକୁ ପଡିପାରେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ସିଂହ** ପାରିବାରିକ ସ୍ଥିତି ଓ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇଯିବାରୁ ସାହାଯ୍ୟ ପ୍ରାପ୍ତିର ଆଶା ନିରର୍ଥକ ହେବ। ଗତକାଲିର ଯୋଜନା ବଦଳାଇବା କଷ୍ଟକର ହେବାର ସୂଚନା ରହିଛି। ଦୈହିକ ଓ ମାନସିକ ସୁସ୍ଥତା କେତେକାଂଶରେ ପରିସ୍ଥିତିକୁ ଲାଘବ କରିପାରେ।

**କନ୍ୟା** କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତି ଫୁସୁଲାଫୁସୁଲି କରି ଫାଇଦା ହାସଲ ପାଇଁ ଚେଷ୍ଟା କରିପାରନ୍ତି। ସଭାସମିତିରେ ପାଣ୍ଡିତ୍ୟ ପ୍ରକାଶ ଯୋଗୁ ବୁଦ୍ଧିଜୀବୀଙ୍କ ସହ ସୁସମ୍ପର୍କ ସ୍ଥାପିତ ହୋଇପାରେ। ଅର୍ଥନୈତିକ, ପାରିବାରିକ ପରିସ୍ଥିତି ଓ ବିବାଦୀୟ ଘଟଣା ସକାଶେ ଉଦ୍‌ବେଗ ବୃଦ୍ଧି ପାଇବ। ଆଜିର ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**ତୁଳା** ପାରିବାରିକ ଅସୁବିଧା ଦୂର କରିବା ପାଇଁ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଆଶା କରିପାରନ୍ତି। ପ୍ରକାଶନ, ପ୍ରଶାସନ, କଚେରି ମାମଲା ଏବଂ ଆଇନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବିତ କରିବାର ଆଶଙ୍କା ରହିଛି। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା କାର୍ଯ୍ୟକୁ ଭଣ୍ଡୁର କରିଦେଇପାରେ।

**ବିଛା** ପରିସ୍ଥିତିକୁ ସୁଧାରିବାର ଚେଷ୍ଟା କରି ଅସଫଳ ହେବାରୁ ମାନସିକ ବ୍ୟଥା ଅନୁଭବ କରିବେ। ମକଦ୍ଦମା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା ସଫଳତା ପ୍ରାପ୍ତିର ସୂଚନା ରହିଛି। ବାଧତାମୂଳକ ସରକାରୀ କାମରେ ଯାତ୍ରା ବ୍ୟଥିତ କରାଇପାରେ। ପାରିବାରିକ କ୍ଷେତ୍ରରେ ଯଥା ସମ୍ଭବ ପରିସ୍ଥିତି ପ୍ରତି ସଜାଗ ରହି ଚଳିଲେ କିଛି ଅସୁବିଧା ହେବନାହିଁ।

**ଧନୁ** ପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସମର୍ଥ ହେବେ। କିନ୍ତୁ ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ମନ ଆନମନା ହୋଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ କିନ୍ତୁ ଏଥିପାଇଁ ବହୁତ ଝିନ୍‌ଝଟ୍ ହେବାକୁ ପଡ଼ିବ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** କର୍ମଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଯେଉଁ କାମଟି ଆରମ୍ଭ କରିବାକୁ ଯାଉଛନ୍ତି ସେଥିରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହୋଇପାରିବେ । ସାଂସ୍କୃତିକ କାମରେ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିବାର ସୌଭାଗ୍ୟ ଅର୍ଜନ କରିପାରନ୍ତି।

**କୁମ୍ଭ** ଶାରୀରିକ ଅସୁସ୍ଥତା କାରଣରୁ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ କରି ଆତ୍ମସନ୍ତୋଷ ଲାଭକରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ, ଯାହାକି ଦୁଶ୍ଚିନ୍ତା ବୃଦ୍ଧି କରିବ।

**ମୀନ** କର୍ମକ୍ଷେତ୍ରରେ ପିଠି ଥାପୁଡ଼େଇ କାମ ହାସଲ କରୁଥିଲେ ମଧ୍ୟ ଆଜି ତାହା କାମକୁ ଆସିବ ନାହିଁ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଅନ୍ୟର କଥାକୁ ସତ ମନେକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହୋଇପାରନ୍ତି।

ଆଜି ଡିସେମ୍ବର ୧୧ ତାରିଖ, ୟୁନିସେଫ୍ ଦିବସ, ଅନ୍ତର୍ଜାତୀୟ ପର୍ବତ ଦିବସ, ପୌଷ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ଗୁରୁବାର। ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୪ ଗତେ ଘ.୦୭.୪୧ ମଧ୍ୟେ, ଘ.୦୫.୫୭ ଗତେ ଘ.୦୯.୨୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୦୧ ଗତେ ଘ.୦୨.୨୨ ମଧ୍ୟେ ରାହୁ କାଳ ।

# ନାମକୋଣ୍ଡା ନଦୀଘାଟରୁ ମିଳିଲା ମହିଳାଙ୍କ କଟାମୁଣ୍ଡ

କାଳିମେଲା/କୋରୁକୋଣ୍ଡା, ୧୦।୧୨
(ଜୀବନକୃଷ୍ଣ ଦାଶ/ଶିବଦତ୍ତ ସାହୁ)

## କଡ଼ା ସୁରକ୍ଷାରେ ରାଖେଲଗୁଡ଼ା ଗଲା ମୁଣ୍ଡ

ମାଲକାନଗିରି ଜିଲା କାଳିମେଲା ଥାନା ଅନ୍ତର୍ଗତ ପୋଟେରୁ ନଦୀର ନାମକୋଣ୍ଡା ଘାଟରେ ପାଣିରେ ଭାସୁଥିବାମହିଳାଙ୍କ କଟାମୁଣ୍ଡକୁ ବୁଧବାର ପୋଲିସ ଉଦ୍ଧାର କରିଛି। କଟାମୁଣ୍ଡଟି ପାଣିରେ ପଡ଼ି ଗଳିତହେବା ସହ କେବଳ ଖପୁରି ଦେଖାଯାଉଛି। ଉଦ୍ଧାର ମୁଣ୍ଡଟିମାଲକାନଗିରି ନିଆଯାଇ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ପରୀକ୍ଷା ପରେ ଏହା ରାଖେଲଗୁଡ଼ା ଗ୍ରାମର ଲାକେ ପଡିଆମିଙ୍କ ବୋଲି ଜଣାପଡ଼ିଛି। କୋରୁକୋଣ୍ଡା ଥାନା ଅନ୍ତର୍ଗତ ଗୁଡ଼ାମେଟଲା ନଦୀ ନିକଟରୁ ଗତ ୪ତାରିଖରେ ପୋଲିସ ଲାକେଙ୍କ ମୁଣ୍ଡବିହୀନ ମୃତଦେକୁ ଜବତ କରିଥିଲା। ବୁଧବାର ମଧାହ୍ନ ପ୍ରାୟ ୨ଟାରେ କଟାମୁଣ୍ଡକୁ କଡ଼ା ସୁରକ୍ଷା ବଳୟରେ ରାଖେଲଗୁଡ଼ା ଗ୍ରାମକୁ ଅଣାଯାଇଥିଲା। ଜିଲା ପ୍ରଶାସନ ଓ ଆଦିବାସୀ ସଂଘର ଉପସ୍ଥିତିରେ ଶାନ୍ତିପୂର୍ଣ୍ଣ ଭାବେ ରାଖେଲଗୁଡ଼ା ଗ୍ରାମରେ ପୂର୍ବରୁ ମୃତଦେହ ପୋତାଯାଇଥିବା ସ୍ଥାନର ଟିକେ ଉପରକୁ ଗାତ ଖୋଳି କଟାମୁଣ୍ଡକୁ ପୋତାଯାଇଛି। ଏହି ସମୟରେ ରାଖେଲଗୁଡ଼ା ଗ୍ରାମରେ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ, ଅତିରିକ୍ତ ଏସ୍‌ପି ରାଜକିଶୋର ଦାସ, ଉପଜିଲାପାଳ ଅଶ୍ୱିନୀ ଏଲ୍, ଏଡିଏମ୍ ବେଦବର ପ୍ରଧାନ, ପିଡି ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷେ ଲାକେଙ୍କ ମୃତ୍ୟୁକୁ ନେଇ ଦେଖାଦେଇଥିବା ଉତ୍ତେଜନା ଏବେ ଧୀରେ ଧୀରେ ଶାନ୍ତ ହେବାରେ ଲାଗିଛି। ରାଖେଲଗୁଡ଼ା ଗ୍ରାମରେ ସ୍ଥିତି ସୁଧୁରିବାରେ ଲାଗିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଏମ୍‌ଭି-୨୬ ଗ୍ରାମରେ ସିସିଟିଭି ସହ ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଛି। ଗାଁର ଗତିବିଧି ଉପରେ ବିଏସ୍‌ଏଫ୍, ସିଆର୍‌ପିଏଫ୍, ପୋଲିସ ମୁତୟନ ହୋଇ କଡ଼ା ନଜର ରଖିଛନ୍ତି। ଚିତ୍ରକୋଣ୍ଡା ଉପଖଣ୍ଡ ଏସ୍‌ଡିପିଓ ପ୍ରଦୋଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ବିଏସ୍‌ଏଫ୍, ସିଆରପିଏଫ୍ ଯବାନ ଓ ସ୍ଥାନୀୟ ପୋଲିସ ମିଳିତ ଭାବେ ବୁଧବାର ସନ୍ଧ୍ୟାରେ ବାଲିମେଲା ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଏମ୍‌ଭି-୨୬ ଗ୍ରାମର କ୍ଷତିଗ୍ରସ୍ତ ଲୋକ ଓ ତାଙ୍କ ସମ୍ପର୍କୀୟ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା। ଏଥିସହ ଗଦି, ସପ ଓ କମ୍ବଳ ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ, ମୃତ ମହିଳାଙ୍କ ମୁଣ୍ଡକୁ ଯଥାଶୀଘ୍ର ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର ଦାବିରେ ଆଦିବାସୀଙ୍କ ସଂଘବଦ୍ଧ ଆକ୍ରମଣରେ ଏମ୍‌ଭି-୨୬ ଗାଁରେ ଛାରଖାର ହୋଇଯାଇଛି। ମଙ୍ଗଳବାର ବହୁ ସଂଖ୍ୟାରେ ଆଦିବାସୀ ଏମ୍‌ଭି-୨୬ଗାଁରେ ପଶି ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ବହୁ ଘର ପୋଡ଼ି ଦେଇଥିଲେ। ଫଳରେ ଗାଁର ୧୮୮ ଘର ମଧ୍ୟରୁ ୧୬୩ ଘର ଜଳି ପୋଡ଼ି ନଷ୍ଟ ହୋଇଯାଇଛି।

# ଅଧ୍ୟାପିକାଙ୍କୁ ପ୍ରେମ ନିବେଦନକରି ବନ୍ଧାହେଲେ ଅଧ୍ୟକ୍ଷ

ବୋଲଗଡ଼, ୧୦।୧୨ (ଦେବବ୍ରତ ହୋତା)

## ଚେନ୍ନାଇ ଫେରାର ହେଉଥିବାବେଳେ ଖୋର୍ଦ୍ଧାରୁ ଧରାହେଲେ

ଖୋର୍ଦ୍ଧା ଜିଲା ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ଜଣେ ନବନିଯୁକ୍ତ ଅଧ୍ୟାପିକାଙ୍କ ମୋବାଇଲ ନମ୍ବରକୁ ଅଶ୍ଳୀଳ ମେସେଜ୍ ପଠାଇବା ସହ ପ୍ରେମ ନିବେଦନ କରିବା ଅଭିଯୋଗରେ ବୋଲଗଡ଼ ଥାନା ପୋଲିସ ବୁଧବାର ଉକ୍ତ କଲେଜର ଅଧ୍ୟକ୍ଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପ୍ରଦୀପ୍ତ କୁମାର ଦାସ। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଥାଉ କି, ପରମାନନ୍ଦ ମହାବିଦ୍ୟାଳୟରେ ଅଧ୍ୟାପିକା ଜଣଙ୍କ ଏକମାସ ତଳେ ନିଯୁକ୍ତି ପାଇଥିବା ବେଳେ ଅଧ୍ୟକ୍ଷ ଦାସ ତାଙ୍କ ମୋବାଇଲ ନମ୍ବରକୁ ଅଶ୍ଳୀଳ ମେସେଜ୍ ପଠାଇବା ସହ ପ୍ରେମ ନିବେଦନ କରିଆସୁଥିଲେ। ଏପରି କି ଏକଥା ଅନ୍ୟ କାହାକୁ ଜଣାଇଲେ


ପ୍ରଦୀପ୍ତ କୁମାର ଦାସ

ଚାକିରିରୁ ବହିଷ୍କାର ସହ ଜୀବନ ବର୍‌ବାଦ କରିଦେବାର ଧମକ ଦେଉଥିଲେ। ସମ୍ପୃକ୍ତ ଅଧ୍ୟାପିକା ଜଣଙ୍କ ଘରେ ଅବସାଦରେ ରହୁଥିବାରୁ ପରିବାର ଲୋକେ କ'ଣ ହୋଇଛି ପଚାରିବାରୁ ସମସ୍ତ କଥା କହିବା ସହ ଚାକିରି ଛାଡ଼ିଦେବା ପାଇଁ ନିଷ୍ପତ୍ତି ନେଇଥିବା ଜଣାଇଥିଲେ। ଏନେଇ ସମ୍ପୃକ୍ତ ଅଧ୍ୟାପିକାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୧୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଧ୍ୟକ୍ଷ ଦାସ ଚେନ୍ନାଇ ଅଭିମୁଖେ ଖସି ପଳାଇବାକୁ ଉଦ୍ୟମ ବେଳେ ପୋଲିସ ତାଙ୍କୁ ଖୋର୍ଦ୍ଧାରୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଅଧ୍ୟକ୍ଷ ଦାସଙ୍କ ନାମରେ ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ରହିଛି ବୋଲି ବୋଲଗଡ଼ ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ ସୂଚନା ଦେଇଛନ୍ତି।

# ବାଲେଶ୍ୱରରୁ ଅଭିଯୁକ୍ତ ଗିରଫ

## ପିହୁ ମା'ଙ୍କୁ ଫୋନ୍‌ରେ ହତ୍ୟା ଧମକ ଘଟଣା

ବିଞ୍ଝାରପୁର, ୧୦।୧୨
(ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳର ବହୁଚର୍ଚ୍ଚିତ ନିଖୋଜ ପିହୁର ମା'ଙ୍କୁ ଫୋନ୍‌ରେ ହତ୍ୟା ଧମକ ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ବାଲେଶ୍ୱର ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲେଶ୍ୱର ଅଞ୍ଚଳର ରାକେଶ ମଲ୍ଲିକ(୨୫)। ପୋଲିସ ରାକେଶଙ୍କୁ ଗିରଫ କରିବା ସହ ତାଙ୍କ ମୋବାଇଲ ଫୋନ୍ ଜବତ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ୨୦୨୦ ଅଗଷ୍ଟ ୯ରେ ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର କୁନିଝିଅ ପିହୁ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ, ଯାହାକୁ ନେଇ ପିହୁଙ୍କ ମା' ମୋନାଲିସା ନାୟକ ନିଖୋଜ ଝିଅର ସନ୍ଧାନ ନିମନ୍ତେ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ। ତାଙ୍କ ମୋବାଇଲକୁ ୨ରୁ ୩ଟି ଫୋନ୍ ନମ୍ବରରେ କେହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି, ଯାହାକୁ ନେଇ ମୋନାଲିସା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ନଂ.୫୭୭/୨୫ରେ ମାମଲା ରୁଜୁକରି ତଦନ୍ତ କରୁଥିଲା।

# ଆନ୍ତଃ ରାଜ୍ୟ ଗଞ୍ଜେଇ ବ୍ୟବସାୟୀଙ୍କ ଘରେ ଚଢ଼ାଉ

- ୩ମାସ ହେଲା ଗିରଫ ହୋଇ ଜେଲରେ ଅଛନ୍ତି ଦିଲୀପ
- ଚଢ଼ାଉରେ ସାମିଲ ଥିଲେ ୧୫ରୁ ଊର୍ଦ୍ଧ୍ୱ ଅଧିକାରୀ

କବିସୂର୍ଯ୍ୟନଗର, ୧୦।୧୨ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଆଠଗଡ଼ ପାଟଣା ଗୌଡ଼ସାହିରେ ବୁଧବାର କନ୍ଧମାଳ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣ କରୁଥିବା ଗ୍ରାମର ଦିଲୀପ ଗୌଡ଼ଙ୍କ ଘରେ ଏହି ଚଢାଉ ହୋଇଛି। ୧୫ରୁ ଊର୍ଦ୍ଧ୍ୱ ଅଧିକାରୀ ଏଥିରେ ସାମିଲ ଥିବା ବେଳେ ଦିଲୀପ ଏବଂ ତାଙ୍କ ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢ଼ାଉ ଜାରି ରହିଛି। ୩ମାସ ତଳେ କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳରୁ ଗଞ୍ଜେଇ ଚୋରାଚାଲାଣ ବେଳେ ପୋଲିସ ହାତରେ ଦିଲୀପ ଧରା ପଡିଥିଲେ। ତାଙ୍କୁ ସେତେବେଳେ ଗିରଫ କରାଯାଇ କୋର୍ଟ ଚାଲାଣ


ଦିଲୀପଙ୍କ ଘରେ ଚଢାଉ ଜାରି ରଖିବା ପୋଲିସ।

କରାଯାଇଥିଲା। ସେ ଏବେ ଜେଲରେ ଅଛନ୍ତି।

ଘଟଣାର ଛାନ୍‌ଭିନ୍ କରି ପୋଲିସ ଦିଲୀପଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିଥିଲା। ସେ ବହୁ ବର୍ଷ ଧରି ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ସହ ଏହାର ମାଷ୍ଟର ମାଇଣ୍ଡ ଥିବା ପ୍ରମାଣ ପୋଲିସକୁ ମିଳିଥିଲା। ଏହାକୁ ଭିତ୍ତିକରି ପୋଲିସ ୬୮ ଏନ୍‌ଡିପିଏସ୍ ମାମଲା ଆଧାରରେ ଦିଲୀପଙ୍କ ଗ୍ରାମରେ ରହିଥିବା ଘରେ ଚଢ଼ାଉ କରି ତାଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ଯାଞ୍ଚ କରୁଛି। ଯାଞ୍ଚ ବେଳେ ଟଙ୍କା, ସୁନା, କିଛି ଡକ୍ୟୁମେଣ୍ଟ ପୋଲିସ ହାତରେ ଲାଗିଛି। ୫ରୁ ୧୦ ବର୍ଷ ମଧ୍ୟରେ ସୁନା, ଗାଡି, ଦୋ ମହଲା ଘର, ଟ୍ରକ୍ ଆଦି କରି ଦିଲୀପ ବେନିୟମ ସମ୍ପତ୍ତି ଠୁଳ କରିଥିବାର ପ୍ରମାଣ ଚଢାଉ ଟିମ୍ ହାତରେ ଲାଗିଛି। ଦିଲୀପଙ୍କ ନାମରେ ବାଲିଗୁଡା ଥାନାରେ ଏନ୍‌ଡିପିଏସ୍ କେସ୍ ନଂ. ୧୦୪/୨୦୨୪ ରହିଛି। ଏହି ଚଢ଼ାଉ ପାଇଁ ଡିଜିପି ଓ ଏସ୍‌ପିଙ୍କ ନିର୍ଦ୍ଦେଶ ଥିଲା। ସେହି ଅନୁସାରେ ସ୍ଥାନୀୟ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ରବୀନ ଚର୍ଚ୍ଚିଲ ମିଶ୍ରଙ୍କ ଉପସ୍ଥିତିରେ କନ୍ଧମାଳ ପୋଲିସ ଚଢ଼ାଉ କରିଛି।

# ଅଜାଘରକୁ ବୁଲି ଆସିଥିବା ନାତିକୁ ହତ୍ୟା

କବିସୂର୍ଯ୍ୟନଗର, ୧୦।୧୨ (କୃପାସିନ୍ଧୁ ସ୍ୱାଇଁ)

- ଘରବାଡ଼ିରେ ପଡିଥିଲା ମୃତଦେହ
- ତଣ୍ଟିଚିପି ହତ୍ୟା କରାଯାଇଥିବା ଅଭିଯୋଗ ଆଣିଲେ ପରିବାର

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପୁର ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ଅଜାଘରକୁ ବୁଲିବାକୁ ଆସି ୯ ବର୍ଷର ନାତିର ମୃତଦେହ ଘର ବାଡିପଟୁ ମିଳିଛି। ସେ ହେଲେ ଶେରଗଡ଼ ଖମାର ଗ୍ରାମର ଆଦିତ୍ୟ ଜେନା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ପରିବାର ଲୋକେ ଏନେଇ ହତ୍ୟା ଅଭିଯୋଗ ଆଣିଛନ୍ତି।

ଖବରରୁ ପ୍ରକାଶ, ଚାରିଦିନ ତଳେ ସାମନ୍ତରାପୁରସ୍ଥିତ ଅଜାଘର ସନିଆ ଭୂୟାଁଙ୍କ ଘରକୁ ଆଦିତ୍ୟ ବୁଲିବାକୁ ଆସିଥିଲେ। ବୁଧବାର ଆଈ ତାଙ୍କୁ ଖାଇବାକୁ ଦେଇ ଚାଷଜମିକୁ କାମ କରିବାକୁ ଯାଇଥିଲେ। କାମ କରୁଥିବା ବେଳେ ସେ ଆଦିତ୍ୟ ନିଖୋଜ ଥିବା ଖବର ପାଇଥିଲେ। ତୁରନ୍ତ ଘରକୁ ଆସି ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିବା ପରେ ଘର ବାଡ଼ିପଟେ ଆଦିତ୍ୟ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଏନେଇ କବିସୂର୍ଯ୍ୟନଗର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପରିବାର ଲୋକଙ୍କ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆଦିତ୍ୟଙ୍କୁ ତଣ୍ଟିଚିପି ହତ୍ୟା ପରେ କେହି ଦୁର୍ବୃତ୍ତ ବାଡ଼ିରେ ପକାଇ ଚାଲିଯାଇଥିବା ପରିବାର ଲୋକେ ଅଭିଯୋଗ କରଛନ୍ତି। ପୋଲିସ ନଂ. ୮୩୦/୨୫ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଇଛି। ଘଟଣା ସ୍ଥଳରେ ଏସ୍‌ଡିପିଓ ସୁଜିତ ନାୟକ, କବିସୂର୍ଯ୍ୟନଗର ଆଇଆଇସି ନିରଞ୍ଜନ ଦାସ ଓ ଟିମ୍ ପହଞ୍ଚି ଛାନ୍‌ଭିନ୍ ଚଳାଇଛନ୍ତି।

## Business

# ଓପିଟିସିଏଲ୍ ଓ ନାବାର୍ଡ ମଧ୍ୟରେ ଆର୍ଥିକ ସହଭାଗିତା

ଭୁବନେଶ୍ୱର, ୧୦।୧୨ (ଅନୁରାଧା ମହାରଣା)

ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ଓପିଟିସିଏଲ୍ ଏବଂ ନାବାର୍ଡ ମଧ୍ୟରେ ଏକ ଦୀର୍ଘକାଳୀନ ଋଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ରଣନୈତିକ ଆର୍ଥିକ ସହଭାଗିତା ରାଜ୍ୟର ଆଗାମୀ ଶିଳ୍ପ ପ୍ରକଳ୍ପ ଓ ଗ୍ରାହକମାନଙ୍କ ପାଇଁ ଗୁଣାତ୍ମକ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି। ଏହି ବୁଝାମଣାପତ୍ର ଅନୁଯାୟୀ, ନାବାର୍ଡ ବାର୍ଷିକ ୭.୭୫% ଆକର୍ଷଣୀୟ ସୁଧ ହାରରେ ଓପିଟିସିଏଲ୍‌କୁ ୧,୬୮୫.୨୭ କୋଟି ଋଣ ପ୍ରଦାନ କରିଛି। ମୋଟ ଋଣ ପରିମାଣରୁ ୯୦୦ କୋଟି ନୂତନ ବିଦ୍ୟୁତ୍ ପରିବହନ ପ୍ରକଳ୍ପ ପାଇଁ ବ୍ୟବହୃତ ହେବ, ବଳକା ପରିମାଣ ପୂର୍ବରୁ ହୋଇଥିବା



ଉଚ୍ଚ ମୂଲ୍ୟଯୁକ୍ତ ଋଣକୁ ସ୍ୱିଚ୍ କରିବା ପାଇଁ ବ୍ୟବହୃତ ହେବ। ଓଡ଼ିଶାରେ ପ୍ରଥମ ଥର ପାଇଁ କୌଣସି ରାଜ୍ୟ ପିଏସ୍‌ୟୁକୁ ନାବାର୍ଡ ଦ୍ୱାରା ପ୍ରକଳ୍ପ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହା ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ବିକାଶର ଧାରା ସୃଷ୍ଟିକରିବ। ଲୋକସେବା ଭବନରେ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଓପିଟିସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଯୋଗଦେଇ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଓପିଟିସିଏଲ୍‌ର ନିର୍ଦ୍ଦେଶକ (ଅର୍ଥ) ଏସ୍.କେ. ସାହୁ ଏବଂ ନାବାର୍ଡର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ଭି.କେ. ନାଗଙ୍କ ମଧ୍ୟରେ ଏହି ଚୁକ୍ତିନାମା ଆନୁଷ୍ଠାନିକ ଭାବରେ ଆଦାନପ୍ରଦାନ ହୋଇଥିଲା। ଓପିଟିସିଏଲ୍ ଓ ନାବାର୍ଡର ଅନ୍ୟାନ୍ୟ କାର୍ଯ୍ୟକାରୀ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

# ତନିସ୍କର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଷ୍ଟୋରର ୨୦ ବର୍ଷ ପୂର୍ତ୍ତି

ଭୁବନେଶ୍ୱର, ୧୦।୧୨ (ଅନୁରାଧା ମହାରଣା)

ତନିସ୍କ ଏହାର କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଷ୍ଟୋରର ୨୦ତମ ବର୍ଷ ପାଳନ କରୁଛି। ଏହି ଅବସରରେ ତନିସ୍କ ଗ୍ରାମ୍ ପିଛା ସୁନାଗହଣା ଉପରେ ୬୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ସେହିଭଳି ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ଏବଂ ଯେକୌଣସି ଗହଣା ଷ୍ଟୋରରୁ କିଣାଯାଇଥିବା କୌଣସି କ୍ୟାରେଟ୍‌ର ପୁରୁଣା ସୁନା ବଦଳରେ ଶତପ୍ରତିଶତ ମୂଲ୍ୟ ପ୍ରଦାନ କରାଯାଉଛି। ୫,୪୦୦ ବର୍ଗଫୁଟ୍ ପରିମିତ ସ୍ଥାନରେ ନିର୍ମିତ କଟକ ଷ୍ଟୋରରେ ତନିସ୍କର ବ୍ୟାପକ ଡିଜାଇନ ସମ୍ଭାର ରହିଛି। ସେଗୁଡ଼ିକ ହେଲା ଆବାହନ, ମୃଗାଙ୍କ, ଇଲାନ୍, ସୋଲ୍‌ମେଟ୍, ରେଡିଆନ୍ସ ଇନ୍ ରିଦିମ୍, ସ୍ରୋତିକା, ରିଭା, ଡୋର, ଆଭୀର, ଗ୍ଲାମ୍‌ଡେଜ୍ ଏବଂ ଷ୍ଟ୍ରିଙ୍ଗ୍ ଇଟ୍ ଆଦି




ରହିଛି। ସେଲିବ୍ରେଶନର ଅଂଶବିଶେଷ ଗ୍ରାହକ ତନିସ୍କର ନୂତନ ଫେଷ୍ଟିଭ୍ କଲେକ୍ସନ 'ଆବାହନ'କୁ ଦେଖିପାରିବେ। ଷ୍ଟୋରରେ ମୃଗାଙ୍କ କଲେକ୍ସନ ମଧ୍ୟ ରହିଛି। ସେହିଭଳି 'ଇଲାନ୍' ସମସାମୟିକ ମହିଳାଙ୍କ ପାଇଁ ସୂକ୍ଷ୍ମ ଢାଞ୍ଚା, ଫୁଲର ମୋଟିଭ୍ ଏବଂ ଚିଲ୍ଲାଇ ପେଭ୍ ସେଟ୍ ହୀରାକୁ ମିଶ୍ରଣ କରିଥାଏ। ଷ୍ଟୋରରେ ମଧ୍ୟ ମଙ୍ଗଳସୂତ୍ରର ଏକ୍ସକ୍ଲୁସିଭ୍ କଲେକ୍ସନ 'ଡୋର', ସାବିତ୍ରୀ ଉତ୍ସବ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ସ୍ରୋତିକା' ରହିଛି। ଏ ଅବସରରେ ତନିସ୍କର ଏରିଆ ବିଜ୍‌ନେସ୍ ମ୍ୟାନେଜର କୌଶିକ ବାନାର୍ଜୀ କହିଛନ୍ତି, ଏହି ଷ୍ଟୋର ୨୦ ବର୍ଷ ପାଳନ କରୁଛି ଯାହାକି ତନିସ୍କର ଭରସା ଏବଂ ଉତ୍କର୍ଷର ଯାତ୍ରା କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ।

# ୟୁକୋ ବ୍ୟାଙ୍କର ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ

ଭୁବନେଶ୍ୱର, ୧୦।୧୨

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ ପୁରୀସ୍ଥିତ ସାଗର ତରଙ୍ଗ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ, ସମ୍ବଳ ଓ କୃଷି କ୍ଷେତ୍ରର ଗ୍ରାହକ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟାଙ୍କମିତ୍ରମାନେ ଯୋଗଦେଇଥିଲେ। ଏହି ଅବସରରେ ୟୁକୋ ବ୍ୟାଙ୍କର କୋଲକାତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କୃଷି ଏବଂ ଗ୍ରାମୀଣ ବ୍ୟବସାୟ ବିଭାଗ ଉପମହାପ୍ରବନ୍ଧକ ପ୍ରସନଜିତ୍ ରାୟ, ଏସ୍‌ଏଲ୍‌ବିସି ଓଡ଼ିଶା ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗୱତ ସିଂହ ଭାକୁନୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ପ୍ରସନଜିତ୍ ରାୟ ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟିରେ ଏମ୍‌ଏମ୍‌ଏମ୍‌ଇର ଗୁରୁତ୍ୱ, ସରକାରୀ ସହାୟତା, ଋଣ ଯୋଜନା ଓ ରପ୍ତାନି ପ୍ରୋତ୍ସାହନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଲିଙ୍ଗରାଜ ନାୟକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିବା ସହ ମହିଳା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ପାଇଁ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ମହୋତ୍ସବ ଅବସରରେ ୟୁକୋ ବ୍ୟାଙ୍କର ଏମ୍‌ଏସ୍‌ଏମ୍‌ଇ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଫଳ କାହାଣୀଗୁଡ଼ିକୁ ଉପସ୍ଥାପନା କରାଯାଇଥିଲା। ମହିଳା ଗ୍ରାହକମାନଙ୍କ ପାଇଁ ପିଙ୍କ୍ ବାସ୍‌କେଟ୍, ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ ଏବଂ ୟୁକୋ ସହାୟିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହାୟକ ମହାପ୍ରବନ୍ଧକ ରାମଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।



ୟୁକୋ ବ୍ୟାଙ୍କ ପକ୍ଷରୁ ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବରେ ଯୋଗଦେଇଥିବା ଅତିଥି।

# ଦୃଷ୍ଟିବାଧିତ କ୍ରୀଡ଼ାବିତ୍‌ଙ୍କୁ ହାଇଟେକ୍ ଗ୍ରୁପ୍‌ର ସହାୟତା



ଭୁବନେଶ୍ୱର, ୧୦।୧୨ (ଅନୁରାଧା ମହାରଣା)

ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତଥା ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଦୃଷ୍ଟିବାଧିତ ମହିଳା ବିଶ୍ୱକପ୍ ବିଜେତାର ୪ଜଣ ପ୍ରତିଯୋଗୀ ଫୁଲ ସୋରେନ୍, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ, ପାର୍ବତୀ ମାରାଣ୍ଡି ଏବଂ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଦଳର ସଭାପତି ଏମ୍‌ଡି ଜାଫର ଇକ୍‌ବାଲ୍‌ଙ୍କୁ ୨୦,୦୦୦ ଟଙ୍କା ଲେଖାଏ ଅର୍ଥରାଶି ପୁରସ୍କାର ପ୍ରଦାନ କରିଛନ୍ତି। ଏହାସହ ଆଗାମୀ ଦିନରେ ହାଇଟେକ୍ ତରଫରୁ ସେମାନଙ୍କୁ ୨୨ ଜଣିଆ ଉଭୟ ବାଳକ ଓ ବାଳିକା କ୍ରୀଡ଼ାବିତ୍‌ଙ୍କୁ ଛାତ୍ରାବାସ ଯୋଗାଇବା ସହ ରହିବା, ଖାଇବା ଏବଂ କ୍ରିକେଟ ଖେଳିବା ପାଇଁ ପଡ଼ିଆ ଯୋଗାଇଦେବେ ବୋଲି ଘୋଷଣା କରିଛନ୍ତି। ସେମାନେ କ୍ରୀଡ଼ାରୁ ଅବସର ନେବା ପରେ ହାଇଟେକ୍‌ରେ କର୍ମଯୋଗାଣର ବ୍ୟବସ୍ଥା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ପ୍ରଫେସର ଡ. ଦେବାନନ୍ଦ ମହାପାତ୍ର, ଭାଇସ୍-ପ୍ରିନ୍ସିପାଲ ପ୍ରଫେସର ଡ. ଲିସା ଷଡ଼ଙ୍ଗୀ, ଡିନ୍ ଓ ନିର୍ଦ୍ଦେଶକ ଏକାଡେମୀ ପ୍ରଫେସର ଡ. ରାଧାମାଧବ ତ୍ରିପାଠୀ, ପ୍ରଫେସର ଡ. ସୁନୀଲ ଅଗ୍ରୱାଲ, ପ୍ରଫେସର ଡ. ଶ୍ରୀକାନ୍ତ ତିୱାରୀ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ରୋଡ ଡିଭିଜନରେ ଟ୍ରେନ୍ ରୁଟ୍‌ର ପୁନଃସଂଶୋଧନ

ଭୁବନେଶ୍ୱର, ୧୦।୧୨

ଖୋର୍ଦ୍ଧା ରୋଡ ଡିଭିଜନ ଅନ୍ତର୍ଗତ ରାଜ ଆଠଗଡ଼ ଏବଂ ଜୋରନ୍ଦା ରୋଡ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ ଓ ରାଜ ଆଠଗଡ଼ ଷ୍ଟେସନରେ ନନ-ଇଣ୍ଟରଲକିଂ କାର୍ଯ୍ୟକଳାପ ସହିତ ଜଡିତ ଜରୁରୀ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଚାଲିଛି। ଏଥିପାଇଁ କେତେକ ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ଡିସେମ୍ବର ୧୨ ରୁ ୧୯ ମଧ୍ୟରେ ୦୨୮୩୧ ଧାନବାଦ-ଭୁବନେଶ୍ୱର ସ୍ପେଶାଲ, ୧୧ରୁ ୧୯ ମଧ୍ୟରେ ୦୨୮୩୨ ଭୁବନେଶ୍ୱର-ଧାନବାଦ ସ୍ପେଶାଲ, ୧୩ରେ ୨୨୮୦୫ ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ ସୁପରଫାଷ୍ଟ ଏକ୍ସପ୍ରେସ ଓ ୧୫ରେ ୨୨୮୦୬ ଆନନ୍ଦ ବିହାର ଟର୍ମିନାଲ ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ ପୁନଃସଂଶୋଧିତ ମାର୍ଗ ଦେଇ ଚଳାଚଳ କରିବ।

# ଟିଭିଏସ୍ ଏନ୍‌ଟର୍କ-୧୫୦ର ବଜାର ପ୍ରବେଶ

ବାରିପଦା, ୧୦।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଆଲ୍ଲାଏଡ୍ ଶୋ'ରୁମ୍‌ରେ ଉନ୍ମୋଚନ କାର୍ଯ୍ୟକ୍ରମ

ଟିଭିଏସ୍ ମୋଟର କମ୍ପାନୀର ନୂତନ ସ୍ପୋର୍ଟି ସ୍କୁଟର ଏନ୍‌ଟର୍କ-୧୫୦ ବଜାର ପ୍ରବେଶ କରିଛି। ଏହି ଅବସରରେ ମୟୂରଭଞ୍ଜ ଜିଲା ବାରିପଦାର ଆଲ୍ଲାଏଡ୍ ଟିଭିଏସ୍ ଶୋ'ରୁମ୍‌ରେ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ଯୋଗଦେଇ ନୂତନ ସ୍କୁଟର ଦୁଇଟି ମଡେଲକୁ ଅନାବରଣ କରିଥିଲେ। ଯୁବବର୍ଗଙ୍କ ଚାହିଦାକୁ ଲକ୍ଷ୍ୟ ରଖି କମ୍ପାନୀ ୧୫୦ସିସି ବୈଶିଷ୍ଟ୍ୟର ଏହି ସ୍କୁଟି ନିର୍ମାଣ କରିଥିବା କମ୍ପାନୀର ଆଞ୍ଚଳିକ ମ୍ୟାନେଜର ଦୀପକ କୁମାର ମହାପାତ୍ର ସୂଚନା ଦେଇଥିଲେ। ପୂର୍ବରୁ ଏହାର ୧୨୫ସିସି ସ୍କୁଟର ଥିବା ବେଳେ ନୂଆ ସ୍କୁଟର ଅଧିକ ଶକ୍ତିଶାଳୀ, ଏରଡାଇନାମିକ ୱିଙ୍ଗ୍‌ଲେଟ ସହ ପ୍ରୋଜେକ୍ଟର ଏଲ୍‌ଇଡି ହେଡ୍‌ଲାଇଟ୍, ଏବିଏସ୍, ରେସ୍ ଓ ଷ୍ଟ୍ରିଟ୍ ମୋଡ୍, ସ୍ମାର୍ଟୱାଚ ଇଣ୍ଟିଗ୍ରେସନ ଓ ଭେହିକଲ୍ ଲାଇଭ୍ ଟ୍ରାକିଂ ସୁବିଧା ଉପଲବ୍ଧ ରହିଥିବା କହିଥିଲେ। କମ୍ପାନୀର ଅନ୍ୟ ଦୁଇଚକିଆ ଯାନ ଭଳି ଏନ୍‌ଟର୍କ-୧୫୦ ଲୋକପ୍ରିୟତା ପ୍ରତିପାଦିତ କରିବ ବୋଲି ସେ କହିଥିଲେ। ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ସୁବ୍ରତ କୁମାର ମହାପାତ୍ର ଗ୍ରାହକମାନଙ୍କୁ ନୂତନ ସ୍କୁଟରର ଟେଷ୍ଟ ଡ୍ରାଇଭ ସହିତ ପସନ୍ଦ ପାଇଁ ନିମନ୍ତ୍ରଣ ଜଣାଇଛନ୍ତି।


ନୂତନ ସ୍ପୋର୍ଟି ସ୍କୁଟର ଏନ୍‌ଟର୍କ-୧୫୦ ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା



# ସମୟ ଧାରାରେ ଚକ୍ରବୃଦ୍ଧି ସୁଧ



ଦେବଦତ୍ତ ପଟ୍ଟନାୟକ

ଚକ୍ରବୃଦ୍ଧି ସୁଧ (କମ୍ପାଉଣ୍ଡ ଇଣ୍ଟରେଷ୍ଟ)ର ଧାରଣା ମାନବ ଇତିହାସରେ ସବୁଠୁ ଶକ୍ତିଶାଳୀ ତଥା ବିପଜ୍ଜନକ ଆବିଷ୍କାର। ଏହି ଶବ୍ଦ ସଂସ୍କୃତ ଶବ୍ଦକୋଷ ଓ ବୈଧ-ଅର୍ଥନୈତିକ ସାହିତ୍ୟରେ ରହିଛି। ଏଥିରେ ଦର୍ଶାଯାଇଛି ଯେ, ପୂର୍ବରୁ ଜମା ଋଣ ଉପରେ ସୁଧ କଷାଯିବା ପ୍ରକ୍ରିୟା ହିଁ ଚକ୍ରବୃଦ୍ଧି ସୁଧ। ଅର୍ଥନୀତିଜ୍ଞମାନେ ଏବେ ଏହାକୁ ବିଶ୍ୱର ଅଷ୍ଟାଚାର୍ଯ୍ୟ ବୋଲି କହନ୍ତି। ବ୍ୟାଙ୍କ ଓ ଶେୟାର ବଜାର ଏହାର ମ୍ୟାଜିକ୍‌କୁ ନେଇ ଉତ୍ସାହିତ ହେଉଛନ୍ତି, କିନ୍ତୁ ବହୁ ପୂର୍ବରୁ ଲୋକେ ଏହାକୁ ଏକ ଜୀବନ ନଷ୍ଟକାରୀ ଶକ୍ତି ଭାବି ଭୟ କରୁଥିଲେ। ଗୋଟିଏ ଛୋଟ ଋଣ ଏକ ଅସହ୍ୟ ବୋଝ ହୋଇପାରୁଥିଲା। ଅନେକ ସଂସ୍କୃତିରେ ଟଙ୍କାର ଏଭଳି ଅଭିବୃଦ୍ଧି କେବଳ ଏକ ଆର୍ଥିକ ବିଷୟ ନୁହେଁ ବରଂ ଏକ ନୈତିକ ପ୍ରତୀକ ବା ସଙ୍କେତ ହୋଇଛି। ଏ ସମ୍ପର୍କିତ ସର୍ବପ୍ରାଚୀନ ତଥ୍ୟ ମେସୋପଟାମିଆରୁ ମିଳେ। ଖ୍ରୀଷ୍ଟପୂର୍ବ ୨୦୦୦ରେ ବାର୍ଲି କିମ୍ବା ରୁପା ଋଣକୁ ଚକ୍ରବୃଦ୍ଧି ସୁଧ ଦ୍ୱାରା କିଭଳି ଦୁଇଗୁଣ କରାଯାଉଥିଲା ତାହା ମାଟି ଖଣ୍ଡ ଉପରେ ଥିବା ଲେଖାରୁ ଜଣାପଡ଼େ। ଏହା ପଛରେ ଥିବା କାରଣ ଅତ୍ୟନ୍ତ ସରଳ। ଯଦି ଋଣ ନେଇଥିବା ବ୍ୟକ୍ତି ବା ଋଣୀ ଠିକ୍ ସମୟରେ ପରିଶୋଧ ନ କରି ପାରୁଥିଲେ, ସୁଧ ବଢ଼ିଚାଲୁଥିଲା ଏବଂ ଶେଷରେ ତାଙ୍କୁ କ୍ରୀତଦାସ ହେବାକୁ ପଡୁଥିଲା। ଚକ୍ରବୃଦ୍ଧି ସୁଧରେ ଧନ ଶସ୍ୟ ଭଳି ବଢୁଥିଲା, କିନ୍ତୁ ଋଣ ଫାଶରେ ଅନ୍ୟମାନେ ପଡ଼ିଯାଉଥିଲେ।

ଭାରତରେ ସୁଧକୁ ବୃଦ୍ଧି ବୋଲି କୁହାଯାଉଥିଲା, ଅର୍ଥାତ୍ ଅଭିବୃଦ୍ଧି। ଯେତେବେଳେ ଏହି ଅଭିବୃଦ୍ଧିକୁ ବଢ଼ିବାର ବ୍ୟବସ୍ଥା କରାଗଲା, ସେତେବେଳେ ଚକ୍ରବୃଦ୍ଧି ଶବ୍ଦ ବ୍ୟବହାର କରାଗଲା। ଗୋଟିଏ ଚକ ଘୂରିଲା ଭଳି ଚକ୍ରାକାର ଭାବେ ଏହା ବୃଦ୍ଧି ପାଏ। ମୌର୍ଯ୍ୟ ଶାସକଙ୍କ ସମୟରେ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ କିଭଳି ସୁଧ ଆଦାୟ କରାଯାଇପାରିବ ସେ ସମ୍ପର୍କରେ ସ୍ପଷ୍ଟ ସୀମା ନିର୍ଦ୍ଧାରଣ କରାଯାଇଛି, କିନ୍ତୁ ଏହା ମଧ୍ୟ ଚକ୍ରବୃଦ୍ଧି ସୁଧ ପରମ୍ପରାକୁ ସ୍ୱୀକାର କରିଛି। ପରେ ଗଣିତ ଶାସ୍ତ୍ର ଯଥା ବକ୍ଷଶାଲି ପାଣ୍ଡୁଲିପି ଏହାର ପରପର୍ଯ୍ୟାୟର ପ୍ରଗତି ସମ୍ପର୍କରେ ଯାହା ଦର୍ଶାଇଛି ତାହା ଆମ ଆଧୁନିକ ଚକ୍ରବୃଦ୍ଧି ସୁଧ ଗଣନା ଭଳି। ତଥାପି ଗଣିତଠାରୁ ଭାରତ ବହୁ ଆଗକୁ ଆଗେଇ ଯାଇ ଏହି ବିତ୍ତୀୟ ନୀତିକୁ ନୈତିକତା ଓ କର୍ମର ବିଷୟରେ ପରିବର୍ତ୍ତନ କରିଦେଲା।



ଜାତକ କଥା ବୁଦ୍ଧଙ୍କ ପୂର୍ବଜନ୍ମର କାହାଣୀ କହେ। କର୍ମ କିଭଳି କାମ କରେ ତାହା ଋଣ ଓ ସୁଧକୁ ବ୍ୟବହାର କରି ବୁଝାଯାଇଛି। କାହାଣୀଟିଏ। ଜଣେ ବୋକା ଋଣୀ ଛୋଟ ଋଣ କରି ଭାବିଲେ ଯେ, ଏହାକୁ ପରିଶୋଧ କରିବା ସହଜ। କିନ୍ତୁ ଋଣଦାତା ମୂଳ ଟଙ୍କା ଅଣାୟତ୍ତ ହେବା ଯାଏ ସମୂଳସୁଧ ବା ଚକ୍ରବୃଦ୍ଧି ସୁଧ ଲାଗୁ କରିବା ଯୋଗୁ ଲୋକଟି କ୍ଷତିଗ୍ରସ୍ତ ହେଲା। ତେବେ ଗୋଟିଏ ସତର୍କତାବିହୀନ କାର୍ଯ୍ୟ କିଭଳି ସାରାଜୀବନ ମଣିଷର ସମସ୍ୟା ବଢ଼ାଇଚାଲେ, ତାହା ବୁଦ୍ଧ ଦର୍ଶାଇଛନ୍ତି। ସମ୍ମୋଦମାନ ଜାତକରେ, ବୋଧିସତ୍ତ୍ୱ ଜଣେ ବଣିକଙ୍କୁ କହିଛନ୍ତି ଯେ, ଚକ୍ରବୃଦ୍ଧି ସୁଧ ଜଣେ ଋଣଗ୍ରହୀତାଙ୍କର ଯେଭଳି କ୍ଷତି କରେ ସେହିଭଳି କ୍ଷତିକାରକ ବା ଖରାପ କର୍ମଗୁଡ଼ିକ କର୍ତ୍ତାଙ୍କୁ ଧ୍ୱଂସ କରିବା ପର୍ଯ୍ୟନ୍ତ ସଞ୍ଚିତ ହୋଇ ରହେ। ନିଗ୍ରୋଧମୃଗ ଜାତକରେ ବର୍ଣ୍ଣନା ରହିଛି ଯେ, ବୁଦ୍ଧ ଏକ ମୃଗ ରୂପରେ ଜନ୍ମ ନେଇଛନ୍ତି। ସେ ତାଙ୍କ ସାଥୀମାନଙ୍କୁ କହିଛନ୍ତି, ଗୋଟିଏ ଭୁଲ୍ କାମ ଅପରିଶୋଧ ବା ଅଦେୟ ଋଣ ଭଳି ବୃଦ୍ଧି ପାଏ, ଏପରି କି ଦିନକୁ ଦିନ ଏହା ବଢ଼ିଚାଲେ। କୋସିଆ ଜାତକରେ କୁହାଯାଇଛି ଯେ, ଜଣେ ଧନୀ ବଣିକ ଚକ୍ରବୃଦ୍ଧି ସୁଧ ସର୍ତ୍ତରେ ଶସ୍ୟ ଉଧାର ଦିଅନ୍ତି ଓ ଅତ୍ୟନ୍ତ ଦୁଃଖୀ ଋଣଗ୍ରହୀତା ସାରାଜୀବନ ସେଥିରେ ଛନ୍ଦି ହୋଇଯାଆନ୍ତି। ଏଠାରେ ବୁଦ୍ଧ ବିତ୍ତୀୟ ଋଣକୁ ନୈତିକ ଋଣ ସହ ତୁଳନା କରିଛନ୍ତି ଏବଂ ଦର୍ଶାଇଛନ୍ତି ଯେ, ଚକ୍ରବୃଦ୍ଧି ସୁଧ ଭଳି କାମନା ବୃଦ୍ଧି ପାଇଚାଲେ।

ଜୈନମାନେ ଏହି ଧାରଣାକୁ ଆହୁରି ଅଧିକ ପ୍ରଭାବୀ କରିଛନ୍ତି। ଜୈନଧର୍ମ ଗ୍ରନ୍ଥଗୁଡ଼ିକରେ କର୍ମକୁ ଏକ ଜଟିଳ ବିଷୟ ଭାବେ ବର୍ଣ୍ଣନା କରାଯାଇଛି, ଯାହା ଆତ୍ମା ସହ ଦୃଢ଼ ଭାବେ ଜଡ଼ିତ ରହେ। ଆବଶ୍ୟକ ଚୂର୍ଣ୍ଣିରେ ବର୍ଣ୍ଣନା କରାଯାଇଛି ଯେ, କର୍ମ ମଧ୍ୟ ଚକ୍ରବୃଦ୍ଧି ଭଳି ବହୁଗୁଣିତ ହୋଇଥାଏ। ଜଣେ ବଣିକ ଦେଇଥିବା ଶସ୍ୟ ଋଣ ବିଷୟକୁ ଦୃଷ୍ଟାନ୍ତ ଭାବେ ନିଆଯାଉ। ପ୍ରତ୍ୟେକ ମାସରେ ଶସ୍ୟ ନ ଦେଲେ ତାହା ଅଧିକ ପରିମାଣର ହୋଇଯାଏ ଏବଂ ସେହି ଋଣ ଫାଶରୁ ମୁକୁଳିବା ପାଇଁ ଋଣୀଙ୍କ ପାଖରେ ଆଉ କୌଣସି ବାଟ ନ ଥାଏ। ସେହିଭଳି ପ୍ରତ୍ୟେକଟି ହିଂସାତ୍ମକ କାର୍ଯ୍ୟ କିମ୍ବା ଲୋଭ ସୂକ୍ଷ୍ମ ତଥା ଭୌତିକ କର୍ମକୁ ଆକର୍ଷିତ କରିଥାଏ ଏବଂ ଏହା ଅଧିକରୁ ଅଧିକ ବଢ଼ି ଏକ ଅସୀମ ବନ୍ଧନ ପାଲଟିଯାଏ। ଧର୍ମଦାସ ଗଣିର ଉପଦେଶମାଳାରେ ଜଣେ ବଣିକଙ୍କ କାହାଣୀ ବର୍ଣ୍ଣନ କରାଯାଇଛି, ଯେଉଁଥିରେ ସେ ଚକ୍ରବୃଦ୍ଧି ସୁଧରେ ଶସ୍ୟ ଉଧାର ଦେଇଛନ୍ତି। ଯେତେବେଳେ ଋଣଗ୍ରହୀତା ତାହା ଦେଇପାରିନାହିଁ, ସେତେବେଳେ ଋଣଦାତା ତାଙ୍କ ପିଲାଙ୍କୁ ଚାକର ରଖିବାକୁ ଦାବି କରିଛି। ଏହି କାହାଣୀ ପାଠକ ତଥା ଶ୍ରୋତାଙ୍କୁ ସ୍ମରଣ କରାଇଦିଏ ଯେ, ସାଂସାରିକ ଋଣ କେବେ ବି ଶେଷ ହୁଏ ନାହିଁ, କିନ୍ତୁ କେବଳ ଆଧ୍ୟାତ୍ମିକ ସଂଯମତା ସଂସାର ଚକ୍ରକୁ ଛିନ୍ନ କରିପାରେ।

ଇହୁଦୀଙ୍କ ପାଇଁ ସୁଧର ଆଉ କିଛି ଅର୍ଥ ରହିଥିଲା। ହିବ୍ରୁ ବାଇବେଲରେ, ଅନ୍ୟମାନଙ୍କଠାରୁ ସୁଧ ଆଦାୟ କରିବା ପାଇଁ ପୁରାତନ ହିବ୍ରୁ ଭାଷାଭାଷୀ ଲୋକଙ୍କୁ ବାରଣ କରାଯାଇଥିଲା। ଏହି ସମୁଦାୟ ମଧ୍ୟରେ ଏହାକୁ ବାରଣ କରାଯାଇଥିଲେ ମଧ୍ୟ ବାହାର ଲୋକଙ୍କ ପାଇଁ ଅନୁମତି ରହିଥିଲା। ପରେ ୟୁରୋପର ଖ୍ରୀଷ୍ଟିଆନ ବହୁଳ ଅଞ୍ଚଳରେ ଚର୍ଚ୍ଚ ମୁଖ୍ୟଙ୍କ ଦ୍ୱାରା କରାଯାଇଥିବା ଆଇନରେ ସୁଧ ଆଦାୟ କରିବାକୁ ମନା କରାଯାଇଛି। କିନ୍ତୁ ରାଜାମାନେ ଏବଂ ଉଚ୍ଚସ୍ତରର ବ୍ୟକ୍ତିମାନଙ୍କ ପାଇଁ ଋଣର ଆବଶ୍ୟକତା ଥିଲା, ଏଣୁ ସେମାନେ ଇହୁଦୀମାନଙ୍କ ସହଯୋଗ ଚାହିଁଲେ, ଯେଉଁମାନଙ୍କୁ ବହୁ ସମୟରେ ସାହୁକାର ହେବାକୁ ବାଧ୍ୟ କରାଯାଇଥିଲା, କାରଣ ସେମାନଙ୍କୁ ଅନ୍ୟସବୁ ବୃତ୍ତିରୁ ବାଦ୍ ଦିଆଯାଇଥିଲା। ଏହାଦ୍ୱାରା ଅନେକ ଶତାବ୍ଦୀ ଧରି ଇହୁଦୀମାନେ ଋଣଦାତା ହୋଇରହିଥିଲେ ଏବଂ ସେମାନେ ସୁଧ ପ୍ରକ୍ରିୟା ଉଦ୍ଭାବନ କରିଥିଲେ ବୋଲି ଐତିହାସିକ କାହାଣୀ ବିସୃଷ୍ଟି କରାଯାଇଥିଲା। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଇହୁଦୀ ଆଇନ କରାଯିବାର ବହୁ ଶତାବ୍ଦୀ ପୂର୍ବରୁ ଚକ୍ରବୃଦ୍ଧି ସୁଧ ମେସୋପଟାମିଆ, ଗ୍ରୀସ୍, ଭାରତ ଭଳି ଦେଶରେ ପ୍ରଚଳିତ ଥିଲା। ଅବଶ୍ୟ, ସୁଧକୁ ପ୍ରୋତ୍ସାହିତ ନ କରି କେବଳ ଏହା ଉପରେ କଟକଣା ଲଗାଇ ଇହୁଦୀ ପରମ୍ପରା ଆରମ୍ଭ କରାଯାଇଥିଲା। କିନ୍ତୁ ଇତିହାସ ଇହୁଦୀଙ୍କୁ ଟଙ୍କାର ସଙ୍କେତ କରିଦେଲା ଏବଂ ସେମାନଙ୍କ ବାଣିଜ୍ୟରେ ଚକ୍ରବୃଦ୍ଧି ସୁଧ ଏକ ପ୍ରତୀକ ପାଲଟିଗଲା।

ସମୟ ଓ ସ୍ଥଳବିଶେଷରେ ଚକ୍ରବୃଦ୍ଧି ସୁଧର ବିଭିନ୍ନ ଅର୍ଥ ରହିଆସିଛି। ଶାସକ ଓ ବଣିକଙ୍କ ପାଇଁ ଏହା ଏକ ଗାଣିତିକ ସାଧନ। ସନ୍ନ୍ୟାସୀ ଓ ଋଷିଙ୍କ ଦୃଷ୍ଟିରେ ଏହା ହେଉଛି ମାନବୀୟ ଦୁର୍ବଳତାର ଏକ ନୀତିକଥା ଏବଂ ଲୋଭ ଓ ମୂର୍ଖାମିର ଏବ ଛୋଟ କାମ କିଭଳି ନିୟନ୍ତ୍ରଣ ବାହାରକୁ ଚାଲିଯାଏ ତାହା ଏହା ଦର୍ଶାଏ। ଇହୁଦୀ ଓ ଖ୍ରୀଷ୍ଟିଆନଙ୍କ ପାଇଁ ଏହା ଥିଲା ଏକ ନୈତିକ ଦ୍ୱନ୍ଦ୍ୱ ବା ସମସ୍ୟା ; ଏହା ମଧ୍ୟ ଥିଲା ଉଭୟ ଆବଶ୍ୟକତା ଓ ପାପର ଏକ ପରମ୍ପରା। ଏବେ ବ୍ୟାଙ୍କରମାନେ ଏହାକୁ ଧନର ଚାବିକାଠି ବୋଲି ମାନୁଛନ୍ତି।

-devduttofficial@gmail.com

# ବିଲୁପ୍ତି ପଥେ ନୀଳରକ୍ତ କଙ୍କଡ଼ା



କମଳଲୋଚନ ପଣ୍ଡା

ମାନବ ଜାତି ପାଇଁ ପରମ ଉପକାରୀ ବନ୍ଧୁ ହେଉଛି ବିରଳ ନୀଳରକ୍ତ କଙ୍କଡ଼ା। ତା'ର ନୀଳରକ୍ତର କଣିକାରେ ଭରି ରହିଛି ଅମୂଲ୍ୟ ଔଷଧୀୟ ଗୁଣ। ବାଲେଶ୍ୱର ଏବଂ ଭଦ୍ରକ ଜିଲାର ଶାନ୍ତ ବେଳାଭୂମିରେ ନୀଳରକ୍ତ କଙ୍କଡ଼ା ଦେଖାଯାଆନ୍ତି। ଏମାନଙ୍କ ରକ୍ତ ଧଳା ହୋଇଥିବା ବେଳେ ବାୟୁ ସଂସ୍ପର୍ଶରେ ଆସିଲେ ନୀଳ ହୋଇଯାଏ। ରକ୍ତର ରଙ୍ଗକୁ ନେଇ ଏହି ଜୀବର ନାମ ନୀଳରକ୍ତ କଙ୍କଡ଼ା ହୋଇଛି। ପୃଥିବୀର ୭ଟି ମହାଦେଶ ମଧ୍ୟରୁ କେବଳ ଆମେରିକା ଓ ଏସିଆ ମହାଦେଶରେ ଏହା ଦେଖାଯାଏ। ବିଶେଷକରି ଭାରତରେ ଏହି କଙ୍କଡ଼ାର ଉପସ୍ଥିତି ସବୁଠାରୁ ଅଧିକ। କିନ୍ତୁ, ଆଜି ଏହାର ଅସ୍ତିତ୍ୱ ବିପଦରେ ପଡ଼ିଛି।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷକରି ବଳରାମଗଡ଼ି, ଚାନ୍ଦିପୁର, ଡଗରା, କଷାଫଳ, ହୁକିଟୋଲା ପରି ଅଞ୍ଚଳ ନୀଳରକ୍ତ କଙ୍କଡ଼ାମାନଙ୍କ ଆବାସସ୍ଥଳ। ଏହି କୂଳଗୁଡ଼ିକ ପ୍ରାକ୍-ମୌସୁମୀ ଏବଂ ପରବର୍ତ୍ତୀ ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଜନନ ଏବଂ ବସା ସ୍ଥାପନ ଆବାସସ୍ଥଳ ଭାବରେ କାର୍ଯ୍ୟକରେ। ଦୁର୍ଭାଗ୍ୟବଶତଃ, ଦ୍ରୁତ ଉପକୂଳ ବିକାଶ, ଅବୈଧ ମାଛ ଧରିବା ଏବଂ ପ୍ରଦୂଷଣଏହି କଙ୍କଡ଼ାଙ୍କ ବାସସ୍ଥାନ ନଷ୍ଟକରୁଛି। ବହୁ ମସୟରେ ଅନେକ ନୀଳରକ୍ତ କଙ୍କଡ଼ା ମାଛଧରା ଜାଲରେ ଫସିଯାଇ ମରିଯାଉଛନ୍ତି। ଏହା ବ୍ୟତୀତ ବାଲି ଖନନ ଏବଂ କ୍ଷୟ ଯୋଗୁ ଏମାନଙ୍କ ମୃତ୍ୟୁ ଘଟୁଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ସମୁଦ୍ର ତାପମାତ୍ରା ବୃଦ୍ଧି ଘଟି ଏମାନଙ୍କ ବସା ସ୍ଥାପନ ସ୍ଥାନକୁ ଆହୁରି ହ୍ରାସ କରିଦେଇଛି।

ଆଧୁନିକ ଔଷଧ ପାଇଁ ପ୍ରକୃତିର ଉପହାର ହେଉଛି ନୀଳରକ୍ତ କଙ୍କଡ଼ା। ଏମାନଙ୍କର ପରିବେଶଗତ ଭୂମିକା ବ୍ୟତୀତ ଏମାନେ ମାନବ ସ୍ୱାସ୍ଥ୍ୟ ପାଇଁ ଅମୂଲ୍ୟ ସମ୍ପଦ। ଏମାନଙ୍କର ନୀଳରକ୍ତରେ ଲିମୁଲସ ଆମେବୋସାଇଟ୍ ଲାଇସେଟ୍ ନାମକ ଏକ ଯୌଗିକ ଥାଏ ; ଯାହା ଟିକା, ସର୍ଜିକାଲ ଇମ୍ପ୍ଲାଣ୍ଟ ଏବଂ ଶିରାଭ୍ୟାସ ଔଷଧରେ ଜୀବାଣୁ ଏଣ୍ଡୋଟକ୍ସିନ ଚିହ୍ନଟ କରେ। କୋଭିଡ୍-୧୯ ଟିକା ସମେତ ଜୀବନ ରକ୍ଷାକାରୀ ଟିକାର ପ୍ରତ୍ୟେକ ବ୍ୟାଚ୍ ଏହି ପ୍ରାକୃତିକ ଜୈବ ଚିକିତ୍ସା ପରୀକ୍ଷା ଉପରେ ନିର୍ଭରକରେ।

ବିରଳ ଓ ଦୁର୍ଲଭ ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ଏବଂ ବଂଶବୃଦ୍ଧି ପାଇଁ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ପ୍ରାଣୀ ବିଜ୍ଞାନ ସର୍ବେକ୍ଷଣର ନାଳିରକ୍ତ କଙ୍କଡ଼ା ଗବେଷଣା ଏବଂ ସଂରକ୍ଷଣ କେନ୍ଦ୍ର ଓଡ଼ିଶାର ଉପକୂଳରେ ସକ୍ରିୟ ଭାବରେ ପ୍ରଜାତି ଉପରେ ନଜର ରଖିଛନ୍ତି। ଗବେଷକ ଏବଂ ସ୍ୱେଚ୍ଛାସେବକମାନେ ଜନସଂଖ୍ୟା ସର୍ଭେ, ଟ୍ୟାଗିଂ କାର୍ଯ୍ୟକ୍ରମ ଏବଂ ସମ୍ପ୍ରଦାୟ ସମ୍ବେଦନଶୀଳତା କର୍ମଶାଳା ପରିଚାଳନା କରନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ରମାଗତ ଭାବରେ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ସଚେତନତା ଅଭିଯାନ, ଉପକୂଳ ମହାବିଦ୍ୟାଳୟ ଗୁଡ଼ିକୁ ଏକାଠି କରିବା ପାଇଁ ସହଯୋଗୀ ଆଭିମୁଖ୍ୟ ଗ୍ରହଣ କରିବା ସହ ଜୈବ ଚିକିତ୍ସା ଗୁରୁତ୍ୱ ଏବଂ ସଂରକ୍ଷଣ ପାଇଁ ଆବଶ୍ୟକତା ସମ୍ପର୍କରେ ଜାତୀୟ ଏବଂ ଆଞ୍ଚଳିକ ମଞ୍ଚରେ ଜ୍ଞାନ ଏବଂ ଚିନ୍ତାଧାରା ବାଣ୍ଟିବା ଜାରିରଖିଛି। ଉପକୂଳ ଜୈବବିବିଧତା ସଂରକ୍ଷଣ ପାଇଁ କର୍ମଶାଳା, ସେମିନାର, ସମ୍ମିଳନୀ ମଧ୍ୟ ଆୟୋଜନ କରୁଛି। ସଂରକ୍ଷଣ ବିଜ୍ଞାନରେ କାର୍ଯ୍ୟ କରିବାକୁ ଛାତ୍ରମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ବିଭିନ୍ନ ବିଷୟ ପାଇଁ ଛାତ୍ର ଗବେଷଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟର ଗବେଷଣା ସହଯୋଗୀ ସୌମ୍ୟରଞ୍ଜନ ଦାଶ ନୀଳରକ୍ତ କଙ୍କଡ଼ା ଉପରେ ଗବେଷଣା ପ୍ରକଳ୍ପ କାର୍ଯ୍ୟକରି ଜାତୀୟସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି।

ନୀଳରକ୍ତ କଙ୍କଡ଼ା ସୁସ୍ଥ ଉପକୂଳୀୟ ପରିବେଶ ପ୍ରଣାଳୀର ସୂଚକ। ସେମାନଙ୍କୁ ସୁରକ୍ଷା ଦେବା ଅର୍ଥ ହେଉଛି ବାଲିଆ ବେଳାଭୂମି ଏବଂ ସାମୁଦ୍ରିକ ଜୈବବିବିଧତାକୁ ସୁରକ୍ଷା ଦେବା। ସମୃଦ୍ଧ ଉପକୂଳ ଐତିହ୍ୟ ସହ ଓଡ଼ିଶା ସମ୍ପ୍ରଦାୟ ଆଧାରିତ ପରିଚାଳନା, ବାସସ୍ଥାନ ପୁନରୁଦ୍ଧାର ଏବଂ ବନ୍ୟପ୍ରାଣୀ ସୁରକ୍ଷା ଆଇନର କଠୋର ପ୍ରୟୋଗ ମାଧ୍ୟମରେ ନୀଳରକ୍ତ କଙ୍କଡ଼ା ସଂରକ୍ଷଣରେ ଭାରତର ପ୍ରୟାସକୁ ନେତୃତ୍ୱ ଦେଇପାରେ।

ଆବଶ୍ୟକ ସୁରକ୍ଷା ଓ ନିରାପତ୍ତା ଅଭାବରୁ ନୀଳରକ୍ତ କଙ୍କଡ଼ା ବିଲୁପ୍ତହେବାକୁ ବସିଲେଣି। ପରିବେଶ ସନ୍ତୁଳନ ସହ ଜୈବବିବିଧତା ବଜାୟ ରଖିବାରେ ମଧ୍ୟ ଏମାନଙ୍କର ଭୂମିକା ରହିଛି। ଯେତେବେଳେ ଆମେ ଏକ ଅଧିକ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛୁ, ଏହି ପ୍ରାଚୀନ ନାବିକମାନେ ଆମକୁ ବିବର୍ତ୍ତନ, ପରିବେଶ ବିଜ୍ଞାନ ଏବଂ ମାନବ ବଞ୍ଚିବା ମଧ୍ୟରେ ଗଭୀର ସମ୍ପର୍କକୁ ମନେପକାଇଦେଉଛନ୍ତି। ଏମାନଙ୍କୁ ଜୀବିତ ରଖିବା ଆମର କର୍ତ୍ତବ୍ୟ।

**ଗ୍ରନ୍ଥାଗାର ସହାୟକ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ମୋ : ୭୩୨୭୦୨୮୯୭୮**

## ଏଇ ଭାରତରେ

ପ୍ରାୟ ଏକ ଦଶନ୍ଧି ପୂର୍ବରୁ ମହାରାଷ୍ଟ୍ର ପଶ୍ଚିମଘାଟ ପର୍ବତମାଳା ଆଖପାଖ ଗାଁଗୁଡ଼ିକରେ ଜଳସଙ୍କଟ ଯୋଗୁ କୃଷିରେ ବାଧା ଉପୁଜୁଥିଲା। ସେଠାକାର ବୋର୍‌ୱେଲ କାମ କରୁ ନ ଥିଲା। ଏବେ ଏହି ସମସ୍ୟା ଦୂର କରିଛନ୍ତି ପୁଣେର ଇଞ୍ଜିନିୟର ରାହୁଲ ବକାରେ। ସେ ବୋର୍‌ୱେଲଗୁଡ଼ିକର ପୁନରୁଦ୍ଧାର କରିପାରିଛନ୍ତି। ଫଳରେ ଲୋକେ ପର୍ଯ୍ୟାପ୍ତ ପାନୀୟଜଳ ପାଇବା ସହ ଚାଷକାର୍ଯ୍ୟ ମଧ୍ୟ ସୁରୁଖୁରୁରେ କରୁଛନ୍ତି। ଏସବୁ ଗାଁ ସମେତ ଭାରତରେ ଏଯାବତ୍ ସେ ୪୦୦ରୁ ଉର୍ଦ୍ଧ୍ୱ ବୋର୍‌ୱେଲ ମରାମତି କରିସାରିଲେଣି। ରୋହିଣୀ ନିଲେକାନି ଆର୍ଗିୟାମ ଫାଉଣ୍ଡେଶନ ଦ୍ୱାରା ଏହାର ପରିଚାଳନା କରାଯାଉଛି। ନୂଆ ବୋର୍‌ୱେଲ ତୁଳନାରେ ବହୁ କମ୍ ଖର୍ଚ୍ଚରେ ଅକାମି ହୋଇ ପଡ଼ିରହିଥିବା ବୋର୍‌ୱେଲଗୁଡ଼ିକର ପୁନରୁଦ୍ଧାର ହୋଇପାରୁଛି। ଏହି କାର୍ଯ୍ୟ ସେ ରୋବୋ ମାଧ୍ୟମରେ କରୁଛନ୍ତି। ତାଙ୍କୁ ସହଯୋଗ କରୁଛନ୍ତି ହାଇଡ୍ରୋଲୋଜିଷ୍ଟ ବିନିତ ଫଡନିସ। ରାହୁଲ ଆମେରିକାରେ ଚାକିରି ଛାଡ଼ି ଗାଁରେ ଚାଷ କରିବା ବେଳେ ଜଳାଭାବ ସ୍ଥିତିକୁ ଦେଖି ତାହା ଦୂର କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୧ ଡିସେମ୍ବର ୧୯୭୬

- ରାଜ୍ୟରେ ୬ଟି ନୂଆ ଗ୍ରାମାଞ୍ଚଳ ବିଦ୍ୟୁତୀକରଣ ପରିକଳ୍ପନା ଜରିଆରେ ୭୨୩ ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇବା ପାଇଁ ୨.୨୭ କୋଟି ଟଙ୍କା ମଞ୍ଜୁର।
- ଭାରତର ଆଣବି ଗବେଷଣା ପାଇଁ ସୋଭିଏତ ୟୁନିୟନ ୨ ଶହ ଟନ ଭାରିଜଳ ଯୋଗାଇଦେବ ବୋଲି ନିଉୟର୍କ ଟାଇମ୍ସର ଏକ ସମ୍ବାଦରେ ପ୍ରକାଶ ପାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 8 | 5 |
| | | 9 | 6 | | 4 | | | |
| | | | | 3 | | 2 | | |
| | | | | | | | | |
| 5 | 6 | | | | 8 | | | |
| | | | | 4 | 2 | | | 1 |
| | 1 | | 2 | | | 3 | 5 | |
| | | 6 | | | | | 4 | |
| | | 3 | | | 7 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 9 | 7 | 8 | 4 | 1 | 5 | 3 |
| 8 | 4 | 5 | 9 | 1 | 3 | 2 | 7 | 6 |
| 7 | 3 | 1 | 5 | 6 | 2 | 8 | 4 | 9 |
| 5 | 1 | 7 | 4 | 9 | 8 | 6 | 3 | 2 |
| 4 | 8 | 6 | 2 | 3 | 5 | 7 | 9 | 1 |
| 3 | 9 | 2 | 1 | 7 | 6 | 4 | 8 | 5 |
| 9 | 6 | 3 | 8 | 4 | 1 | 5 | 2 | 7 |
| 1 | 5 | 8 | 3 | 2 | 7 | 9 | 6 | 4 |
| 2 | 7 | 4 | 6 | 5 | 9 | 3 | 1 | 8 |

ଗତକାଲିର ଉତ୍ତର

# ଖଜୁରି ଗଛର କି ଗୁଣ ଗାଇବି



ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଆମ ଦେଶର ସମ୍ବିଧାନ କହେ ଆଇନ ଦୃଷ୍ଟିରେ ସମସ୍ତେ ସମାନ। ହେଲେ ବାସ୍ତବ କ୍ଷେତ୍ରରେ ତାହାର କାର୍ଯ୍ୟାନ୍ୱୟନ ବା ଅନୁପାଳନ ବେଳେ ହୁଏ କିନ୍ତୁ ଠିକ୍ ତା'ର ଓଲଟା। ଜଣେ ଖଟିଖିଆ ମଜୁରିଆ ପାଇଁ ଆଇନ କଚ୍ଛପ ଗତିରେ ଚାଲୁଥିବା ବେଳେ ମହାଜନ ତଥା କ୍ଷମତାଧାରୀଙ୍କ ପାଇଁ ଏହା ଧାଉଁଥାଏ। ମୁଷ୍ଟିମେୟ କେତେଜଣ ଲୋକ ଦେଶର ସବୁତକ ସୁବିଧା ସୁଯୋଗ ସହଜରେ ହାତେଇ ଚାଲିଥିବା ବେଳେ ସାଧାରଣ ଲୋକମାନେ ହେଉଥାନ୍ତି ଚାହିଁ ଜଳକା। ଏମିତି ହୁଏ କାହିଁକି? ଏହାର ଗୂଢ଼ ରହସ୍ୟ ଭେଦିବା ସାଧାରଣ ମଣିଷ ପକ୍ଷରେ ଅସମ୍ଭବ।

ଦେଶ ଏବେ ଏକ ବିଚିତ୍ର ପରିବେଶ ଆଉ ପରିସ୍ଥିତି ଦେଇ ଗତି କରୁଥିବା କହନ୍ତି ବୁଦ୍ଧିଜୀବୀମାନେ। ଲୋକଙ୍କ ମନରେ ଲାଗି ରହିଛି ଅବିଶ୍ୱାସ ଆଉ ଅନାସ୍ଥା ଭାବ। କେହି କାହାକୁ ସହଜରେ ବିଶ୍ୱାସ କରିପାରୁନାହାନ୍ତି। କାହିଁକି ନା ଏବେ ଦେଶର ପ୍ରତିଟି କ୍ଷେତ୍ରରେ ମଣିଷଙ୍କୁ ଚିତାକାଟିବାର ପ୍ରତିଯୋଗିତା ଲାଗିଯାଇଛି। ଯିଏ ଅନ୍ୟଙ୍କୁ ଠକି ଦେଇପାରିଲା କି ଲୁଟି କାଙ୍ଗାଳକରି ଦେଇପାରିଲା ସେ ହେଲା ବଡ଼ଲୋକ ଆଉ କ୍ଷମତାର ମାଲିକ। ଏମିତି ଏକ ଅବେଳରେ ଆଇନ ଉପରେ ଲୋକଙ୍କ ଆସ୍ଥା ବଢ଼ିବା ସ୍ୱାଭାବିକ। ହେଲେ ଏଇ ସମୟରେ ଆଇନର ରକ୍ଷକ ଯଦି ଭକ୍ଷକ ହୁଅନ୍ତି, ତେବେ ସାଧାରଣ ଲୋକମାନେ ଗୁହାରି କରିବେ କାହା ଆଗରେ? ନ୍ୟାୟ ପାଇବେ ତ ପାଇବେ କାହା ପାଖରୁ?

ବେଳେବେଳେ ଲୋକେ ଅଭିଯୋଗ କରୁଥିବା ଶୁଣାଯାଏ 'ଆମ ଦେଶରେ ଏମିତି ଆଇନ କାହିଁକି ତିଆରି କରାଯାଏ, ଯାହା ଉଭୟ ଆଇନ ନିର୍ମାତା ଏବଂ ପାଳନକର୍ତ୍ତାଙ୍କୁ ପାଳନ କରିବା କଷ୍ଟକର ହୋଇପଡ଼େ। ସେ ସରକାରଙ୍କ ତଳସ୍ତରର କର୍ମଚାରୀ ହୁଅନ୍ତୁ କି ସାଧାରଣ ଜନତା, ସେମାନଙ୍କ ପାଇଁ ଆଇନ ଅନୁପାଳନ ବେଳେ ଯେତିକି ଘାତ ପ୍ରତିଘାତ ଦେଖାଯାଏ, କାହିଁକି ଯେ ସେତିକି ଅସୁବିଧା ଦେଖାଯାଏ ନାହିଁ ଉପରିସ୍ଥ ହାକିମ କିମ୍ବା ବଡ଼ବଡ଼ିଆଙ୍କ ବେଳକୁ। ସେମାନଙ୍କ ପାଇଁ ଛୁଟି ସମୟ ବାହାରେ ଏପରିକି ମଧ୍ୟରାତ୍ର ପର୍ଯ୍ୟନ୍ତ ଖୋଲା ରହେ ଅଫିସ୍। ଏପରିକି କୋର୍ଟ କଚେରି ଖୋଲାଯାଏ ଅବେଳରେ। ପିଅନଠୁ ଅଫିସର ପର୍ଯ୍ୟନ୍ତ ସମସ୍ତେ ମାତି ଯାଆନ୍ତି କାମରେ। ସାଧାରଣ ଲୋକଙ୍କ ବେଳକୁ ଥତମତ ହେଉଥିବା ବାବୁମାନଙ୍କ କଲମ ଚାଲେ ଚରଚର୍ ଅର୍ଥାତ୍ କାମ ହୋଇଯାଏ ବୁଲେଟ୍ ବେଗରେ। କେବଳ ଅଫିସର ଚାହିଁଲେ ହେଲା। ଆଉ ସେମାନେ ଏତେ ଓଭର୍ ଟାଇମ୍ କରିବାକୁ କାହିଁକି ଚାହାନ୍ତି, ସେଇ କଥା ତାଙ୍କୁ ହିଁ ଜଣା। ଅବଶ୍ୟ ଏକଥା ସତ ଯେ, ଦିନସାରା ଖଟଣିରୁ ଯେତେ କଷ୍ଟ ଅନୁଭବ କରୁଥିଲେ ହେଁ ଅଫିସ୍ ଟାଇମ୍ ବାହାରେ କାମ କରିବାକୁ ମନା କରିପାରନ୍ତି ନାହିଁ ତଳିଆ କର୍ମଚାରୀ। କେମିତି ହେଲେ ମନାକରି ପାରିବେ? ଯାହା ହେଲେ ବଡ଼ବଡ଼ିଆଙ୍କ କଥା ନା!

ସରକାରୀ ବ୍ୟବସ୍ଥା ଏମିତି ଯେ ଏଇଠି ପଦସ୍ଥ ବାବୁମାନେ ଦରମା ପାଇଲା ବେଳେ ପାଇବେ ସର୍ବାଧିକ, ହେଲେ ଦାୟିତ୍ୱ ମୁଣ୍ଡେଇଲା ବେଳକୁ ଚତୁରତାର ସହ ନିଜ ଉପରୁ ବୋଝତକ ଖସେଇ ଚାଲିଥିବେ ତଳକୁ ତଳକୁ, ଠିକ୍ ପୋଷ୍ଟାଲ ସିଷ୍ଟମ ଭଳି। ଆହା, ବିଚରା ତଳିଆ କର୍ମଚାରୀମାନେ? ସେମାନେ କହିବେ ତ କହିବେ କାହାକୁ? ଯିବେ ତ ଯିବେ କୁଆଡ଼େ? ନିଜର ସାଧମତେ ଆଦେଶ ଅନୁପାଳନ କରିବାକୁ ସେମାନେ ବାଧ୍ୟ। ଏଥିରେ ପୁଣି କରୁକରୁ କୌଣସି କାମ ଯଦି ତଳିଆ କର୍ମଚାରୀଙ୍କ ଉଦ୍‌ଯୋଗ ଫଳରେ ସଫଳ ହୋଇଯାଏ, ତେବେ ତାହାର ଶ୍ରେୟ ନେବାକୁ ଆଗେଇ ଆସନ୍ତି ମାଲମାଲ ବାବୁ, ନେତା, ମନ୍ତ୍ରୀ। ଆଉ ଛୋଟ କର୍ମଚାରୀଟିର ଭାଗ୍ୟ ଅବଳକୁ ଯଦି ବାଇଚାନ୍ସ ଫେଲ୍ ମାରିଯାଏ କୌଣସି କାର୍ଯ୍ୟକ୍ରମ, ତେବେ ସବୁ ଦୋଷ ତଳିଆ କର୍ମଚାରୀଙ୍କ ମୁଣ୍ଡକୁ ଗଡ଼େଇଦେଇ ଝାଡ଼ିଝୁଡ଼ି ସଫା ହୋଇଯିବେ ସେମାନେ। ଏଇଟା ଯୁଗେ ଯୁଗେ ଚାଲି ଆସିଛି ଏଇ ଦେଶରେ।



ସେ ତଳିଆ କର୍ମଚାରୀ ହୁଅନ୍ତୁ କି ସାଧାରଣ ଜନତା, ସେମାନଙ୍କୁ କଥା କଥାରେ ହଇରାଣ ହରକତ କରିପାରୁଥିବା ଉଚ୍ଚପଦସ୍ଥ ବାବୁମାନେ ନିଜକୁ ସ୍ୱୟଂ ଭଗବାନଙ୍କ ଅବତାର ବୋଲି ଭାବୁଥାନ୍ତି। ତାଙ୍କ ଦୃଷ୍ଟିରେ ସେଇ ମଣିଷଙ୍କର ଭାଗ୍ୟ ନିୟନ୍ତା ହେଉଛନ୍ତି ଏଇ ବାବୁମାନେ। କାରଣ ଏମାନଙ୍କ କଲମ ମୁନରେ ନିହିତ ଥାଏ ସେତେ ବଡ଼ କ୍ଷମତା, ଯାହାର ଦୁରୁପଯୋଗ ଏମାନେ କରି ଚାଲିଛନ୍ତି ଅକ୍ଲେଶରେ। ଜଣକୁ ମାରିବା କି ତାରିବା ସବୁକିଛି ଥାଏ ଏମାନଙ୍କ ହାତରେ। ଭାଙ୍ଗିବା ଗଢ଼ିବା, ଗଢ଼ିବା ଭାଙ୍ଗିବା ଏମାନଙ୍କ ପାଇଁ ଏକ ସାଧାରଣ ଖେଳ। ଏମାନେ ଚାହିଁଲେ ଜଣେ ଚାଟୁକାର ଅଥଚ ଅଯୋଗ୍ୟ କର୍ମଚାରୀକୁ ଚାହୁଁଚାହୁଁ ବସେଇ ଦେଇପାରନ୍ତି ଉଚ୍ଚାସନରେ, ଛାଡ଼କରିଦେଇ ପାରନ୍ତି ତା'ର ସବୁତକ ଅନ୍ୟାୟ ଅନୀତି ଦୁର୍ନୀତି। ଅପରପକ୍ଷରେ ସାହେବଙ୍କର ମିଥ୍ୟା ଜୟଗାନରେ ପଶ୍ଚାଦ୍‌ପଦ ହେଉଥିବା ଅଥବା ଦର୍ଶନୀ/ଭେଟି ଦେବାରେ ଅକ୍ଷମତା ପ୍ରକାଶ କରୁଥିବା ଜଣେ ସାଧୁ, ସଚ୍ଚୋଟ, କର୍ମଯୋଗୀ କର୍ମଚାରୀକୁ ତଳି ତଳାନ୍ତ କରିଦେଇ ପାରନ୍ତି ସେ କ୍ଷଣିକ ଭିତରେ।

ସରକାରୀ କାର୍ଯ୍ୟାଳୟରେ ଚାଲିଥିବା ଏମିତି ଅନେକ ଅନାଲୋଚିତ ଅଲିଖିତ କଠୋର ନିୟମକାନୁନ ଯୋଗୁ ଭାଙ୍ଗିଯାଏ ସଚ୍ଚୋଟ କର୍ମଚାରୀଙ୍କ ମନୋବଳ। ଏପରିକି ଅନେକ ସମୟରେ କର୍ମବିମୁଖ ହୋଇ ଉଠନ୍ତି ସେମାନେ। ମନ ତାଙ୍କର ବିଦ୍ରୋହ କରିଉଠେ। ହେଲେ ତାଙ୍କ ଦୁଃଖ ଯନ୍ତ୍ରଣା ଦେଖିବାକୁ କି ସେମାନଙ୍କ ମନୋବେଦନା ବୁଝିବାକୁ କେହି ଜଣେ ହେଲେ ମହାନୁଭାବ ନ ଥାନ୍ତି ସରକାରୀ ବ୍ୟବସ୍ଥା ମଧ୍ୟରେ। ଏହା କହିବା ଅନାବଶ୍ୟକ ଯେ ଆଜିକାଲି ଆମ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବଢ଼ି ଚାଲିଥିବା ଅନ୍ୟାୟ, ଅନୀତି, ଦୁର୍ନୀତିର ମୂଳକାରଣ ହେଉଛନ୍ତି ଏଇ ଅର୍ଥଲୋଭୀ ଅଧିକାରୀମାନେ। ତଥାପି ଏମାନଙ୍କୁ ସାବାଡ଼ କରିବାର ଠିକ୍ ଉପାୟ କିଛି ଆଜି ପର୍ଯ୍ୟନ୍ତ ବାହାରି ନାହିଁ ବୋଧହୁଏ। ସେମିତି ଉପାୟ କିଛି ନଥିପତ୍ରରେ ଅବଶ୍ୟ ରହି ଥାଇପାରେ, ହେଲେ ତାହା କାର୍ଯ୍ୟାକାରୀ ହେଲେ ତ! ଆଇନକୁ କାର୍ଯ୍ୟକାରୀ କରୁଥିବା ଲୋକ ଯଦି ନିଜେ ଭ୍ରଷ୍ଟାଚାରୀ ହୁଏ? ତେବେ...।

ଅନ୍ୟକୁ ପଦଦଳିତକରି ରଖିବା ଭଳି ଔପନିବେଶବାଦୀ ମନୋଭାବ ପ୍ରତିପୋଷଣ କରୁଥିବା ମିଥ୍ୟାସ୍ତୁତି ପ୍ରିୟ ପ୍ରଶାସନିକ ଅଧିକାରୀ ଏବଂ ତାଙ୍କୁ ନିୟନ୍ତ୍ରିତ ବା ଉତ୍ସାହିତ କରୁଥିବା ମହାମାନ୍ୟମାନେ ହେଉଛନ୍ତି ଦେଶର ପ୍ରଥମ ଶତ୍ରୁ, ଗୃହଶତ୍ରୁ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏପରି ହୀନ ମାନସିକତା ସୃଷ୍ଟିହେବା କେବେହେଲେ ଶୁଭଙ୍କର ନୁହେଁ। ବୋଧହୁଏ ଆଜିକାଲି ଏଇଥିପାଇଁ ଦେଶ ପରିଚାଳନାର ଗୁରୁଦାୟିତ୍ୱ ମୁଣ୍ଡେଇଥିବା ବ୍ୟକ୍ତିବିଶେଷମାନେ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରୁନାହାନ୍ତି। ଦେଶ ହିତରେ ଏପରି ନିମ୍ନ ମାନସିକତାର ପରିବର୍ତ୍ତନ ଜରୁରୀ। ଏକଥା ସମସ୍ତେ ମର୍ମେ ମର୍ମେ ଅନୁଭବ କରୁଛନ୍ତି, କରି ଚାଲିଛନ୍ତି। ତଥାପି ସମସ୍ତେ ଆଜି ନୀରବ। ଲୋକହିତ ଏବଂ ସୁଶାସନ ପାଇଁ ସରକାରୀ ଚାକିରି କ୍ଷେତ୍ରରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ତଥା କର୍ମଚାରୀଙ୍କୁ ଦୃଢ଼ହସ୍ତରେ ଦମନ କରାଯିବା ସହ ସଚ୍ଚୋଟ ତଥା କର୍ମଠ ବ୍ୟକ୍ତିବିଶେଷଙ୍କୁ ସୁରକ୍ଷା ଯୋଗାଇଦେବା ଆବଶ୍ୟକ। ହେଲେ ସେତକ କରିବ କିଏ? ସାଧାରଣ ମଣିଷ ନା ଆଇନ ରକ୍ଷକ ତଥା ନିର୍ମାତା ମହାମାନ୍ୟମାନେ?

**ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର**
**ମୋ: ୮୨୪୯୮୦୭୨୬୭**

## ପାଠକ ଶ୍ରେଷ୍ଠ ବିଚାରକ

### ଜିଡିପିରୁ ଲୋକମାନେ କ'ଣ ବୁଝନ୍ତି

ମହାଶୟ,

ଅର୍ଥନୀତିର ଜଟିଳ ପାଠ ମଧ୍ୟରୁ ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ(ଜିଡିପି) ହିସାବ ହେଉଛି ଅନ୍ୟତମ । ଏହାର ବ୍ୟାଖ୍ୟା କରିବା କଷ୍ଟକର। ମୋ ମତରେ ଦେଶର ଅଧିକାଂଶ ସାଧାରଣ ଲୋକର ଜିଡିପି ହେଲା, ତା' ଗାଁ ନିକଟ ବଜାରରେ ତେଲଲୁଣ ଯଦି ଟିକିଏ ଶସ୍ତା ହୋଇଯାଏ ତେବେ ସେ ଅନୁମାନ କରେ ଜିଡିପି ବଢ଼ିଛି। ଏବେ ରାଜ୍ୟ ଏବଂ କେନ୍ଦ୍ର ସରକାର ୧୨ ଏବଂ ୮% ଜିଡିପି ବଢ଼ିଛି ଓ ଦେଶର ଅର୍ଥନୀତି ବୃଦ୍ଧି ପାଇଛି ବୋଲି ପ୍ରଚାର କରୁଛନ୍ତି। ୨୦୩୬ ମସିହାରେ ଓଡ଼ିଶା ଏବଂ ୨୦୪୭ରେ ଦେଶ ବିକଶିତ ହେବ ବୋଲି କହୁଛନ୍ତି। କିନ୍ତୁ ରାଜ୍ୟର ୫୦ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ ଏବଂ ସେମାନଙ୍କ ପରିବାରର ମାସିକ ଆୟ ମାତ୍ର ୫୧୧୧ ଟଙ୍କା। ପରିବାରର ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟରେ କେତେ ଖର୍ଚ୍ଚ କରିବ ତାହାର ଗୋଟିଏ ସାରଣୀ କରି ପ୍ରକାଶ କରନ୍ତୁ।

**-ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତଥାପି ତୋର ଏ ଲଳିତ ମୂରତି ଆଜି
କଠିନ ବକ୍ଷେ ଉଠଇ ନିମେଷେ ବାଜି
ହତାଶ ପ୍ରୀତିର ହୁତାଶ ଜଳଇ ପୁଣି
ଚଞ୍ଚଳ କରି ମୋର ଅବୟବରାଜି ।

-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ





# ନୀଳଗିରିରେ ଝାଡ଼ଖଣ୍ଡୀ ହାତୀପଲ

■୩ ଦନ୍ତା, ୧୦ ଛୁଆ, ୧୪ ମା' ହାତୀ ସାମିଲ
■ଆଗରେ ପାଇଲଟ୍ ଦନ୍ତା, ବନାଞ୍ଚଳବାସୀ ଆତଙ୍କିତ

ନୀଳଗିରି, ୧୦।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲ୍ଲା ନୀଳଗିରିକୁ ପ୍ରବେଶ କରିଛନ୍ତି ୨୭ ଟିକିଆ ଝାଡ଼ଖଣ୍ଡୀ ହାତୀପଲ। ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏହି ହାତୀ ଦଳ ଆସି ଓଡ଼ିଶା ସୀମା ପାରି ହୋଇ କିଛି ଦିନ ମୟୂରଭଞ୍ଜରେ ରହିଥିବା ବେଳେ ବୁଧବାର ଭୋର ସମୟରେ ୨୭ଟି ହାତୀ ଦଳ ଦଳ ହୋଇ ନୀଳଗିରି ରେଞ୍ଜ ଅଧୀନ ଦୁର୍ଗାପୋଖରୀ, ପୁରୁଣା, କାଠପାଳ, ପାଟଣା ଅଯୋଧ୍ୟା ଦିଇ ରାସ୍ତା ପାର୍ କରି ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ହାତୀ ଆସୁଥିବା ରାସ୍ତାରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଏହି ହାତୀପଲ ମଧ୍ୟରେ ୩ ଦନ୍ତା ହାତୀ ଥିବା ବେଳେ ୧୦ ଛୁଆ ଓ ୧୪ ମା' ହାତୀ ଥିବା ସୂଚନା ମିଳିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ହାତୀପଲ ଦୁଇରୁ ତିନି ଭାଗରେ ବିଭକ୍ତ ହୋଇଯାଇଥିବା ବେଳେ ହାତୀପଲ ତିନିକୋଣିଆ ସଂରକ୍ଷିତ ଜଙ୍ଗଲମୁହାଁ ହେଉଥିବା ଜଣାପଡୁଛି। ତିନିକୋଣିଆ ଓ ଗୋପାଳପୁର ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱକୁ ସଂଲଗ୍ନ ଥିବା ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ହାତୀପଲ ଆସିଥିବା ଖବରପାଇ ଆତଙ୍କିତ ହୋଇପଡ଼ିଛନ୍ତି। ସନ୍ଧ୍ୟା ହେଲେ ସଂରକ୍ଷିତ ଜଙ୍ଗଲକୁ ଲାଗି ରହିଥିବା ଏକର ଏକର ଚାଷଜମିରେ ପଶିଲା ଧାନକୁ ଯେତିକି ଖାଉଛନ୍ତି, ତା'ଠୁ ଅଧିକ ଦଳିମକଟି ନଷ୍ଟ କରୁଛନ୍ତି। ବର୍ଷତମାମ୍ ପରିଶ୍ରମ କରି, ଦାନା ପାଣି ଯୋଗାଡ କରିବାକୁ ଚାଷୀ ବହୁ ଆଶା କରିଥିଲେ। ହେଲେ ଅମଳ ସମୟରେ ହାତୀ ମୁହାଁରେ ବର୍ଷକର ପରିଶ୍ରମ ନଷ୍ଟ ହେଉଥିବାରୁ ଏବେ ଭାଙ୍ଗିପଡ଼ିଛନ୍ତି। ବନବିଭାଗ କ୍ଷତିପୂରଣ ଦେବାକୁ କହୁଥିଲେ ମଧ୍ୟ ପୂର୍ବ ବର୍ଷମାନଙ୍କରେ ହାତୀପଲ ଯାହା କ୍ଷତି କରୁଥିଲେ ସେହି ପରିମାଣର କ୍ଷତିପୂରଣ ରାଶି ମିଳି ନ ଥିଲା, ଯାହା ମିଳିଥିଲା ସମୁଦ୍ରକୁ ଶଙ୍ଖେ ସଦୃଶ। ଅନ୍ୟପଟେ ଗୋପାଳପୁର ଓ ତିନିକୋଣିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱରେ ହାତୀ ଜନବସତି ଭିତରକୁ ପ୍ରବେଶ ନ କରିବା ପାଇଁ ଜଙ୍ଗଲ ଚାରି ପାଖରେ ଖୋଳାଯାଇଥିବା ଟ୍ରେଞ୍ଚ, ସୌରବାଡ଼ଗୁଡ଼ିକ ବିଧ୍ୱସ୍ତ ଅବସ୍ଥାରେ ଅଛି। ଫଳରେ ସନ୍ଧ୍ୟା ହେଲେ ଅନ୍ଧାର ରାତିର ସୁଯୋଗ ନେଇ ହାତୀପଲ ଖାଦ୍ୟ ସନ୍ଧାନରେ ଜନବସତିମୁହାଁ ହେଉଛନ୍ତି। ଟ୍ରେଞ୍ଚ ଯଥାଶୀଘ୍ର ସୌରବାଡ଼ଗୁଡ଼ିକ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ହାତୀଙ୍କ କବଳରୁ ମଣିଷଙ୍କୁ ରକ୍ଷା ଏବଂ ମଣିଷ କବଳରୁ ହାତୀଙ୍କୁ ସୁରକ୍ଷା ପାଇଁ ଜଙ୍ଗଲ ଚତୁଃପାର୍ଶ୍ୱରେ ନୀଳଗିରି ବନବିଭାଗର ରେଞ୍ଜର ମନସ୍ୱର ଖାଁଙ୍କ ନେତୃତ୍ୱରେ ଏକାଧିକ ଫରେଷ୍ଟର, ଫରେଷ୍ଟଗାର୍ଡ, ସବୁଜବାହିନୀ ହାତୀର ଗତିବିଧି ନିରୀକ୍ଷଣ ପାଇଁ ଜଙ୍ଗଲ ଚତୁଃପାର୍ଶ୍ୱରେ ଜଗି ରହିଛନ୍ତି। ଏଥିସହ ଡାକବାଜି ଯନ୍ତ୍ର ଦ୍ୱାରା ବନାଞ୍ଚଳବାସୀଙ୍କୁ ସୂଚନା ଦିଆଯାଉଛି।



ଗୋପାଳପୁର ଜଙ୍ଗଲ ରାସ୍ତା ପାରି ହେଉଛନ୍ତି ହାତୀପଲ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଇ-ରିକ୍ସା ଚାଳକ।

## ସ୍ଥାୟୀ ଇ-ରିକ୍ସା ଷ୍ଟାଣ୍ଡ ଦାବି

ବାଲେଶ୍ୱର, ୧୦।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲ୍ଲା ଇ-ରିକ୍ସା ଚାଳକ ସଂଘ ଓ ଭାରତୀୟ ମଜଦୁର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଷ୍ଟେସନ ନିକଟରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଅରୁପ କୁମାର ନାୟକ ଅଧ୍ୟକ୍ଷତା କରି ଇ-ରିକ୍ସା ଚାଳକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ସଭାପତି ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ବାଲେଶ୍ୱର ସହରରେ ଇ-ରିକ୍ସା ଚାଳକମାନଙ୍କୁ ସ୍ଥାୟୀଷ୍ଟାଣ୍ଡ ଯୋଗାଇଦେବା, ସରକାରୀ ବୀମାରେ ଅନ୍ତର୍ଭୁକ୍ତ କରିବା, ରିକ୍ସା କିଣାରେ ରିହାତି ଦେବା, ସମସ୍ତଙ୍କୁ ପରିଚୟପତ୍ର ପ୍ରଦାନ ସହ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ପାଦକ ସଚିନ୍ଦ୍ର ବେହେରା ସଂଘର କଳେବର ବୃଦ୍ଧି ସହ ସଂଘକୁ ଅଧିକ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଇ-ରିକ୍ସା ଚାଳକଙ୍କ ପାଇଁ ସ୍ଥାୟୀ ରିକ୍ସା ଷ୍ଟାଣ୍ଡ ନ ଥିବାରୁ ପାର୍କିଂରେ ସମସ୍ୟା ଏବଂ ଯାତ୍ରୀମାନଙ୍କୁ ଉଠାଇବା ନେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। ଏହି ଅବସରରେ ଇ-ରିକ୍ସା ଚାଳକ ସଂଘର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ଇ-ରିକ୍ସା ଚାଳକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ସଦସ୍ୟ କିଶୋର ଜେନା, ସୁରେଶ ଦାସ, କମଳାକାନ୍ତ ଦାସ, ବିଶାଳ ଶର୍ମାଙ୍କ ସମେତ ବହୁ ଇ-ରିକ୍ସା ଚାଳକ ଉପସ୍ଥିତ ଥିଲେ।

# ଗୋଟିଏ ରାସ୍ତା ପାଇଁ ୨ ଥର ଶିଳାନ୍ୟାସ

ଖଇରା,୧୦।୧୨(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଔପଦା ପୂର୍ବ ବିଭାଗ ରାସ୍ତାରୁ ଶ୍ରୀରାମପୁର କଖାରୁଆ ଦେଇ ଜୟପୁର ସ୍କୁଲ ପର୍ଯ୍ୟନ୍ତ ନିର୍ମିତ ହେବାକୁ ଥିବା ରାସ୍ତାର ଶିଳାନ୍ୟାସକୁ ନେଇ ବିବାଦ ଚରମସୀମାରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ହେବାକୁ ଥିବା ରାସ୍ତା ପାଇଁ ରବିବାର ବିଧାୟକ ପଦ୍ମଲୋଚନ ପଣ୍ଡା, ମଣ୍ଡଳ ସଭାପତି ଲକ୍ଷ୍ମୀଧର ନାୟକଙ୍କ ଦ୍ୱାରା ଶିଳାନ୍ୟାସ ହେବାର ୩ ଦିନ ପରେ ଅର୍ଥାତ ବୁଧବାର ସରପଞ୍ଚ ରଶ୍ମିବାଳା ବେହେରା ଓ ସମିତିସଭ୍ୟା ପାର୍ବତୀ ବାରିକ ନିଜର ଶତାଧିକ ସମର୍ଥକଙ୍କ ଉପସ୍ଥିତିରେ ଦ୍ୱିତୀୟ ଥର ପାଇଁ ଭୂମିପୂଜା କରିଛନ୍ତି। ଏଭଳି ଭୂମିପୂଜାକୁ ନେଇ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ବାଦବିବାଦ ଆରମ୍ଭ ହୋଇଯାଇଛି। ଉଭୟ ଲୋକ ପ୍ରତିନିଧିଙ୍କ କହିବା ମୁତାବକ ସେମାନଙ୍କର ବାରମ୍ବାର ଦାବି ପରେ ଉକ୍ତ ରାସ୍ତା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ଟେଣ୍ଡର ପ୍ରସ୍ତୁତ କରି ଦିଆଯାଇଥିଲା। ଏଣୁ ଏବେ ରାସ୍ତା ଅନୁମୋଦନ ଲାଭ କରିଥିବାରୁ ସେମାନେ ନିଜର ସମର୍ଥକଙ୍କୁ ନେଇ ଭୂମିପୂଜା କରିଛନ୍ତି। କେବଳ ସେତିକି ନୁହେଁ ସେମାନଙ୍କ ଜମିରେ ରାସ୍ତା ଯିବାର ଅଛି ସେମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିବା କହିଛନ୍ତି। ସରପଞ୍ଚ ସମିତିସଭ୍ୟାଙ୍କ ବ୍ୟତୀତ ବିଜେଡି ନେତା ରବୀନ୍ଦ୍ର କୁମାର ବେହେରା ଓ ଅନନ୍ତ ପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ସମର୍ଥକଙ୍କ ଉପସ୍ଥିତିରେ ସରପଞ୍ଚ ସମିତି ସଭ୍ୟ ଜୟପୁର-ଶ୍ରୀରାମପୁର ରାସ୍ତାର ଭୂମିପୂଜା କରୁଛନ୍ତି।

## ବିଦ୍ୟାଳୟରେ ଛାତ୍ରଙ୍କୁ ମାଡ଼

### ପିଅନଙ୍କ ନାଁରେ ଥାନାରେ ଏତଲା

ଲକ୍ଷ୍ମଣନାଥ, ୧୦।୧୨ (ସତ୍ୟରଞ୍ଜନ ପ୍ରଧାନ)

ଜଳେଶ୍ୱର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ରାଇବଣିଆ ଥାନା ଚମାର ଗାଁସ୍ଥିତ ପୂଜନାଥ ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମଧ୍ୟରେ ଗଣ୍ଡଗୋଳ ହୋଇ ଘଟଣା ଥାନାରେ ପହଞ୍ଚିଛି। ସୂଚନା ଅନୁସାରେ ବିଦ୍ୟାଳୟ ଚାଲିଥିବା ବେଳେ କେତେକ ଛାତ୍ର ପରସ୍ପର ମଧ୍ୟରେ ହାତାହାତି ହୋଇ ଆହତ ହୋଇଥିଲେ। ସେଠାରେ ଥିବା ପିଅନ ହସ୍ତକ୍ଷେପ କରିବା ପରିବର୍ତ୍ତେ ଆହତ ଛାତ୍ରଙ୍କ ପିତାଙ୍କୁ ଏଣୁତେଣୁ ମିଥ୍ୟା କଥା କହିଥିଲେ। ଏପରିକି ଗୁରୁତର ଛାତ୍ରଙ୍କୁ ହସ୍ପିଟାଲ ନେବା ପରିବର୍ତ୍ତେ, ଅନ୍ୟ ଦୁଇ ହିନ୍ଦୀ ଓ କଳା ଶିକ୍ଷକ ସହାୟତାରେ ଛାତ୍ର ଚିକିତ୍ସିତ ହୋଇଥିଲା। ତେଣୁ ଆହତ ଛାତ୍ରଙ୍କ ବାପା ପଞ୍ଚାନନ ଦେ, ପିଅନଙ୍କ ଭୂମିକା ସମ୍ପର୍କରେ ଆପତ୍ତି ଉଠାଇ ରାଇବଣିଆ ଥାନାରେ ଏତଲା ଦେଇଛନ୍ତି। ଏନେଇ ଗ୍ରାମବାସୀ ଓ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଆନ୍ତର୍ଜାତିକ ମାନବାଧିକାର ଦିବସ




ମାନବାଧିକାର ଦିବସ ପାଳନ ଅବସରରେ ଉପସ୍ଥିତ ଫୋରମ୍ର କର୍ମକର୍ତ୍ତା।

ଲକ୍ଷ୍ମଣେଶ୍ୱର, ୧୦।୧୨(କମଳାକାନ୍ତ ଦାସ)

ସିଂଲାସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ବୁଧବାର ବସ୍ତା ବ୍ଲକ ମାନବ ଅଧିକାର ଫୋରମ୍ କାର୍ଯ୍ୟାଳୟରେ ବାଲେଶ୍ୱର ଜିଲ୍ଲା ଜଏଣ୍ଟ ସେକ୍ରେଟାରୀ ତଥା ବସ୍ତା ବ୍ଲକ ସଭାପତି ଜୟନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଫୋରମ୍ ବ୍ଲକ ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଗିରି ଓ ମିଡ଼ିଆ ସେକ୍ରେଟାରୀ ରାଧାଗୋବିନ୍ଦ ଦାସ ଯୋଗଦେଇ ମାନବାଧିକାର ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। 'ବ୍ୟକ୍ତିର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଅଧିକାରର ଆବଶ୍ୟକତା ରହିଛି କି?' - ଶୀର୍ଷକ ଆଲୋଚନାଚକ୍ର ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଅଙ୍କିତା ଦଳାଇ, ତନୁଶ୍ରୀ ନାୟକ ଓ ସ୍ୱୟଂସମ୍ପୂର୍ଣ୍ଣା ବେହେରା ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ହାସଲ କରିଥିଲେ। ଏହି ସମାବେଶରେ ଶିକ୍ଷାକେନ୍ଦ୍ରର ଗୁରୁମାଗୁରୁଜୀ ଗୀତାଞ୍ଜଳି ପଣ୍ଡା, ପର୍ଶୁରାମ ପରିଡ଼ା, କଳ୍ପନା ନାୟକ, ରଶ୍ମିତା ପାତ୍ର, ସୁବ୍ରତ ସାହୁ, ପ୍ରଶାନ୍ତ ସି, ମାନସୀ ପରିଡ଼ା, ଭବାନୀ ରଣା, ପ୍ରିୟଙ୍କା ସାହୁ ଓ ଗୀତାଞ୍ଜଳି ସେନାପତି ଯୋଗଦେଇ ମାନବୀୟ ଅଧିକାର ସମ୍ବନ୍ଧରେ ଆଲୋଚନା କରିଥିଲେ।


**ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ** Union Bank of India
ଅନୁଗୁଳ ମୁଖ୍ୟ ଶାଖା
ଶଙ୍କର ସିନେମା ରୋଡ଼, ମେନ୍ ରୋଡ଼, ଜିଲ୍ଲା: ଅନୁଗୁଳ,
ଇମେଲ୍: ubin0535885@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ... [illegible]

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ମୃତକ ମାଧବ ପରିଡ଼ାଙ୍କ ଆଇନଗତ ପ୍ରତିନିଧିମାନେ: ୧) ସନାତନ ପରିଡ଼ା (ସହ-ଋଣଗ୍ରହୀତା), ... [illegible] | ୩୧.୦୨.୨୦୨୫ ସୁଦ୍ଧା ଟ.୨୪,୫୨,୦୭୫.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | [illegible] |
| ଋଣଗ୍ରହୀତାମାନେ: ମୃତକ ସନାତନ ଦାସଙ୍କ ଆଇନଗତ ପ୍ରତିନିଧିମାନେ: ୧) ସୁଲୋଚନା ଦାସ, ... [illegible] | ୩୧.୦୭.୨୦୨୫ ସୁଦ୍ଧା ଟ.୩,୫୬,୭୩୨.୩୮ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | [illegible] |

ସ୍ଥାନ: ଅନୁଗୁଳ, ତାରିଖ: ୧୦.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ସୁମନ୍ତଙ୍କୁ ପ୍ରେରଣା ଦେଇଛି 'ଗଛ ଓ କାଠୁରିଆ'

## ପେସା ବ୍ୟବସାୟ, ନିଶା ପରିବେଶ ସୁରକ୍ଷା

ବାଲେଶ୍ୱର, ୧୦।୧୨(ବାଞ୍ଛାନିଧି ଦେ)

ପିଲାଦିନେ ଚତୁର୍ଥ ଶ୍ରେଣୀରେ ପାଠ ପଢ଼ିବା ସମୟରେ ସାହିତ୍ୟ ବହିରେ ଥିବା 'ଗଛ ଓ କାଠୁରିଆ' ବିଷୟ ହୃଦୟକୁ ବେଶ୍ ଛୁଇଁଥିଲା। ସେବେଠାରୁ ଗଛ ନ କାଟି ଚାରା ଲଗାଇବା ପାଇଁ ମନ ବ୍ୟାକୁଳ ହୋଇଉଠିଥିଲା। ପ୍ରକୃତି ପାଇଁ ଚିନ୍ତା କରିବାକୁ କାହାରି ପାଖରେ ସମୟ ନ ଥିବାବେଳେ ପ୍ରକୃତିର ସୁରକ୍ଷା ପାଇଁ ସେ ନିଜକୁ ସମର୍ପିତ କରିଛନ୍ତି। ସେହିଭଳି ଜଣେ ନିଆରା ଯୁବକ ହେଉଛନ୍ତି ସୁମନ୍ତ କୁମାର ଜେନା(୪୪)। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବୁଡ଼ିଆ ପଞ୍ଚାୟତ ପେଗରପଡ଼ା ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ରନାଥ ଜେନା ଓ ବାସନ୍ତୀ ଦେବୀଙ୍କ ପୁତ୍ର ସେ। ସୁମନ୍ତ ପେସାରେ ଜଣେ ସଫଳ ବ୍ୟବସାୟୀ। ତାଙ୍କ କହିବା କଥା ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା। ନିଜର ଦାୟିତ୍ୱବୋଧକୁ ବ୍ୟବସାୟରେ ସୀମିତ ନ ରଖି ସମାଜସେବା ଓ ପରିବେଶ ସୁରକ୍ଷା ଦିଗରେ ସେ ବ୍ରତୀ। ବାପାଙ୍କ ଦେହାନ୍ତ ପରେ ୨୦୧୬ରେ ବାପାଙ୍କ ନାମରେ 'ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି' ଗଠନ କରିଥିଲେ। ବହୁ ସ୍ୱେଚ୍ଛାସେବୀଙ୍କୁ ଏଥିରେ ସାମିଲ କରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଚାରାରୋପଣ କରି ପ୍ରେରଣାର ଉତ୍ସ ପାଲଟିଛନ୍ତି। ମୃତ୍ତିକା ଓ ଜଳ ସଂରକ୍ଷଣ, ବନାଞ୍ଚଳ-ସରୀସୃପ-ଗୁହପାଳିତ ପଶୁପକ୍ଷୀଙ୍କ ପାନୀୟଜଳ ବ୍ୟବସ୍ଥା, ଜଳବାୟୁ ଉପଯୋଗୀ କୃଷି ଅଭ୍ୟାସ, ବିଶ୍ୱ ପରିବେଶ ଦିବସର ସଚେତନତା ବାର୍ତ୍ତା ଦେବା ସହ ବନାଗ୍ନିକୁ ଦୂରେଇ ରୋକିପାରିବେ ସେ ସମ୍ବନ୍ଧରେ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରିଥାନ୍ତି। ସମାଜର ଅବହେଳିତ, ବୃଦ୍ଧ, ନିରାଶ୍ରୟ, ଅଭାବୀ ମଣିଷଙ୍କୁ ଯଥାସାଧ୍ୟ ସାହାଯ୍ୟର ହାତ ବଢ଼ାଇବା ଏବଂ ବିଭିନ୍ନ ଗ୍ରାମକୁ ଯାଇ ଘରକୁ ଘର ବୁଲି ପଲିଥିନ୍ ଓ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗଠନ କରିବାକୁ ଆହ୍ୱାନ, ଜଳଛତ୍ର ସେବା, ଅଭାବୀ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା, ମାଗଣା ସ୍ୱାସ୍ଥ୍ୟ ଶିବିର କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରକ୍ତଦାନ ମହାଯଜ୍ଞ ଆହ୍ୱାନ ନେଇ ରକ୍ତଦାନ ଶିବିର ଅଭିଯାନରେ ସେ ସାମିଲ ହୋଇଛନ୍ତି। ଏହି ଉଲ୍ଲେଖନୀୟ କୃତିତ୍ୱ ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା 'ପ୍ରକୃତି ବନ୍ଧୁ ପୁରସ୍କାର', ଓ୍ୱାର୍ଲ୍ଡ ଓଡ଼ିଶା ସୋସାଇଟି ତରଫରୁ ଉତ୍କଳ ଗୌରବ ପୁରସ୍କାର-୨୦୨୫, ଅଟଳ ପ୍ରକୃତି ମିତ୍ର ରତ୍ନ ସମ୍ମାନ-୨୦୨୫ ସମେତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି।



ସୁମନ୍ତ ଚାରାରୋପଣ କରୁଛନ୍ତି।


**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O.: Nuagam (Aska) - 761111, Ganjam District, Odisha
Phone: 06822-273464, email: askasugar@yahoo.co.in
Website: askasugar.com
Letter No. Engg./2013 Date: 09.12.2025

**SHORT TENDER CALL NOTICE**

Sealed tenders are invited from licenced labour Contractors/ Firm/Agencies/Organizations etc. for undertaking **"Supply of Labourers for Boiler Ash & Mill House Area Cleaning"** for the crushing season 2025-26 at the Aska Co-operative Sugar Industries Ltd., Nuagam. Interested tenderers can get details & obtain tender form by download from our website **www.askasugar.com**. Filled tender forms can be sent by Speed Post/Registered Post only which should reach in the office by dated 23.12.2025 by 5.00 P.M. Any future addition/ modification in the tender will be uploaded in website only (i.e. **www.askasugar.com**).

Sd./- Managing Director
A.C.S.I. Ltd., Aska

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୁଗୁଡ଼ା, ଗଞ୍ଜାମ**

**ବାର୍ତ୍ତା**

[illegible]

ଶ୍ରୀଯୁକ୍ତ ଦୁର୍ଜ୍ୟୋତି ପାତ୍ର, ଖଣ୍ଡ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି, ବୁଗୁଡ଼ା
ଶ୍ରୀଯୁକ୍ତ ମାନସ ରଞ୍ଜନ ପ୍ରଧାନ, ଉପାଧ୍ୟକ୍ଷ, ପଞ୍ଚାୟତ ସମିତି, ବୁଗୁଡ଼ା
ଶ୍ରୀମତୀ କେ. ପ୍ରିୟଦର୍ଶିନୀ ଆଚାରୀ, ଅଧ୍ୟକ୍ଷ, ପଞ୍ଚାୟତ ସମିତି, ବୁଗୁଡ଼ା



**SBI ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**

**ଇ-ନିଲାମ ବିଜ୍ଞପ୍ତି**

ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନିଲ କୁମାର ଅଗ୍ରୱାଲ, ଇ-ମେଲ୍ ଆଇଡି: clo2.04151@sbi.co.in

ପରିଶିଷ୍ଟ - IV-A
[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]
ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ
ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ... [illegible]

ଇ-ନିଲାମର ତାରିଖ ଓ ସମୟ: ତାରିଖ: ୩୦।୧୨।୨୦୨୫

[illegible]

| କ୍ର.ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | କ) ସଂରକ୍ଷିତ ମୂଲ୍ୟ ଖ) ବିଡ୍ ବୃଦ୍ଧି ପରିମାଣ ଗ) ଇଏମଡି |
|---|---|---|
| ୧. | [illegible] | କ) ଟ.୨,୩୮,୦୦,୦୦୦/- ଖ) ଟ.୨,୦୦,୦୦୦/- ଗ) ଟ.୨୩,୮୦,୦୦୦/- |

**ସମ୍ପତ୍ତିକୁ ଖୋଜନ୍ତୁ**

| | | |
|---|---|---|
| https://sbi.co.in web/sbi-in-the-news/auction-notices/sarfaesi-and-others | ଇ-ନିଲାମ ୱେବସାଇଟ ପ୍ଲାଟଫର୍ମ https://baanknet.com | ସମ୍ପତ୍ତିର ଆଇଡି |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟରେ ଦିଆଯାଇଥିବା ଲିଙ୍କ, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

ତାରିଖ: ୧୧.୧୨.୨୦୨୫, ସ୍ଥାନ: ଭୁବନେଶ୍ୱର ସ୍ୱା./- ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ

# 'ଛଉନୃତ୍ୟ କଳାକାରଙ୍କ ଅବଦାନ ଅତୁଳନୀୟ'

## ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାରଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ଛଉ କଳାକାରମାନେ।

ବାରିପଦା,୧୦।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଛଉ ପଡ଼ିଆରେ ଚାଲିଥିବା ମୟୂରଭଞ୍ଜ ମହୋତ୍ସବରେ ଛଉ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କୃତ ଜିଲାର ଦୁଇ ଛଉନୃତ୍ୟ ଗୁରୁ ଓ ତିନି କଳାକାରଙ୍କୁ କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେମାନେ ହେଲେ ଢୋଲ ବାଦ୍ୟ ଗୁରୁ ବିଶ୍ୱନାଥ ଧଡ଼ା, ମହୁରୀ ବାଦ୍ୟ ଗୁରୁ ବିରଞ୍ଚି ମହାନ୍ତ, ଛଉ କଳାକାର ସୁଶାନ୍ତ ବେହେରା, ସଚିନା ଧଡ଼ା ଓ ଶିବ ଚରଣ ମହାନ୍ତ। ଯାହାକୁ ନେଇ ଜିଲାର କୋଣ ଅନୁକୋଣରେ ଥିବା ଛଉ କଳାକାରମାନେ ଖୁସି ପ୍ରକଟ କରିବା ସହ ଉଚ୍ଛସିତ ହୋଇଛନ୍ତି।

ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟର ଏଭୁଡିଶାଳ ବୋଲାଉଥିବା ବାରିପଦାଠାରେ ଛଉନୃତ୍ୟର ବିକାଶ ଓ ପ୍ରଚାର କ୍ଷେତ୍ରରେ ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ ପ୍ରତିଷ୍ଠିତ ହୋଇଥିଲା। କୌଣସି କାରଣରୁ ଏହା ଅବହେଳିତ ହୋଇ ସୁପ୍ତ ଅବସ୍ଥାରେ ପଡ଼ି ରହିଥିଲା। ସ୍ଥାନୀୟ ସଂଗଠନ, ଛଉ ପ୍ରେମୀ ଓ ଜିଲା ପ୍ରଶାସନର ପ୍ରଚେଷ୍ଟାରେ ୨୦୨୨ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପୁନରୁଦ୍ଧାର ପାଇଁ ପ୍ରୟାସ କରାଯାଇଥିଲା। ଛଉନୃତ୍ୟ ବିକାଶ ଓ କଳାକାରଙ୍କ ଜୀବନଜୀବିକା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ବାରିପଦାଠାରେ ଛଉ ତାଲିମ କେନ୍ଦ୍ର ଖୋଲାଯାଇ ଛଉ ବିଶେଷଜ୍ଞ ପ୍ରତିନିଧିଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ଜିଲାକୁ ପ୍ରତିନିଧିତ୍ୱ କରୁଥିବା ଲଡୁକେଶ୍ୱର ରଣାଙ୍କ ମାର୍ଗଦର୍ଶନରେ ଅନେକ କଳାକାର ସୃଷ୍ଟି ହୋଇଥିଲେ। ମାତ୍ର ୨ବର୍ଷ ପରେ ଉକ୍ତ ତାଲିମ କେନ୍ଦ୍ର ବନ୍ଦ ହୋଇଯିବାରୁ ଛଉ କଳାକାରଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ପରିସ୍ଥିତିରେ 'ଛଉ' ଅନେକ ବାଧାବିଘ୍ନ ଦେଇ ଗତି କରୁଛି। କଳା ଓ କଳାକାରଙ୍କୁ ବଞ୍ଚାଇ ରଖିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଅକ୍ଳାନ୍ତ ପ୍ରୟାସ ଜାରି ରହିଛି। ନିଜ ପରିଚୟ ଓ ଉଚିତ ପାରିଶ୍ରମିକରୁ ବଞ୍ଚିତ ରହି ଛଉକୁ ବିଶ୍ୱ ଦରବାରରେ ପହଞ୍ଚାଇଥିବାରୁ କଳାକାରଙ୍କ ଅବଦାନ ଅତୁଳନୀୟ। ୧୯୯୬ ପରଠାରୁ ଛଉକୁ ନେଇ କୌଣସି ପୁରସ୍କାର ପ୍ରଦାନ କରାଯାଇ ନ ଥିଲା। ଦୀର୍ଘ ୩୦ବର୍ଷ ପରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏକକାଳୀନ ଜିଲାର ୫ ଦକ୍ଷ ଶିଳ୍ପୀଙ୍କୁ ଛଉ ନୃତ୍ୟ ଓ ବାଦ୍ୟ ପାଇଁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ଓ ରାଜ୍ୟ ପ୍ରତିନିଧିଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇପାରିଛି ବୋଲି କଳାକାରମାନେ ମତପ୍ରକାଶ କରିଛନ୍ତି। ଲଡୁକେଶ୍ୱର ବାରମ୍ବାର ଏକାଡେମୀର ସଚିବଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଧାନ ସାଧାରଣ ବୈଠକରେ ବ୍ୟକ୍ତିଗତ ଭାବେ ଛଉ କଳାକାରଙ୍କ ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କର ପ୍ରୟାସ ପାଇଁ କଳାକାରମାନଙ୍କୁ ଏଭଳି ସମ୍ମାନ ମିଳିପାରିଛି ବୋଲି କଳାକାର କାର୍ତ୍ତିକ ଘଡେଇ, ତାରକେଶ ଘଡେଇ, ଦୀପୁ ଧଡ଼ା ଓ ଦେବନାରାୟଣ ଧଡ଼ା ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ସମସ୍ତ କଳାକାର ଓ ଛଉ ପ୍ରେମୀ ତଥା ସଙ୍ଗଠନ ପକ୍ଷରୁ ଲଡୁକେଶ୍ୱରଙ୍କୁ ସାଧୁବାଦ ଜ୍ଞାପନ କରିବା ସହିତ ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ଏକାଡେମୀର ସଚିବ ଓ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ରଘୁନାଥ ଉଚ୍ଚ ବିଦ୍ୟାଳୟର ଆୟୁଷ ପ୍ରଥମ

## ଜିଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା



ଜିଲାସ୍ତରୀୟ ଉତ୍ସବରେ ଆୟୁଷଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ବୈଶିଙ୍ଗା,୧୦।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମାସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଆୟୁଷ ମହାନ୍ତ ଜିଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ପଣ୍ଡିତ ରଘୁନାଥ ମୁର୍ମୁ ପ୍ଲାନେଟୋରିୟମ ଓ ବିଜ୍ଞାନ କେନ୍ଦ୍ରରେ ସୋମବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ପ୍ରତ୍ୟେକ ବ୍ଲକରୁ କନିଷ୍ଠ ଓ ବରିଷ୍ଠ ବିଭାଗରୁ ଜଣେ ଲେଖାଏ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରୁ ଆୟୁଷ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେ ଡିସେମ୍ବର ୧୧ରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ମୟୁରଭଞ୍ଜ ଜିଲ୍ଲାର ପ୍ରତିନିଧିତ୍ୱ କରିବେ। ଆୟୁଷଙ୍କ ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲା ବିଜ୍ଞାନ ନିରୀକ୍ଷକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା,ସମସ୍ତ ଶିକ୍ଷକ, ଅଭିଭାବକ ଓ ଅନେକ ବିଜ୍ଞାନ ପ୍ରେମୀ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତାଙ୍କର ସଫଳତା କାମନା କରିଛନ୍ତି।

# ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା

ଗୋପବନ୍ଧୁ ନଗର,୧୦।୧୨
(ଶାନ୍ତନୁ କୁମାର ମଜୁଆଲ)

ଖୁଣ୍ଟା ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଅବିଷ୍କାର ଅଭିଯାନ ସାଧାରଣ ଜ୍ଞାନ ପ୍ରତିଯୋଗିତା ବଡପଦରା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ତାଡକୀ ଖରଣଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ତିନୋଟି ବିଭାଗରୁ ମୋଟ ୧୯୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସିନିୟର ବିଭାଗ ପ୍ରଥମ ସ୍ଥାନ ର ରାୟାଗଡ଼ି ବାଲିକ ବଡପଥରା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ,ଜୁନିୟର ବିଭାଗରୁ ପୁଷ୍ପା ସାହିଲ ମଲ୍ଲିକ ଓ ସବ ଜୁନିୟର ଗ୍ରୁପରୁ ଅଲିନା ରାଣୀ ନନ୍ଦ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ପ୍ରତି ବିଭାଗରୁ ୩ ଜଣ ଲେଖାଏଁ ୯ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମଙ୍ଗଳ ମାଝୀ, ମୁଖ୍ୟ ବକ୍ତା ଡ. ପ୍ରିୟବ୍ରତ ମାଝୀ, ସମ୍ମାନନୀୟ ଅତିଥି ଭାବେ କୃଷ୍ଣାବନ ମାଣ୍ଡି ,ପରିଚାଳନା କମିଟି ସଭାପତି ଅର୍ଜୁନ ମୁର୍ମୁ, ସାଂଗଠନିକ ସମ୍ପାଦକ କ୍ଷେତ୍ରମୋହନ ସିଂ ଯୋଗ ଦେଇଥିଲେ। ଅଭୟ ମହାନ୍ତ ଧନ୍ୟବାଦ ଦେଇଥିଲେ। ଜ୍ୟୋତିରାଣୀ ମହାନ୍ତ, ସ୍ନିଗ୍ଧାରସ୍ମି କରୁଣାକର ଯୋରେନ, ଗୋବିନ୍ଦ ବଲ୍ଲଭ ଜେନା, ଗୋବିନ୍ଦ ଗୁଡୁ, ଗଦାଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାନବାଧିକାର ଦିବସ

କରଞ୍ଜିଆ,୧୦।୧୨(କବିତା ମହାନ୍ତ)

କରଞ୍ଜିଆ ବାଣିତୀର୍ଥସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ମାନବାଧିକାର ଦିବସ ପାଳିତ ହୋଇଛି। କରଞ୍ଜିଆ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରା ଜଜ ଆଶିଷ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସବଜଜ ଅମିତ ସ୍ୱରୂପ କୁମାର ସେଠୀ, ଏସ୍‌ଡିଜେଏମ୍ ପ୍ରଭାତ କୁମାର ସାମଲ ଯୋଗଦେଇ ଆଇନ ଉଲଂଘନ କଲେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତାହା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ପଙ୍କଜବାସିନୀ ମହାନ୍ତି, ଅଭିଜିତ ମହାନ୍ତ, ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ଆଇନଜୀବୀ ଦିବ୍ୟ ପ୍ରସାଦ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ଅର୍ଚ୍ଚନା ସାହୁ, ନାରାୟଣ ସାହୁ, ସିନ୍ଧୁଜିତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଉପକୃତ ହେବେ ମୟୂରଭଞ୍ଜ ଜିଲାର ସମସ୍ତ ପରିବାର

## ଉଜ୍ଜଳା ଗ୍ୟାସ ଯୋଜନା

ବାରିପଦା,୧୦।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ସମସ୍ତ ପରିବାରକୁ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ସାମିଲ କରାଯିବ। ଏ ନେଇ ବୁଧବାର ବାରିପଦା ସର୍କିଟ ହାଉସରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏଲପିଜି ଗ୍ୟାସ ବିତରଣ ସଂସ୍ଥା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବୈଠକରେ ଏଲ୍‌ପିଜି ରାଜ୍ୟ କାର୍ଯ୍ୟାଳୟ ମୁଖ୍ୟ ମହାପ୍ରବନ୍ଧକ ଗୁଣ୍ଡୁପ ନାରୋ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ମହାପ୍ରବନ୍ଧକ(କର୍ପୋରେଟ ସଂଚାର) ଯୋଜନା ଓ ସମନ୍ୱୟ ଅଧିକାରିଣୀ ସୁସ୍ମିତା ତ୍ରିପାଠୀ ଓ ଇଣ୍ଡେନ ଏରିଆ ଅଫିସ ଭୁବନେଶ୍ୱରର ମଣ୍ଡଳୀୟ ବିକ୍ରୟ ପ୍ରମୁଖ ସଚିନ କଦମ୍ ଉପସ୍ଥିତ ଥିଲେ ।

ଅର୍ଥନୈତିକ ଭାବେ ଦୁର୍ବଳ ପରିବାର ମହିଳାମାନଙ୍କୁ ସ୍ୱଚ୍ଛ, ସୁରକ୍ଷିତ ଏବଂ ଶସ୍ତା ଇନ୍ଧନ ପ୍ରଦାନ କରିବା ପାଇଁ ଭାରତ ସରକାର ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ଅଧୀନରେ ୨୫ଲକ୍ଷ ଅତିରିକ୍ତ ନିଃଶୁଳ୍କ ସଂଯୋଗ ଦେବାକୁ ଅନୁମୋଦନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଏଲ୍‌ପିଜି ଗ୍ୟାସ୍ ବିତରଣ ସଂସ୍ଥାର ଅଧିକାରୀମାନେ।

ରାଜ୍ୟରେ ୮୭ ପ୍ରତିଶତ ପରିବାର ଏଲ୍‌ପିଜି ସଂଯୋଗ ନେଇଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ସୁନ୍ଦରଗଡ଼ ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ହିତାଧିକାରୀଙ୍କ ସଂଖ୍ୟା ଅତ୍ୟନ୍ତ କମ୍ ରହିଛି। ଏପରିକି ମୟୂରଭଞ୍ଜ ଜିଲାରେ ୬୬.୯ ପ୍ରତିଶତ ପରିବାର ଇନ୍ଧନ ଗ୍ୟାସ ବ୍ୟବହାର କରୁଥିବାରୁ ଏହାର ସଂଖ୍ୟା ବୃଦ୍ଧି ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ଜିଲାର ୭ଲକ୍ଷ ପରିବାର ମଧ୍ୟରୁ ୪ଲକ୍ଷ ୬୦ହଜାର ଏଲ୍‌ପିଜି ବ୍ୟବହାର କରୁଥିବା ବେଳେ ସେଥି ମଧ୍ୟରୁ ୧୭ପ୍ରତିଶତ ହିତାଧିକାରୀ ଉଜ୍ଜଳା ଯୋଜନାରେ ସାମିଲ ହୋଇଛନ୍ତି। ଅବଶିଷ୍ଟ ପରିବାର ଏହି ଯୋଜନାର ଲାଭ ଉଠାଇବା ପାଇଁ ସରକାରଙ୍କ ପକ୍ଷରୁ ବିନାମୂଲ୍ୟରେ ରିଫିଲ ସିଲିଣ୍ଡର ଗ୍ୟାସ, ଚୂଲା, ପାଇପ୍ ଓ ରେଗୁଲେଟର ପ୍ରଦାନ କରାଯାଉଛି। ନିକଟସ୍ଥ ଏଲପିଜି ବିତରଣ କେନ୍ଦ୍ର କିମ୍ବା କମନ୍ ସର୍ଭିସ ସେଣ୍ଟର ମାଧ୍ୟମରେ ବିପିଏଲ ହିତାଧିକାରୀମାନେ ଏହାର ସୁଯୋଗ ନେଇପାରିବେ ବୋଲି ଜଣାଇଛନ୍ତି। ଏଥି ନିମନ୍ତେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ ବୋଲି କହିବା ସହିତ ଜିଲାରେ ଅଧିକରୁ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ସାମିଲ କରିବାକୁ ଯୋଜନା କରାଯାଇଛି। ଏପରିକି ବିତରକମାନଙ୍କ ପକ୍ଷରୁ ପ୍ରତି ବ୍ଲକ୍ ଓ ପଞ୍ଚାୟତସ୍ତରରେ କ୍ୟାମ୍ପ କରାଯାଇ ଜନସାଧାରଣଙ୍କୁ ଏହାର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନ କରିବେ। ତେବେ ଆର୍ଥିକ ଅନଗ୍ରସର ପରିବାରକୁ ଏହି ସୁବିଧା ଯୋଗାଇବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ରହିବା ସୁନିଶ୍ଚିତ କରିବାକୁ ଖବରଦାତାମାନେ ମତପ୍ରକାଶ କରିଥିଲେ ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଅନୁଗୁଳ ମୁଖ୍ୟ ଶାଖା**
ଶଙ୍କର ସିନେମା ରୋଡ, ମେନ୍ ରୋଡ,
ଜିଲ୍ଲା: ଅନୁଗୁଳ,
ଇମେଲ୍: ubin0535885@unionbankofindia.bank

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ମୃତକ ମାଧବ ପରିଡାଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସନାତନ ପରିଡା (ସହ-ଋଣଗ୍ରହୀତା),** ପିତା: ସ୍ୱ ମାଧବ ପରିଡା, **୨) ସାଗର ପରିଡା,** ପିତା: ସ୍ୱ ମାଧବ ପରିଡା, **୩) ତୁଲେଇ ପରିଡା,** ସ୍ୱାମୀ: ସ୍ୱ ମାଧବ ପରିଡା, ସମସ୍ତଙ୍କ ଠିକଣା- ସା/ପୋ: କୁକୁଡାଙ୍ଗ, ମଙ୍ଗଳା ମନ୍ଦିର ନିକଟ, ଅନୁଗୁଳ, ଓଡିଶା, ପିନ୍-୭୫୯୧୨୩ | ୩୧.୦୭.୨୦୨୫ ସୁଦ୍ଧା ଟ.୨୪,୫୨,୦୭୫.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ସ୍ୱ ମାଧବ ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୯୯/୪୯୬, ପ୍ଲଟ୍ ନଂ.: ୪୨୮୩/୫୮୪୯/୬୧୭୩, ପରିମିତ କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ଖାତା ନଂ.: ୬୯୯/୮୦୨, ପ୍ଲଟ୍ ନଂ.: ୪୨୮୪, ପରିମିତ କ୍ଷେତ୍ର: ଏକର ୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: କୁକୁଡାଙ୍ଗ, ତହସିଲ: ବଣ୍ଟାଁରପାଳ, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଓଡିଶା-୭୫୯୧୨୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ବରଜୁ ଦେହୁରୀ ଏବଂ ରାସ୍ତା, ଦକ୍ଷିଣ: ରଘୁନାଥ ନାୟକ ଏବଂ ଅନ୍ୟମାନେ, ପୂର୍ବ: ମୁରଲୀ ସାହୁ, ପଶ୍ଚିମ: ମୁକୁନ୍ଦ ନାୟକ |
| **ଋଣଗ୍ରହୀତାମାନେ: ମୃତକ ସନାତନ ଦାସଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସୁଲୋଚନା ଦାସ** (ସ୍ୱ ସନାତନ ଦାସଙ୍କ ମାତା), **୨) ଜୟନ୍ତୀ ଦାସ,** ସ୍ୱାମୀ: ସ୍ୱ ସନାତନ ଦାସ, **୩) ସତ୍ୟଜିତ୍ ଦାସ,** ପିତା: ସ୍ୱ ସନାତନ ଦାସ, **୪) ନବୀନ ଚନ୍ଦ୍ର ଦାସ,** ପିତା: ସ୍ୱ ସନାତନ ଦାସ, ସମସ୍ତଙ୍କ ଗ୍ରାମ: ପରତରା, ଥାନା: ଅନୁଗୁଳ ସଦର, ତହସିଲ: ବଣ୍ଟାଁରପାଳ, ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍-୭୫୯୧୩୨ | ୩୧.୦୭.୨୦୨୫ ସୁଦ୍ଧା ଟ.୩,୫୭,୭୩୨.୩୮ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ସ୍ୱ ସନାତନ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୩୩/୩୯୨୩, ରେଭିନ୍ୟୁ ଖାତା ନଂ.: ୩୩୦/୯୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ପରତରା, ଥାନା: ଅନୁଗୁଳ ୨୮, ତହସିଲ: ବଣ୍ଟାଁରପାଳ, ଜିଲ୍ଲା: ଅନୁଗୁଳ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ରାସ୍ତା, ପୂର୍ବ: ନିଜସ୍ୱ, ପଶ୍ଚିମ: ଶରତ ଚନ୍ଦ୍ର ଦାସ |

**ସ୍ଥାନ: ଅନୁଗୁଳ, ତାରିଖ: ୧୦.୧୨.୨୦୨୫**  ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**


# ୨୬ ଶ୍ରେଷ୍ଠ ଚାଷୀ ପୁରସ୍କୃତ



ଅତିଥିଙ୍କ ଗହଣରେ ପୁରସ୍କୃତ ଚାଷୀମାନେ।

ବାରିପଦା,୧୦।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକ୍‌ର ଅଗ୍ରଣୀ କୃଷକଙ୍କୁ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ବେସରକାରୀ ଉଦ୍ୟମରେ ସମ୍ବର୍ଦ୍ଧିତ କରାଯିବା ଏକ ଅନନ୍ୟ ପରମ୍ପରା। ବାରିପଦାସ୍ଥିତ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାବୁଲାଲ ଅଗରୱାଲା ମେମୋରିଆଲ ଆୱାର୍ଡ ଫାଉଣ୍ଡେଶନ ପକ୍ଷରୁ ଦିବଂଗତ ବାବୁଲାଲ ଅଗରୱାଲାଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବୁଧବାର ଆୟୋଜିତ ବାର୍ଷିକ ଜିଲାସ୍ତରୀୟ ବାବୁଲାଲ ଅଗରୱାଲା ସ୍ମୃତି ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥିମାନେ ଏହି ମତପୋଷଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବିଶେଷ ଅତିଥି ଭାବେ ସଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଏବଂ ସମ୍ମାନିତ ଅତିଥିଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇଥିଲେ।

ଫାଉଣ୍ଡେଶନର ଚେୟାରମ୍ୟାନ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରୱାଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସଂଯୋଜକ ରାସେଶ୍ୱର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ।

ବାରିପଦା କୃଷି ଜିଲା ଅଧିକାରୀ ଜ୍ଞାନବଲ୍ଲଭ ଦାସ ଯୋଗଦେଇ ସମ୍ବର୍ଦ୍ଧିତ ହେଉଥିବା ଚାଷୀମାନଙ୍କୁ କୃଷି ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ ଚୟନ କରାଯାଇଥାଏ ବୋଲି ଉଲ୍ଲେଖ କରିଥିଲେ। ଏହି ଉତ୍ସବରେ ଜିଲାର ୨୬ଟି ବ୍ଲକ୍‌ର ଶ୍ରେଷ୍ଠ ୨୬ଜଣ ଚାଷୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀ ଶିକ୍ଷକ ଡ. ଶଶଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ ଫାଉଣ୍ଡେଶନର ସମ୍ପାଦକ ଡ. ଅକ୍ଷୟ କୁମାର ଅଗରୱାଲା ଧନ୍ୟବାଦ ଅର୍ପଣ କରିଥିଲେ।


**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
**P.O.: Nuagam (Aska) - 761111, Ganjam District, Odisha**
**Phone: 06822-273464, email: askasugar@yahoo.co.in**
**Website: askasugar.com**
**Letter No. Engg./2013** **Date: 09.12.2025**

**SHORT TENDER CALL NOTICE**

Sealed tenders are invited from licenced labour Contractors/ Firm/Agencies/Organizations etc. for undertaking **"Supply of Labourers for Boiler Ash & Mill House Area Cleaning"** for the crushing season 2025-26 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our website **www.askasugar.com**. Filled tender forms can be sent by Speed Post/Registered Post only which should reach in the office by dated 23.12.2025 by 5.00 P.M. Any future addition/ modification in the tender will be uploaded in website only (i.e. **www.askasugar.com**).

**Sd./- Managing Director**
**A.C.S.I. Ltd., Aska**



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୁଗୁଡ଼ା, ଗଞ୍ଜାମ**

**ବାର୍ତ୍ତା**

- ୨୦୨୫-୨୬ ଆର୍ଥିକ ବର୍ଷରେ ସାମାଜିକ ସୁରକ୍ଷା ଏବଂ ଭିନକ୍ଷମ ସଶକ୍ତୀ କରଣ ଅନୁଯାୟୀ ମଧୁବାବୁ ପେନସନ ଯୋଜନାରେ ୭୭୦ ଜଣ ହିତାଧିକାରୀ (ଭିନକ୍ଷମ, ବିଧବା, ଅବିବାହିତ, ସ୍ୱାମୀ ପରିତ୍ୟକ୍ତା, ବରିଷ୍ଠ ନାଗରିକ) ଏବଂ ଜାତୀୟ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ପ୍ରାୟ ୩୦୦ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି।
- ୨୦୨୫-୨୬ ଆର୍ଥିକ ବର୍ଷରେ MGNREGA ଅନ୍ତର୍ଗତ ୨୯୪୨୦୯ଗୋଟି ଶ୍ରମ ଦିବସ ସୃଷ୍ଟି କରି ନୂତନ ପୋଖରୀ ଖନନ, ପୋଖରୀ ପଙ୍କ ଉଦ୍ଧାର, ପୋଖରୀ ସୌନ୍ଦର୍ଯ୍ୟ କରଣ, କୃଷି ପୋଖରୀ ନିର୍ମାଣ, କୃଷି କୂପ ନିର୍ମାଣ, ନୂତନ ଆଡ଼ିବନ୍ଧ ନିର୍ମାଣ, ରାସ୍ତା ଉନ୍ନତୀକରଣ, ନୂତନ ପାର୍କ ନିର୍ମାଣ ଓ ଚାଷ ନାଳ ଆଦି ପରିସମ୍ପତ୍ତି ସୃଷ୍ଟି କରାଯାଇଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ୧୨୦୦୦୦/-ର ସହାୟତା ରାଶି ପ୍ରଦାନ କରାଯାଉଅଛି। ତତ୍ ସହ ପାଇଖାନା ନିର୍ମାଣ ପାଇଁ ୧୨୦୦୦/- ଓ ୯୫ ଦିନର ଶ୍ରମ ବାବଦକୁ MGNREGA ଅନ୍ତର୍ଗତ ୨୫୯୩୫/- ସହାୟତା ରାଶି ଓ ପ୍ରଦାନ କରାଯାଉଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ଉନ୍ନୟନ ଯୋଜନା ମାଧ୍ୟମରେ ଅତ୍ୟାଧୁନିକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ବନସୁରକ୍ଷା ସମିତିଗୃହ ନିର୍ମାଣ, ସୁଭଦ୍ରା ଶକ୍ତି କେନ୍ଦ୍ର ନିର୍ମାଣ ଓ ରାସ୍ତା ଆଦି ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରାଯାଉଅଛି।
- IGS ଅଧୀନରେ 10ଜଣ SHG ସଦସ୍ୟଙ୍କ ପାଇଁ ମାଛଚାଷ ପ୍ରକଳ୍ପ ଚାଲୁଅଛି। ସମୁଦାୟ ୧୦ଲକ୍ଷ ଋଣ ଭିତରୁ ୫ଲକ୍ଷ ସବସିଡି ମିଳୁଛି। ମାଧବ ସିଂହ ହାତ ଖର୍ଚ୍ଚ ଯୋଜନାରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫୦୦୦/- ସହାୟତା ରାଶି ପ୍ରଦାନ କରାଯାଉଅଛି। ପ୍ରି-ମାଟ୍ରିକ ଛାତ୍ରବୃତ୍ତି ଅନ୍ତର୍ଗତ ୬ରୁ ୮ମ ଶ୍ରେଣୀ SC ଛାତ୍ରଛାତ୍ରୀଙ୍କୁ ମାସିକ ୫୦୦/- ଦିଆଯାଉଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ମାଛ ପୋଖରୀ ଅନ୍ତର୍ଗତ ନୂତନ ପୋଖରୀ ଖନନ ଓ ସେଥିରେ ମାଛଚାଷ, ଜୈବ ପୁଞ୍ଜି ଟାଙ୍କିରେ ମାଛଚାଷ ସମ୍ପାଦନ କରାଯାଉଅଛି। ଏଥିସହ ୨୦ଜଣ ହିତାଧିକାରୀଙ୍କୁ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ତରଫରୁ ମାଛଧରା ଜାଲ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ଅଧୀନରେ ୨୫ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ପାଇଖାନା ନିର୍ମାଣ ନିମନ୍ତେ ସହାୟତା ପ୍ରଦାନ କରାଯାଇଅଛି।

| ଶ୍ରୀଯୁକ୍ତ ଦ୍ୟୁତିକୃଷ୍ଣ ପାତ୍ର | ଶ୍ରୀଯୁକ୍ତ ମାନସ ରଞ୍ଜନ ପ୍ରଧାନ | ଶ୍ରୀମତୀ କେ. ପ୍ରିୟଦର୍ଶିନୀ ଆଚାରୀ |
|---|---|---|
| ଗୋଷ୍ଠୀ ଉନ୍ନୟନ ଅଧିକାରୀ | ଉପାଧ୍ୟକ୍ଷ | ଅଧ୍ୟକ୍ଷା |
| ପଞ୍ଚାୟତ ସମିତି, ବୁଗୁଡ଼ା | ପଞ୍ଚାୟତ ସମିତି, ବୁଗୁଡ଼ା | ପଞ୍ଚାୟତ ସମିତି, ବୁଗୁଡ଼ା |



**SBI ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**
"ନାଗାଲାଣ୍ଡ ହାଉସ୍", ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

**ଇ-ନିଲାମ ବିଜ୍ଞପ୍ତି**

**ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦**

**ପରିଶିଷ୍ଟ – IV-A**
**[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]**
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**
**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୩୦।୧୨।୨୦୨୫**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ବିସ୍ତାରଣ ସହିତ**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଭୌତିକ ଦଖଲ / ସାଙ୍କେତିକ ଦଖଲ ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା,** (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ ତା୨୮।୦୧।୨୦୨୦ରିଖ ସୁଦ୍ଧା ଟ.୧୦୦,୬୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର) ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **"ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି"** ଏବଂ **"ସେଠାରେ ଯାହାବି ଅଛି"** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୩୦।୧୨।୨୦୨୫ରିଖ ୧୧.୦୦ ଘଟିକାରେ ୱେବସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ। ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମଡି ନିମ୍ନ ଅନୁଯାୟୀ ଅଟେ:

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | କ) ସଂରକ୍ଷିତ ମୂଲ୍ୟ ଖ) ଇଏମଡି ଗ) ବିଡ୍ ବୃଦ୍ଧି ପରିମାଣ ଘ) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରିବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ। **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୦।୧୨।୨୦୨୫, ମଧ୍ୟାହ୍ନ ୧୨.୦୦ରୁ ଅପରାହ୍ନ ୩.୦୦ ଘଟିକା** | କ) ଟ.୨,୯୮,୦୦,୦୦୦/- ଖ) ଟ.୨୯,୮୦,୦୦୦/- ଗ) ଟ.୧,୦୦,୦୦୦.୦୦ ଘ) ବୈଧାନିକ କର / ବିଦ୍ୟୁତ୍ / ସୋସାଇଟି ରକ୍ଷଣାବେକ୍ଷଣ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ। |

**ସମ୍ପତ୍ତିକୁ ଖୋଜନ୍ତୁ**

| https://sbi.co.in web/sbi-in-the-news/auction-notices/sarfaesi-and-others | ଇ-ନିଲାମ ୱେବ୍‌ସାଇଟ୍ ୟୁଆର୍‌ଏଲ୍ https://baanknet.com | ସମ୍ପତ୍ତିର ଅବସ୍ଥିତି ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |
|---|---|---|

ବିକ୍ରୟର ବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

**ତାରିଖ: ୧୧.୧୨.୨୦୨୫, ସ୍ଥାନ: ଭୁବନେଶ୍ୱର** **ସ୍ୱା./- ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

## ସଂକ୍ଷେପରେ

### ‘ଅଛି ଯଦି ଦିଅ, ନାହିଁ ଯଦି ନିଅ’

ଭଦ୍ରକ,୧୦।୧୨(ସନାତନ ରାଉତ)– ଶୀତରୁ ରକ୍ଷା ପାଆନ୍ତୁ, ମନ ଇଛା ନେଇ ଯାଆନ୍ତୁ। ଅଛି ଯଦି ଦିଅନ୍ତୁ ନ ହେଲେ ନାହିଁ ଯଦି ନେଇ ଯାଆନ୍ତୁ। ଗରିବଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏପରି ନିଆରା ପ୍ରୟାସ ଜାରି ରଖିଛି ଭଦ୍ରକର ଲାୟନ୍ସ କ୍ଲବ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କ୍ଲବ ପକ୍ଷରୁ ଭଦ୍ରକ ଟାଉନ ଥାନା ଛକରେ ଏହି ଷ୍ଟଲ ଖୋଲାଯାଇଛି। ଯେଉଁ ଗରିବ ଲୋକମାନେ ପିନ୍ଧିବାକୁ ପାଉନାହାନ୍ତି ସେମାନେ ପିନ୍ଧିବା ପାଇଁ ତାଙ୍କ ମାପ ଅନୁସାରେ ମାଗଣାରେ ବସ୍ତ୍ର ନେଇ ପାରିବେ। ସେହିପରି ଯେଉଁମାନଙ୍କ ପାଖରେ ଅଧିକ ବସ୍ତ୍ର ରହି ଯାଇଛି କିମ୍ବା ବ୍ୟବହାର କରୁନାହାନ୍ତି ସେହି ବସ୍ତ୍ର ଗୁଡିକ ଏହି ଷ୍ଟଲରେ ଦେବା ପାଇଁ ଅନୁରୋଧ କରାଯାଇଛି। କ୍ଲବର ଅଶୋକ କୁମାର ମହାନ୍ତିଙ୍କ ପ୍ରଚେଷ୍ଟାରେ ଏହି ଷ୍ଟଲ ବୁଧବାର ଉଦଘାଟିତ ହୋଇଥିବା ବେଳେ ଏକ ମାସ ଧରି ଚାଲୁ ରହିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ପ୍ରକାଶ ଜେନା, ସଭାପତି ସୁରେଶ ମହାନ୍ତି, ପ୍ରୀତିରଞ୍ଜନ ଦାସ, ସୁଭ୍ରାଂଶୁ ଖାନ, ହରମନ ପଣ୍ଡା, ଶରତ ମହାନ୍ତିଙ୍କ ସମେତ ସଦସ୍ୟ ମାନେ ଉପସ୍ଥିତ ଥିଲେ।

### ଭାଜପା ନେତା ସରୋଜ କୁଅଁରଙ୍କ ପରଲୋକ

ଧାମନଗର,୧୦।୧୨(ସନ୍ତୋଷ କୁମାର ମହାପାତ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ୍ କଟସାହି ପଞ୍ଚାୟତର ବରିଷ୍ଠ ଭାଜପା ନେତା ସରୋଜ କୁଅଁର(୫୫)ଙ୍କର ପରଲୋକ ଘଟିଛି। ଗତ କିଛି



ଦିନ ଧରି ସେ ଯକୃତ ଏବଂ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗତ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଛାତ୍ର ଜୀବନରୁ ସକ୍ରିୟ ରାଜନୀତିରେ ଥାଇ ବିଭିନ୍ନ ସାମାଜିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ବୁଧବାର ସକାଳେ ତାଙ୍କ ମରଶରୀର ଆସିବା ପରେ ଶତାଧିକ ପୁରୁଷ ଓ ମହିଳା ତାଙ୍କ କଟସାହି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବରିଷ୍ଠ ନେତା ଅଶୋକ ପୁହାଣ, ରଘୁନାଥ ଲେଙ୍କା, ମନୋରଞ୍ଜନ ମଲ୍ଲିକ, ବୈକୁଣ୍ଠ ସାହୁ, ରାଜେନ୍ଦ୍ର ସାହୁ, ଶ୍ରୀକାନ୍ତ ନାୟକ, ଅଜୟ ବଳ, ଗୟାଧର ନାୟକ, ତୁଷାର ମିଶ୍ର, ମନୋଜ ଲେଙ୍କା, ରଞ୍ଜିତ ଲେଙ୍କା, ସୁନ୍ଦର ପାଢ଼ୀ, ରମାକାନ୍ତ ସାହୁ, ମାନସ ଜେନା, ରଞ୍ଜିତା ସ୍ୱାଇଁ, ଉମାମଣି ସାହୁ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ‘ତିହିଡ଼ିରେ ସ୍ଥାପନ ହେଉ କାନ୍ତକବିଙ୍କ ପ୍ରତିମୂର୍ତ୍ତି’

**ତିହିଡି,୧୦।୧୨(ସଞ୍ଜିତ ବଳ)**





କାନ୍ତକବିଙ୍କ ଜୟନ୍ତୀରେ ଅତିଥିମାନେ।

ଭଦ୍ରକ ଜିଲା ତିହିଡିରେ କାନ୍ତକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନ ହେବା ଦୁର୍ଭାଗ୍ୟର ବିଷୟ। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଆଯାଇ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ ତିହିଡ଼ିର ପରିଚୟ ବହୁଗୁଣିତ ହୋଇପାରିବ। ତିହିଡି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ କାନ୍ତକବିଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ତ୍ୟାଗଭୂମି ସାଂସ୍କୃତିକ ସମ୍ମିଳନୀର ସଭାପତି ଅଜୟ କୁମାର ନାୟକ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସୈନିକ ସ୍କୁଲ ପରିସରରେ ମଙ୍ଗଳବାର ଅପରାହ୍ନରେ ମଞ୍ଚର ଉପଦେଷ୍ଟା ଡ. ବିଶ୍ୱରଞ୍ଜନ ଦାସଙ୍କ ସଭାପତିତ୍ୱରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ତମ ଜୟନ୍ତୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତାଭାବେ ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀ ଯୋଗଦେଇ କାନ୍ତ ପଦାବଳୀ ବିଷାଦ ଓ ଆନନ୍ଦର କମନୀୟ ଶୈଳୀ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ କବି ରଘୁନାଥ ପାତ୍ର, ପ୍ରଗତି ଉଦ୍ୟୋଗର ମୁଦ୍ରାକାର ବିଜୟ କୁମାର ସାହୁ ଯୋଗ ଦେଇଥିଲେ। କବି ଭାସ୍କର ଚନ୍ଦ୍ର ଦାସଙ୍କ ସଂଯୋଜନାରେ କବି ଗୋଲୋକ ପ୍ରସାଦ ବେହେରା, ମଥୁରା ମୋହନ ବେହେରା, ଗୌରାଙ୍ଗ ନନ୍ଦ, ଦେବେନ୍ଦ୍ର ମହାଳିକ, କଳ୍ପତରୁ ସେଠୀ, ସୁବାସ ଦାସ, ମୁକୁନ୍ଦଦେବ ନାୟକ, ଆଶୁତୋଷ କରଣ, ହରିହର ମଲ୍ଲିକ, ରାନାରାଣୀ ପାତ୍ର, ବୈକୁଣ୍ଠନାଥ ଓଝା, ସୁବାସ ମହାନ୍ତି, ରତିକାନ୍ତ ଦାସ, ମୃତ୍ୟୁଞ୍ଜୟ ଗଡ଼ନ୍ତ, ଅବନୀନ୍ଦ୍ର ଦୟାନ ପ୍ରମୁଖ କବିତା ପାଠ କରିଥିଲେ। ପ୍ରବତ୍ତିକା ବିଶମିତ୍ରା ନାୟକ ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତ ଗାନ କରିଥିଲେ। କବି ପି ହୃଷିକେଶ ସ୍ୱାଗତ ଭାଷଣ, କବି ନିରଞ୍ଜନ ବାରିକ ମଞ୍ଚ ଆହ୍ୱାନ ଏବଂ ସଂଯୋଜକ ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆବାହକ କୈଳାସ ବେହେରା, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଯଯାତି କେଶରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଘଟଣା: ଆଉ ଜଣେ ଗିରଫ

**ସୋର, ୧୦।୧୨(ଜନ୍ମେଜୟ ମିଶ୍ର)**

ସୋର ଥାନା ମଲ୍ଲିକୁଆ ଗ୍ରାମରେ ଅକ୍ଟୋବରରେ ଗୁଣିଗାରେଡି ସନ୍ଦେହରେ ହୋଇଥିବା ହତ୍ୟା ଘଟଣାରେ ପୋଲିସ ଅନ୍ୟ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଗ୍ରାମର ଚଇତା ସିଂ ଗୁଣିଗାରେଡି କରୁଥିବା ସନ୍ଦେହରେ ଗ୍ରାମବାସୀ ସେପ୍ଟେମ୍ବରରେ ଚଇତା, ତାଙ୍କ ସ୍ତ୍ରୀ ମୁନି ସିଂ ଓ ଭାଉଜ ଟୁନି ସିଂଙ୍କୁ ଗଛରେ ବାନ୍ଧିମାଡ ମାରିବା ସହିତ ଚଇତା ଗୋଡ଼ରେ ବେଡି ପକାଇ ରଖିଥିଲେ। ଖବରପାଇ ସୋର ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅକ୍ଟୋବର ୧୨ତାରିଖରେ ଟୁନି ସିଂଙ୍କର ମୃତ୍ୟୁ ହୋଇଥିଲା। ଏ ବାବଦରେ ଚଇତାଙ୍କ ସମ୍ପର୍କୀୟ ଗୋବିନ୍ଦ ସିଂ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୭୬୯/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ପୂର୍ବରୁ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ଅନ୍ୟମାନେ ଫେରାର ଥିବା ବେଳେ ମଙ୍ଗଳବାର ରାତିରେ ଏଥିରେ ସମ୍ପୃକ୍ତ ଗୋପାଳପୁର ଗ୍ରାମର ବାଉଲି ସିଂ (୪୬)ଙ୍କୁ ଗିରଫ କରି ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରିଛି।

## ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜୀକରଣ, କାର୍ଡ ବଣ୍ଟନ

**ଜଳେଶ୍ୱର, ୧୦।୧୨(ନବୀନ ସାହୁ)**

ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଏବଂ ଓଡ଼ିଶା ଅଣ ସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଆନୁକୂଲ୍ୟରେ ଜିଲା ଶ୍ରମ କାର୍ଯ୍ୟାଳୟ ଓ ଜିଲା ପ୍ରଶାସନ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ବୁଧବାର ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜିକରଣ ଏବଂ କାର୍ଡ ବଣ୍ଟନ ଶିବିର ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁଙ୍କ ସଭାପତିତ୍ୱରେ ଆରୁହା ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଗୌରାଙ୍ଗ ଚରଣ ଘୋଷ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ, ସହ ଶ୍ରମ ଅଧିକାରିଣୀ ତଥା ଜଳେଶ୍ୱର ଦାୟିତ୍ୱରେ ଥିବା ଶ୍ରମ ଅଧିକାରିଣୀ ଶିବାଙ୍ଗୀ ହେମ୍ବ୍ରମ, ଡାଟା ଅପରେଟର କୃଷ୍ଣଚନ୍ଦ୍ର ସ୍ୱାଇଁ, ସଦସ୍ୟା ପ୍ରତିନିଧି ଶ୍ରୀକଣ୍ଠ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଏଲ୍‌ଓ ରଶ୍ମିରଞ୍ଜନ ସ୍ୱାଇଁ ଓ ଶ୍ରୀହରି ସ୍ୱଂୟ ସାମଲ, ନାଏବ ସରପଞ୍ଚ ବରୁଣ କୁମାର ଜେନା, ଶ୍ରମିକ ନେତା ପଲ୍ଟୁ ଦାସ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୫୧ଜଣଙ୍କୁ ଶ୍ରମିକ ପରିଚୟପତ୍ର ଓ ଅଣ ସଙ୍ଗଠିତ ଶ୍ରମିକ ପରିଚୟ ପତ୍ର ଅତିଥିମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା।





ଶିବିରରେ ମଞ୍ଚାସୀନ ଅତିଥିଗଣ।

## ଗଛଟିଏ ମା’ ସିଏ: ସଚେତନତା ବାର୍ତ୍ତା ଦେଲେ ଗ୍ରାମବାସୀ

**ଭୋଗରାଇ, ୧୦।୧୨(ପ୍ରଦୀପ ଦାସ)**

ଗଛ ଲଗାଅ ସବୁଜିମାର ବାର୍ତ୍ତା ଦେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କାଁଥିଭର୍ତ୍ତୀ ଗ୍ରାମର ଜନକଲ୍ୟାଣ ସ୍ୱେଚ୍ଛାସେବୀ ସଂଘ। ଏହି ସଙ୍ଗଠନର ଶତାଧିକ ମହିଳା ଓ ପୁରୁଷ ସଂଘ କାର୍ଯ୍ୟାଳୟ ପାର୍ଶ୍ୱରେ ସୋମବାର ଅପରାହ୍ନରେ ବିଭିନ୍ନ ପ୍ରଜାତିର ଚାରା ଲଗାଇ ଗଛ ସୁରକ୍ଷା, ପ୍ରକୃତି ରକ୍ଷା ଓ ଜୀବନରକ୍ଷା ନାରା ଦେବା ସହିତ ଏକ ସଚେତନତା ବାର୍ତ୍ତା ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶମ୍ଭୁନାଥ ଜେନାଙ୍କ ପୌରୋହିତ୍ୟରେ ପ୍ରକୃତିପ୍ରେମୀ ଉକ୍ତ ସଙ୍ଗଠନର ସଭାପତି ଧନଞ୍ଜୟ ପାତ୍ର, ସମ୍ପାଦକ ରାଜକୁମାର ପାତ୍ର, କାର୍ଯ୍ୟକାରୀ ସମ୍ପାଦକ ନଗେନ୍ଦ୍ର ଦେ, ନିରୀକ୍ଷକ ଶଶୀଭୂଷଣ ମହାନ୍ତି, ପ୍ରଶାନ୍ତ ଭଞ୍ଜ, ଶଶିକାନ୍ତ ଭଞ୍ଜ, ଜ୍ୟୋତିପ୍ରକାଶ ପଣ୍ଡା, ସୀତାରାମ ବାରିକ, ମନ୍ମଥ ମହାନ୍ତି, ଗୌରାଙ୍ଗ ଦାସ, ମଞ୍ଜୁଲତା ପାତ୍ର, ରେଣୁକା ସେନ ପ୍ରମୁଖ ଗଛଟିଏ ମା’ ସିଏ ଓ ପ୍ରକୃତି ସୁରକ୍ଷା ରହିଲେ ଜୀବନ ସୁରକ୍ଷିତ ରୁହେ ବୋଲି ପ୍ରକାଶ କରିବା ସହିତ ୫ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରି ଆଖପାଖ ଗ୍ରାମର ଲୋକଙ୍କ ପ୍ରଶଂସା ସାଉଁଟିଥିଲେ।

# ଭୁବନେଶ୍ୱର ବିଜୟୀ

## ବାବା ମୁକ୍ତେଶ୍ୱର ଅଷ୍ଟମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସୋର, ୧୦।୧୨(ଜନ୍ମେଜୟ ମିଶ୍ର): ସୋର ବ୍ଲକ ମହୁମୁହାଣସ୍ଥିତ ବାବା ମୁକ୍ତେଶ୍ୱର କ୍ରିକେଟ କ୍ଲବର ଅଷ୍ଟମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମହୁମୁହାଣ ସରପଞ୍ଚ ଗଦାଧର ମହାପାତ୍ର ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବାଲେଶ୍ୱରକୁ ହରାଇ ଭୁବନେଶ୍ୱର ବିଜୟୀ ହୋଇଛି। ବୁଧବାର ଟୁର୍ଣ୍ଣାମେଣ୍ଟରେ ଆଦର୍ଶ କ୍ଲବ ବାଲେଶ୍ୱର ସହିତ ତମାଣ୍ଡୋ, ଭୁବନେଶ୍ୱର ମଧ୍ୟରେ ଖେଳ ହୋଇଥିଲା। ବାଲେଶ୍ୱର ଟସ୍ ଜିଣି ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ଭୁବନେଶ୍ୱର ନିର୍ଦ୍ଧାରିତ ୨୫ ଓଭର ବ୍ୟାଟିଂ କରି ୯ ଉଇକେଟ ହରାଇ ୨୭୦ କରିଥିଲା। ଏହାର ଜବାବରେ ବାଲେଶ୍ୱର ଟିମ ୨୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୧ ରନ କରି ପରାଜିତ ହୋଇଥିଲା। ଭୁବନେଶ୍ୱରର ରାମଚନ୍ଦ୍ର ବେହେରା ୫୩ଟି ବଲ ଖେଳି ୧୧୫ ରନ କରିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚର ଅମ୍ପାୟାର ଥିଲେ ଆଶତୋଷ ପାଣି ଓ ଦୁର୍ଗାପ୍ରସାଦ ପଟ୍ଟନାୟକ।

# ୧୨୨ ପ୍ରକଳ୍ପ ପ୍ରଦର୍ଶନ କଲେ କୁନି ବୈଜ୍ଞାନିକ



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

**ଖଇରା, ୧୦।୧୨(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକ ଅଧୀନ ଡଗରପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରୁ ଜୁନିୟର ଓ ସିନିୟର ସ୍ତରରେ ୧୨୨ କୁନି ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ରଶ୍ମିତା ମହାପାତ୍ର, ସ୍ଥାନୀୟ ସରପଞ୍ଚ ରତ୍ନାକର ଦଳେଇ, ସମିତିସଭ୍ୟ ବିମ୍ବାଧର ଦଳେଇ, ଏସଏମସି ସଭାପତି କୃତିବାସ ଜେନା, ବିଜ୍ଞାନ ସଂଯୋଜକ ଜୟନ୍ତ କୁମାର ପଣ୍ଡା, ସିଆରସିସି ନିରଞ୍ଜନ ନାୟକ, ଚନ୍ଦ୍ରମଣି ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ବିଚାରକ ନିରଞ୍ଜନ ନାୟକ, ଅଜୟ କୁମାର ପାଢୀ, ଦିଲୀପ ଜେନା ଓ ଦିଲୀପ ରଥଙ୍କ ଦ୍ୱାରା ପ୍ରକଳ୍ପ ମୂଲ୍ୟାୟନ କରାଯାଇଥିଲା। ପରେ ପ୍ରଧାନଶିକ୍ଷୟିତ୍ରୀ ରାଧାମଣୀ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ସହଗୋଷ୍ଠୀ ଶିକ୍ଷାଧିକାରୀ ମାଣିକ ମିଶ୍ର ଓ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଅତିଥି ଭାବେ ଯୋଗଦେଇ ଜିଲାସ୍ତରକୁ ମନୋନୀତ ହୋଇଥିବା ୨୭ କୁନି ବୈଜ୍ଞାନିକଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମସ୍ତ ସିଆରସିସି, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀ, ଡଗରପଡା ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


**OFFICE OF THE DIVISIONAL FOREST OFFICER PHULBANI (KENDULEAVES) DIVISION**
AT/PO/PS-PHULBANI, DIST.-KANDHAMAL, PIN-762001
Phone-06842-253673, Mob-918280342725,Email id:dfoklplb@gmail.com
Office Order No.130/1F (KL) Dated, Phulbani 6th December 2025
1st Corrigendum To e-Tender Call Notice No.01/2025-26
Bid Identification No.F.E.&C.C./PLB/01 (online)/2025-26
No.MM-357:The following modification has been made to the BID Identification No. F.E.&C.C./PLB/01 (online)/2025-26 as follows.

| Sl.No. | Description |
|---|---|
| 1 | Due to some unavoidable circumstances BID Identification No. F.E.& C.C./PLB/01 (online)/2025-26 of Sl.No.1 is hereby cancelled. |

Further details will be intimated soon.
OIPR-08069/11/0007/2526 Sd./- Divisional Forest Officer Phulbani K.L.Division

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE**
AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6626/DATE 04.12.25
**2nd CORRIGENDUM**
TENDER FOR THE WORK
No.C-1756:“Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Jaleswar Town”.
In continuation to this office Bid-Identification No.SEPHBLS-27 of 2025-26 dt 12.11.2025. The following amendments have been made to Critical Dates.

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Sec-tion-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

All other terms and conditions un-altered.
OIPR-13053/11/0037/2526 Sd./- Superintending Engineer P.H. Division, Balasore

**Office of the Zilla Parishad, Balangir**
(District Mission Management Unit, OLM)
Dist.-Balangir, Odisha, Pin-767001
E-mail:ori-dbolangir@nic.in, balangirdpm.olm@gmail.com
Order No.554/ZP, Date:09.12.2025
**REQUEST FOR PROPOSAL**
CAD-2648: Sealed request for proposal are invited in plain paper from Odisha Based reputed Chartered Accountant firm with the following term and condition for Audit of GPLF. The quotations completed in all respect will be received from 10.12.2025 to 31.12.2025 during office hour Speed/Registered post & Courier only address to the CDO-cum-EO, Zilla Parishad, Balangir and will be opened on 02.01.2026 at 11.00 AM in the office chamber of CDO-cum-EO, in the presence of the Bidders or their authorized representatives. The outer envelope is to be superscribed with “PROPOSAL FOR HIRING OF CHARTERED ACCOUNTANT FOR GPLF AUDIT UNDER OLM” alongwith the contact details of the bidder. The undersigned reserves the right to accept or reject any or all the Quotations without assigning any reason thereof.
The details of the Quotation Call Notice alongwith terms & condition and the evaluation form can be viewed at the district website i.e. https://balangir.odisha.gov.in.
Sd./- C.D.O.-cum-DMC, OLM, Zilla Parishad, Balangir
OIPR-19367/11/0005/2526

ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା
ଇସ୍ତାହାର
PR No-879 03/12/2025
ସଂଖ୍ୟା–୨୫୬୪ ତାରିଖ 03/12/2025
No.F–96:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନବର୍ଣ୍ଣିତ ଏକଗୋଟି ନଦୀ ମସଦିଆ ଉତ୍ସ ସନ–2025–26 ବର୍ଷ ପାଇଁ ନିଲାମ କରାଯିବ । ଇଚ୍ଛୁକ ପ୍ରାର୍ଥୀମାନେ ଧାର୍ଯ୍ୟ ତାରିଖରେ ନିୟମାନୁଯାୟୀ ନିଲାମରେ ଭାଗ ନେଇପାରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ନାମରେ ନିଲାମ ସ୍ଥିରୀକୃତ କରାଯାଇପାରିବ । ସର୍ବୋଚ୍ଚ ନିଲାମଧାରୀଙ୍କ ଅର୍ଥକୁ ଗ୍ରହଣ କରାଯିବ ଏବଂ ସର୍ବୋଚ୍ଚ ଡାକିଥିବା ବ୍ୟକ୍ତି ସମସ୍ତ ଟଙ୍କା ନଗଦ ଆକାରରେ ଏକକାଳୀନ ପୈଠ କରିବେ । ସର୍ବୋଚ୍ଚ ଡାକ ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଦୃଢୀକରଣ ହେବାପରେ ନିଲାମଗ୍ରହୀତାଙ୍କ ସର୍ବୋଚ୍ଚ ଡାକକୁ ଗ୍ରହଣ କରାଗଲା ବୋଲି ଧରିନିଆଯିବ ।

| କେଶ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ରକବା | ସରକାରୀ ସର୍ବନିମ୍ନ ଜମା | ଅମାନତ ଓ ଜମା |
|---|---|---|---|---|
| 01/25-26 | କୁଆଖାଇ ନଦୀ ମସଦିଆ, ଭୁବନପୁର | ଏ.40.000 | ଟ.4,25,105/– | ଟ.42,511/– |

ଧାର୍ଯ୍ୟ ତାରିଖ 16.12.2025 ପୂର୍ବାହ୍ନ 11.00 ଘଣ୍ଟା, ସ୍ଥାନ–ବାଲିଅନ୍ତା ତହସିଲ । ଯଦି ଧାର୍ଯ୍ୟ ତାରିଖରେ ନିଲାମ ଖତମ ନହୁଏ ତାହାହେଲେ ପର୍ଯ୍ୟାୟକ୍ରମେ ତା.22.12.2025 ଓ ତା.29.12.2025 ରେ ପୁନର୍ବାର ନିଲାମ କରାଯିବ ।
ବି.ଦ୍ର:– କର୍ତ୍ତୃପକ୍ଷ ଚାହିଁଲେ ଏହି ଇସ୍ତାହାରକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ନିଲାମ ତାରିଖ ଘୁଞ୍ଚାଇପାରିବେ ।
OIPR-24050/11/0002/2526 ସ୍ୱା./– ତହସିଲଦାର, ବାଲିଅନ୍ତା

GOVERNMENT OF ODISHA
**Office of the Superintending Engineer Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //842//Dtd.04.12.2025
No.B-807
**INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-18/2025-26
1. Name of work : Electrical Shifting works
2. No. of works : 2 Nos. Electrical work
3. No. of Covers : Single Cover
4. Estimated cost : Rs.44.52 to 48.00 lakhs
5. Period of Completion : Three Calendar Months
6. Date of time of availability of bid document in the portal : From 12.00 Noon of dated 10.12.2025 to 5.00 P.M. of dated 19.12.2025
7. Last date/time for receipt of bids in the portal : Up to 5.00 P.M. of dated 19.12.2025
8. Date of opening of bid documents : At 11.00 A.M. of dated 20.12.2025
9. Class of contractor : “HT” Elect. Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar
Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.
Sd./- Superintending Engineer Bhanjanagar (R&B) Division
OIPR-34015/11/0032/2526

**OFFICE OF THE SUPERINTENDING ENGINEER RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//16//SERWDG-I//2025-26
Phone-0680-2291405, E-mail: eerw_gm1@yahoo.co.in
No.O-1686: Letter No.5825// RWDG-I//BAM//Date:29.11.25

| | | | |
|---|---|---|---|
| 1. | Name of the Work | :: | Building Works |
| 2. | Estimated Cost | :: | Rs.26.86 Lakhs |
| 3. | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the portal | :: | From 10.12.2025 at 11.00 AM to 23.12.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | :: | 23.12.2025 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.
Sd./- Executive Engineer R.W.Division-I, Ganjam, Berhampur
OIPR-25085/11/0040/2526

**Government of Odisha “e” Procurement Notice**
No.C-1712
Bid Identification No. : 52/2025-26

| | | | |
|---|---|---|---|
| 1 | Name of the Work | : | 01 No. of work |
| 2 | Estimated Cost | : | 184.65 Lakh |
| 3 | Period of Completion | : | Two months |
| 4 | Date & time of availability of bid document in the portal | : | From 11.00 A.M. of 09.12.2025 to 12.00 Noon of 23.12.2025 |
| 5 | Last Date/time for receipt of bids in the portal | : | 12.00 Noon of 23.12.2025 |
| 6 | Name & Address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Sd./- Superintending Engineer, P.H. Division, Bhubaneswar
OIPR-13205/11/0053/2526

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**
GOVERNMENT OF ODISHA
No.A-1058: “e”-Procurement Notice
BID IDENTIFICATION No.:06 MID (JSP/2025-26)
1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement of MIP in Mayurbhanj District under the scheme CAPEX for the year 2025-26.
3. No. of Works :- 3 (Three) Nos.
4. Tender Amount Varies from :- 61.67 Lakhs to 97.93 Lakhs
5. Date and Time of availability of Bid document in the Portal for online Bidding From :- Dt.08.12.2025 10.00 hrs. to Dt.17.12.2025 17.00 hrs.
6. Last Date and Time of receipt of Bids in the Portal :- Dt.17.12.2025 upto 17.00 hrs.
7. Last Date and Time for clarification upto :- Dt.17.12.2025 upto 17.00 hrs.
8. Date of Opening of Bid :- Dt.18.12.2025 at 11.00 hrs. onwards
The detail tender call notice can also be seen in the DOWR website: http://dowrorissa.gov.in
Name & Address of the OIT :- Superintending Engineer, M.I.Division Jashipur,At/Po-Khairi Dist:Mayurbhanj, PIN-757091, E-Mail:eemijashipur@yahoo.com
Further details can be seen from the e-Procurement market place :- http://tenderorissa.gov.in
- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.
Sd./- Superintending Engineer M.I. Division, Jashipur
OIPR-32282/11/0014/2526

**Sambalpur Municipal Corporation Sambalpur**
Notice No. - 14365 Email id: sambalpurm.hud@nic.in Dt. : 06.12.2025
‘e’ Procurement NOTICE
23/SMC_SBP/2025-26
Tender ID No : 2025_ORULB_122633
No.C-1732 : The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in
1. Number of Civil Works : **2 (Two) numbers**
2. Estimated Costs : **53.16 & 66.73 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 10.12.2025 to 05.00 P.M. of 30.12.2025**
5. Last Date/Time for receipt of bids in the portal : **05.00 P.M. of 30.12.2025**
6. Bids will be opened on : **11.00 A.M. of Dt. 31.12.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**
Sd./- Commissioner Sambalpur Municipal Corporation
OIPR-13122/11/0151/2526

Government of Odisha No.B-777
“e” Procurement Notice
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
E-mail ID : sepwdrgda1@gmail.com
Bid Identification No. : RC (RANDB) RGD 17/2025-2026
(Single Cover-Online tender)
File No. E-II-C8-28/2025 No.10685 Dated 26.11.2025
1. No. of the works : 05 (Five) Shifting of Utility Work (Electrical) only
2. Estimated Cost : Rs.16.13 Lakh, Rs.25.66 Lakhs, Rs.45.97 Lakhs, Rs.25.66 Lakhs & Rs.9.95 Lakhs
3. Cost of document : Rs.6,000/- for each work
4. Bid Security : Rs.16,130/-, Rs.25,656/-, Rs.14,300/-, Rs.49,300/- & Rs.9,950/-
5. Class of Conrtractor : ‘HT / above’
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 10.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received “on-line” shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : “www.tendersodisha.gov.in”. Any Addendum/Corrigendum/Cancellation of tender can also be seen in the said website only.
Sd./- Superintending Engineer Rayagada (R&B) Division No-I
OIPR-34040/11/0019/2526

**GOVERNMENT OF ODISHA** No.A-1064
**OFFICE OF THE ADDITIONAL CHIEF ENGINEER SALAPADA IRRIGATION CIRCLE, SALAPADA, KEONJHAR**
E-mail : acesicsalapada@gmail.com
Bid Identification No - ACESIC-02/2025-26
‘e’ PROCUREMENT NOTICE

| | | |
|---|---|---|
| 1 | Nature of the works | Road Work |
| 2 | No of works | 2 (Two) |
| 3 | Value of works (Excluding GST) | Rs.233.90 lakh & 235.59 lakh |
| 4 | Period of completion | 6 Calendar Months |
| 5 | Class of contractors | A & B |
| 6 | Procurement Officer | Additional Chief Engineer, Salapada Irrigation Circle, Salapada, Keonjhar - 758020 |
| 7 | Availability of tender for On-line bidding | From 11.00 hrs. of 12.12.2025 to 29.12.2025 up to 17.00 hrs. |
| 8 | Date and time of opening of Technical Bid | 30.12.2025 at 11.00 hrs |
| 9 | Date of opening Financial Bid | After evaluation of Technical Bid |

Further details conditions can be seen from the Govt. website www.tendersorissa.gov.in
Sd./- Additional Chief Engineer, Salapada Irrigation Circle, Salapada,
OIPR-32468/11/0009/2526

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଗୋଷ୍ଠୀ ସହାୟିକା

କେନ୍ଦୁଝର, ୧୦।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)




ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଗୋଷ୍ଠୀ ସହାୟିକାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଓଡ଼ିଶା ଗୋଷ୍ଠୀ ସହାୟିକା ସିଆଇଟିୟୁ (ଏଆଇଟିୟୁସି) ଡାକରାରେ କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକ୍‌ରୁ ଅନେକ ଶହ ଗୋଷ୍ଠୀ ସହାୟିକା ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟରେ କାର୍ଯ୍ୟରତ ଗୋଷ୍ଠୀ ସହାୟିକା ସିଆରପିଏମ ମହିଳାମାନେ ତଳ ସ୍ତର ତଥା ଗ୍ରାମାଞ୍ଚଳରେ ମହିଳାଙ୍କୁ ସଚେତନ କରାଇବା, ସରକାରଙ୍କ ମୁଖ୍ୟ ଯୋଜନାରେ ସାମିଲ କରାଇବା ଓ ବିଭିନ୍ନ ରାସ୍ତାରେ ରୋଜଗାରକ୍ଷମ, ସ୍ୱାବଲମ୍ବି କରାଇବା ପାଇଁ ଦିନ ରାତି ପରିଶ୍ରମ କରୁଥିବା ବେଳେ ସେମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ସିଆରପିଏମଙ୍କ ପ୍ରୋତ୍ସାହନ ରାଶି ବ୍ୟବସ୍ଥା ବାତିଲ କରି ମାସିକ ଭତ୍ତା ପ୍ରଦାନ, ବକେୟା ଦରମା ଓ ପ୍ରତି ମାସରେ ନିର୍ଦ୍ଦିଷ୍ଟ ତାରିଖରେ ଦରମା ପ୍ରଦାନ, ସର୍ବନିମ୍ନ କୁଶଳି ଶ୍ରମିକର ସର୍ବନିମ୍ନ ମଜୁରୀ ଓ ଡିଏ ପ୍ରଦାନ, ଭିଆରଏଫ କାର୍ଯ୍ୟ ନିମନ୍ତେ ଅଧିକ ପାରିଶ୍ରମିକ, ସ୍ଥାୟୀ ନିଯୁକ୍ତି ଓ ପରିଚୟ ପତ୍ର ପ୍ରଦାନ, ଅନ୍‌ଲାଇନ କାର୍ଯ୍ୟ ପାଇଁ ଲ୍ୟାପଟପ ପ୍ରଦାନ, ଆଞ୍ଚଳିକ ମଞ୍ଚ ସଭାଗୃହ ନିର୍ମାଣ, ଡ୍ରେସ୍ କୋର୍ଡ ପାଇଁ ବାର୍ଷିକ ୨ ଯୋଡ଼ା ଶାଢ଼ୀ, ରେଜିଷ୍ଟର ଗ୍ରାମ ଅନୁସାରେ ଗୋଟିଏ ସିଏଲଏଫ ଗଠନ ପ୍ରକ୍ରିୟା ବାତିଲ କରିବା ଇତ୍ୟାଦି ୧୨ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ସାଥୀ ମହେଶ୍ୱର ରାଉତ, ରାଜ୍ୟ ନେତା ବ୍ରଜବନ୍ଧୁ ପ୍ରଧାନ,, ସୁବାସ ମହାପାତ୍ର, ସିଆରପିଏମ ଜିଲା ନେତ୍ରୀ ଲିପିକା ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ୧୨ରେ ପ୍ରସ୍ତାବିତ ପ୍ଲାଣ୍ଟ ପାଇଁ ପ୍ରଥମ ଗ୍ରାମସଭା

ପାଟଣା, ୧୦।୧୨ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ଯମୁନାପୋଷି ଓ ଜେଏସ୍‌ଡବ୍ଲୁ ଓ ପୋସ୍କୋ ୧୨ଟି ମୌଜାରେ ଜେଏସ୍‌ଡବ୍ଲୁ ଓ ପୋସ୍କୋ ପକ୍ଷରୁ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ବହୁ ବାଦବିବାଦ ପରେ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଗ୍ରାମସଭା କରିବାକୁ ପ୍ରଶାସନ ଅଣ୍ଟା ଭିଡ଼ିଛି। ଆସନ୍ତା ୧୨ ତାରିଖରେ ଗ୍ରାମସଭା ଚେମେଣା ପଞ୍ଚାୟତର ଭୁଙ୍ଗରାଜପୋଷି ମୌଜା ପୋଷିଖିମରାରେ ଅନୁଷ୍ଠିତ ହେବ ବୋଲି ବିଡିଓ ଚିଠି ଜରିଆରେ ସୂଚନା ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ପ୍ଲାଣ୍ଟ ବିରୋଧୀ ଓ ସପକ୍ଷବାଦୀଙ୍କ ମଧ୍ୟରେ ବିଭିନ୍ନ ସମୟରେ କନ୍ଦଳକୁ ନେଇ ଅଞ୍ଚଳରେ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି। ଏଭଳି କି ପ୍ଲାଣ୍ଟ ପ୍ରତିଷ୍ଠାକୁ ବିରୋଧ କରି ମଙ୍ଗଳବାର ଜମୁନାପୋଷି ହାଟ ପଡ଼ିଆରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ରାଷ୍ଟ୍ରୀୟ ନେତାମାନେ ସଭା କରି ଫେରିଛନ୍ତି। ଅନ୍ୟପକ୍ଷେ ଏକ ମାସ ପୂର୍ବେ ପ୍ରଶାସନ ତରଫରୁ ଭୁଙ୍ଗରାଜପୋଷିରେ ଗ୍ରାମସଭା ପାଇଁ ଏକ ବିଜ୍ଞପ୍ତି ଜାରି ହୋଇଥିବା ବେଳେ ପ୍ଲାଣ୍ଟ ବିରୋଧୀ ଲୋକେ ରାତି ୧୨ରୁ ଉକ୍ତ ଗାଁକୁ ସିଲ୍ କରି ଆନ୍ଦୋଳନ କରିଥିଲେ। ଏଥି ମଧ୍ୟରେ ପୋଲିସ ପ୍ରଶାସନ ଜିଲ- ପୋସ୍କୋ ପ୍ରତିରୋଧ ମଞ୍ଚର ୬୨ଜଣଙ୍କୁ ଏକ ମାମଲାରେ ଗିରଫ କରି ଜେଲକୁ ପଠାଇଛି। ଏହି ସମୟ ମଧ୍ୟରେ ପ୍ରଶାସନ ଅନାୟସରେ ଗ୍ରାମ ସଭା କରି ପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ରେ ଚେମେଣା ଆରଆଇସର୍କଲ ଅନ୍ତର୍ଗତ ଭୁଙ୍ଗରାଜପୋଷି ମୌଜା ପୋଷିଖିମରାରେ ଗ୍ରାମସଭା କରିବାକୁ ପାଟଣା ପଞ୍ଚାୟତ ସମିତି ପକ୍ଷରୁ ବିଡିଓ ମାନସ କୁମାର ଦଣ୍ଡପାଟ ପତ୍ର ସଂଖ୍ୟା(ଫ. ୬୯୫୫/୧୦ଡିସେମ୍ବର ୨୦୨୫)ରେ ଅଧିକାରୀଙ୍କୁ ସରକାରୀ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଆଇଟିୟୁସିର ଦାବିପତ୍ର

କେନ୍ଦୁଝର, ୧୦।୧୨ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

## ନୂତନ ଶ୍ରମକୋଡ୍ ବାତିଲ ଦାବି




ଶୋଭାଯାତ୍ରାରେ ଯୋଗଦେଉଥିବା ଶ୍ରମିକ ସଂଗଠନ କର୍ମକର୍ତ୍ତାମାନେ।

କେନ୍ଦ୍ର ସରକାରଙ୍କ ଦ୍ୱାରା ସାରା ଦେଶରେ ନୂତନ ଶ୍ରମକୋଡ ଲାଗୁ କରିବା ପାଇଁ ଘୋଷଣା ହୋଇଛି। ଆଇନ ଲାଗୁ ହେବା ଦ୍ୱାରା ଶ୍ରମିକଙ୍କୁ ନିଯୁକ୍ତି ଅଧିକ ଅସ୍ଥାୟୀ ହେବା ସହ ହାୟାର ଆଣ୍ଡ ଫାୟାର ନୀତିରେ ଶ୍ରମିକଙ୍କୁ ମାଲିକଙ୍କ ଦ୍ୱାରା ଛଟେଇ କରାଯିବ। ସ୍ଥାୟୀ ନିଯୁକ୍ତି ବଦଳରେ ଅସ୍ଥାୟୀ ଚୁକ୍ତି ଭିତ୍ତିକ ନିଯୁକ୍ତି ବୃଦ୍ଧି ପାଇବ। ତେଣୁ ନୂଆ ଶ୍ରମକୋଡ ତୁରନ୍ତ ବାତିଲ ଦାବିରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଅଭିଯୋଗ ମୁତାବକ, ଟ୍ରେଡ୍ ୟୁନିୟନ କ୍ଷମତାକୁ ସଙ୍କୁଚିତ କଲାପରେ ମାଲିକଙ୍କ ଦ୍ୱାରା ଶ୍ରମିକମାନେ ଅଧିକ ଶୋଷିତ ହେବେ। ବୋନ୍‌ସ ଓ ଛୁଟି ଭଳି ଅତ୍ୟାବଶ୍ୟକ ସୁବିଧା ଉପରେ ଅଂକୁଶ ଲଗାଇବା ପାଇଁ ସ୍ଥିର ହୋଇଛି। ଯାହାକି ବିନା ୟୁନିୟନରେ ଶ୍ରମିକଙ୍କୁ ଡରାଇ ମାଲିକମାନେ କାର୍ଯ୍ୟ ହାସଲ କରିବା ସହ କାର୍ଯ୍ୟରୁ ବାହାର କରି ଦେବେ। ଶ୍ରମିକ ଶୋଷଣ ଅଧିକରୁ ଅଧିକ ବଢ଼ିବାରେ ଲାଗିବ। ପୂର୍ବ ଶ୍ରମ ଆଇନକୁ ଠିକ୍ ଭାବେ ଲାଗୁ ହୋଇ ପାରୁ ନ ଥିବା ବେଳେ, ମାଲିକ ସପକ୍ଷବାଦୀ ନୂଆ ଶ୍ରମ କୋର୍ଡ ସମ୍ପୂର୍ଣ୍ଣ ଭାବରେ ଶ୍ରମିକ ବିରୋଧୀ ବୋଲି ଶ୍ରମିକ ନେତାମାନେ କହିଥିଲେ। ବିକ୍ଷୋଭରେ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ସାଥୀ ମହେଶ୍ୱର ରାଉତ, ରାଜ୍ୟନେତା ବ୍ରଜବନ୍ଧୁ ପ୍ରଧାନ, ଏଆଇଟିୟୁସି ଜିଲା ସମ୍ପାଦକ ସାଥୀ କପିଳ ମହାନ୍ତି, କାହ୍ନୁ ସାମଲ, ବନ୍ଧୁ ଜାମା, ଶ୍ରୀହରି ଘଣା, ହୃଦା ପାତ୍ର, ବିରଞ୍ଚି ଦେହୁରୀ, ଘାଶିରାମ ମାଝୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଦିଗଧର ଏକାଦଶ ସେମି ଫାଇନାଲକୁ ଉନ୍ନୀତ

## ମା' ବାଗୁଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ପାଟଣା, ୧୦।୧୨ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଷାଖୋରୀ ଦଶହରା ପଡ଼ିଆରେ ବୁଧବାର ମା' ବାଗୁଲି କ୍ରିକେଟ୍ କ୍ଲବର ଆନୁକୂଲ୍ୟରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁଷାଖୋରୀ ସରପଞ୍ଚ ଭାମିନୀ ଦାସ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଗୁଣ୍ଡୁରିପୋଷି ଏକାଦଶ ସହ ବଡ଼ବିଲ ଏକାଦଶ ଖେଳାଯାଇଥିଲା। ବଡ଼ବିଲ ବିଜୟୀ ହୋଇଥିଲା। ସେହିଭଳି ଦିଗଧର ଏକାଦଶ ସହ ତରା ଏକାଦଶ ମଧ୍ୟରେ ଖେଳାଯାଇଥିବା ବେଳେ ଦିଗଧର ବିଜୟୀ ହୋଇଥିଲା। ବଡ଼ବିଲ ଓ ଦିଗଧର ଏକାଦଶ ମଧ୍ୟରେ କ୍ୱାଟର ଫାଇନାଲ ଖେଳାଯାଇଥିଲା। ଦିଗଧର ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା। ରୁଦ୍ର ନାଏକ, ଆଲୋକ ସେଠୀ, ମଣ୍ଟୁ ନାଏକ ଖେଳ ପରିଚାଳନା କରିଥିଲେ। ସଞ୍ଜୁ ଖେଳରଧାରା ବିବରଣୀ ପ୍ରଦାନ କରିଥିଲେ।

# ୬୧ ୟୁନିଟ୍ ରକ୍ତ ସଂଗ୍ରହ

ମୋରଡ଼ା, ୧୦।୧୨ (ସ୍ୱାରକ ମାଝୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ପରିସରରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନେତୃତ୍ୱରେ ତଥା ବାରିପଦା ଏସ୍‌ଡିପିଓ ଦୀପକ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ ମୁଖ୍ୟ ଅତିଥିଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ପୋଲିସ ସମିତି ସଦସ୍ୟ ଅଜିତ କୁମାର ରାଉତ, ରଞ୍ଜିତ ଧଡ଼, ମୁରଲୀଧର ମହାନ୍ତ, ଖିରୋଦ ଚନ୍ଦ୍ର ବାରିକ, ଶଶିଧର ଡିଓଗିଆ, କୋଷ୍ଟା ସରପଞ୍ଚ ସୁମିତ୍ରା ନାୟକ, କଣ୍ଟିସାହି ସରପଞ୍ଚ ରଘୁନାଥ ମୁର୍ମୁ ଉପସ୍ଥିତ ଥିଲେ। ଶିବିରରେ ମୋଟ ୬୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ୍ ବ୍ୟାଙ୍କ ୟୁନିଟ, କଲେଜ ଛାତ୍ରଛାତ୍ରୀ, ସହଯୋଗ କରିଥିଲେ।

# ଲୋକଙ୍କୁ ଘାରିଛି ବାଘ ଭୟ

## ୨ ଦିନରେ ଦୁଇ ଗୋରୁ ମାରିଲାଣି

ଉଦଳା, ୧୦।୧୨ (ସନ୍ତୋଷ କୁମାର ବାଲ୍ଲିଆରି)



ବାଘ ପାଦଚିହ୍ନ।

ମୟୂରଭଞ୍ଜ ଜିଲା କପ୍ତିପଦା ବନାଞ୍ଚଳରେ ବାଘ ଭୟ ଦେଖାଦେଇଛି। ଲୋକେ ଆତଙ୍କିତ ଅବସ୍ଥାରେ ଥିବାବେଳେ ବନ ବିଭାଗ ସେପରି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରିନାହିଁ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ମଙ୍ଗଳବାର ଭୋର ସମୟରେ କପ୍ତିପଦା ବନାଞ୍ଚଳ ଜେଏସ ଜାମୁଡିହା ଭୁଡ଼ିସାହି ଜିଲା ବ୍ଲକ-୧୧ର ବିମଳ ମୁଣ୍ଡାଙ୍କ ଗୁହାଳରୁ ଏକ ଗୋରୁକୁ ବାଘ ଘୋଷାରି ନେଇଥିବା ବେଳେ ପୁଣି ବୁଧବାର ପଣ୍ଡେସାହି ଗ୍ରାମର ପ୍ରେମ କୁମାର ସାମଲଙ୍କ ଗୁହାଳରୁ ଏକ ଗୋରୁ ଘୋଷାରି ନେଇଛି ବାଘ। ପ୍ରେମ କୁମାରଙ୍କ ଗୁହାଳରୁ ଗୋରୁ ନେଉଥିବା ବେଳେ ପରିବାର ଲୋକେ ପାଟି କରିବାରୁ ମୃତ ଗୋରୁ ଛାଡି ବାଘ ଚାଲିଯାଇଥିଲା। ଗ୍ରାମର ବିଭିନ୍ନ ସ୍ଥାନରେ ପାଦ ଚିହ୍ନ ପଡ଼ିଥିବାରୁ ବାଘଟି ଗାଁରେ ବୁଲୁଥିବା ଗ୍ରାମବାସୀ କହିଛନ୍ତି। ବାଘ ଉପରେ ନଜର ରଖାଯାଇଥିବା କପ୍ତିପଦା ରେଞ୍ଜର ଅଚ୍ୟୁତାନନ୍ଦ ଦାସ କହିଛନ୍ତି।

# ଡିଆରକେ, ରାଉରକେଲା ବିଜୟୀ



ଅତିଥିଙ୍କ ସହ ଖେଳାଳିମାନେ।

ବାରିପଦା, ୧୦।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଆରମ୍ଭ ହେଲା ସର୍ବଭାରତୀୟ ଟି- ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାରିପଦା ପ୍ରଫୁଲ୍ଲନଗରସ୍ଥିତ ଲେଟ୍‌କଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପ ସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ କୁମାର ଦାଶ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚରେ ବାରିପଦାର ଡିଆରକେ ଟିମ୍ ଟାଟା ଲିଓକୁ ପରାସ୍ତ କରିଥିଲା।

ସେହିପରି ଦ୍ୱିତୀୟ ମ୍ୟାଚରେ ରାଉରକେଲା ସେର୍ସା ରାଞ୍ଚିକୁ ପରାସ୍ତ କରିଥିଲା। ଏମସିଏଏମ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ଭର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବା ବେଳେ ସୌରଜିତ ସାହୁ ସ୍କୋରିଂରେ ସହାୟତା କରିଥିଲେ। ସୁରେଶ ସାଣ୍ଡିଲ, ବୁବୁ ସିହ୍ନା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ୧ମ ମ୍ୟାଚ ଟିସିସି ଭୁବନେଶ୍ୱର ଓ ଡିଆରକେ ବାରିପଦା ମଧ୍ୟରେ ଏବଂ ୨ୟ ମ୍ୟାଚ ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରି ୱରିୟାର୍ସ ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।


**OFFICE OF THE DIVISIONAL FOREST OFFICER**
**PHULBANI (KENDULEAVES) DIVISION**
AT/PO/PS-PHULBANI, DIST.-KANDHAMAL, PIN-762001
Phone-06842-253673, Mob-918280342725,Email id:dfoklplb@gmail.com
Office Order No.130/1F (KL) Dated, Phulbani 6th December 2025
1st Corrigendum To e-Tender Call Notice No.01/2025-26
Bid Identification No.F.E.&C.C./PLB/01 (online)/2025-26

No.MM-357:The following modification has been made to the BID Identification No. F.E.&C.C./PLB/01 (online)/2025-26 as follows.

| Sl.No. | Description |
|---|---|
| 1 | Due to some unavoidable circumstances BID Identification No. F.E.& C.C./PLB/01 (online)/2025-26 of Sl.No.1 is hereby cancelled. |

Further details will be intimated soon.
OIPR-08069/11/0007/2526
Sd./- Divisional Forest Officer
Phulbani K.L.Division



ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE**
AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6626/DATE 04.12.25

**2nd CORRIGENDUM**
TENDER FOR THE WORK

**No.C-1756:"Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Jaleswar Town".**

In continuation to this office Bid-Identification No.SEPHBLS-27 of 2025-26 dt 12.11.2025. The following amendments have been made to **Critical Dates.**

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Sec-tion-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

**All other terms and conditions un-altered.**
Sd./- Superintending Engineer
P.H. Division, Balasore
OIPR-13053/11/0037/2526



**Office of the Zilla Parishad, Balangir**
(District Mission Management Unit, OLM)
Dist.-Balangir, Odisha, Pin-767001
E-mail:ori-dbolangir@nic.in, balangirdpm.olm@gmail.com
Order No.554/ZP, Date:09.12.2025

**REQUEST FOR PROPOSAL**

CAD-2648: Sealed request for proposal are invited in plain paper from Odisha Based reputed Chartered Accountant firm with the following term and condition for Audit of GPLF. The quotations completed in all respect will be received from 10.12.2025 to 31.12.2025 during office hour Speed/Registered post & Courier only address to the CDO-cum-EO, Zilla Parishad, Balangir and will be opened on 02.01.2026 at 11.00 AM in the office chamber of CDO-cum-EO, in the presence of the Bidders or their authorized representatives. The outer envelope is to be superscribed with "PROPOSAL FOR HIRING OF CHARTERED ACCOUNTANT FOR GPLF AUDIT UNDER OLM" alongwith the contact details of the bidder. The undersigned reserves the right to accept or reject any or all the Quotations without assigning any reason thereof.
The details of the Quotation Call Notice alongwith terms & condition and the evaluation form can be viewed at the district website i.e. https://balangir.odisha.gov.in.

Sd./- C.D.O.-cum-DMC, OLM,
Zilla Parishad, Balangir
OIPR-19367/11/0005/2526



ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା
**ଇସ୍ତାହାର**
PR No-879
03/12/2025
ସଂଖ୍ୟା–୨୫୬୪ ତାରିଖ 03/12/2025

No.F–୨୬:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନବର୍ଣ୍ଣିତ ଏକଗୋଟି ନଦୀ ମସ୍‌ଦିଆ ଉତ୍ସ ସନ–2025–26 ବର୍ଷ ପାଇଁ ନିଲାମ କରାଯିବ । ଇଚ୍ଛୁକ ପ୍ରାର୍ଥୀମାନେ ଧାର୍ଯ୍ୟ ତାରିଖରେ ନିୟମାନୁଯାୟୀ ନିଲାମରେ ଭାଗ ନେଇପାରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ନାମରେ ନିଲାମ ସ୍ଥିରୀକୃତ କରାଯାଇପାରିବ । ସର୍ବୋଚ୍ଚ ନିଲାମଧାରୀଙ୍କ ଅର୍ଥକୁ ଗ୍ରହଣ କରାଯିବ ଏବଂ ସର୍ବୋଚ୍ଚ ଡାକିଥିବା ବ୍ୟକ୍ତି ସମସ୍ତ ଟଙ୍କା ନଗଦ ଆକାରରେ ଏକକାଳୀନ ପୈଠ କରିବେ । ସର୍ବୋଚ୍ଚ ଡାକ ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଦୃଢ଼ୀକରଣ ହେବାପରେ ନିଲାମଗ୍ରହୀତାଙ୍କ ସର୍ବୋଚ୍ଚ ଡାକକୁ ଗ୍ରହଣ କରାଗଲା ବୋଲି ଧରିନିଆଯିବ ।

| କେଶ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ରକବା | ସରକାରୀ ସର୍ବନିମ୍ନ ଜମା | ଅମାନତ ଓ ଜମା |
|---|---|---|---|---|
| 01/25-26 | କୁଆଖାଇ ନଦୀ ମସ୍‌ଦିଆ, ଭୁବନପୁର | ଏ.40.000 | ଟ.4,25,105/- | ଟ.42,511/- |

ଧାର୍ଯ୍ୟ ତାରିଖ 16.12.2025 ପୂର୍ବାହ୍ନ 11.00 ଘଣ୍ଟା, ସ୍ଥାନ–ବାଲିଅନ୍ତା ତହସିଲ ।
ଯଦି ଧାର୍ଯ୍ୟ ତାରିଖରେ ନିଲାମ ଖତମ ନହୁଏ ତାହାହେଲେ ପର୍ଯ୍ୟାୟକ୍ରମେ ତା.22.12.2025 ଓ ତା.29.12.2025 ରେ ପୁନର୍ବାର ନିଲାମ କରାଯିବ ।
ବି.ଦ୍ର:– କର୍ତ୍ତୃପକ୍ଷ ଚାହିଁଲେ ଏହି ଇସ୍ତାହାରକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ନିଲାମ ତାରିଖ ଘୁଞ୍ଚାଇପାରିବେ ।

OIPR-24050/11/0002/2526
ସ୍ୱା./– ତହସିଲଦାର, ବାଲିଅନ୍ତା



GOVERNMENT OF ODISHA
**Office of the Superintending Engineer**
**Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //842//Dtd.04.12.2025
No.B-807
**INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-18/2025-26

1. Name of work : Electrical Shifting works
2. No. of works : 2 Nos. Electrical work
3. No. of Covers : Single Cover
4. Estimated cost : Rs.44.52 to 48.00 lakhs
5. Period of Completion : Three Calendar Months
6. Date of time of availability of bid document in the portal : From 12.00 Noon of dated 10.12.2025 to 5.00 P.M. of dated 19.12.2025
7. Last date/time for receipt of bids in the portal : Up to 5.00 P.M. of dated 19.12.2025
8. Date of opening of bid documents : At 11.00 A.M. of dated 20.12.2025
9. Class of contractor : "HT" Elect. Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

Sd./- Superintending Engineer
Bhanjanagar (R&B) Division
OIPR-34015/11/0032/2526



**OFFICE OF THE SUPERINTENDING ENGINEER**
**RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//16//SERWDG-I//2025-26
Phone-0680-2291405, E-mail: eerw_gm1@yahoo.co.in
No.O-1686: Letter No.5825// RWDG-I//BAM//Date:29.11.25

| | | | |
|---|---|---|---|
| 1. | Name of the Work | :: | Building Works |
| 2. | Estimated Cost | :: | Rs.26.86 Lakhs |
| 3. | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the portal | :: | From 10.12.2025 at 11.00 AM to 23.12.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | :: | 23.12.2025 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.

Sd./- Executive Engineer
R.W.Division-I, Ganjam, Berhampur
OIPR-25085/11/0040/2526



**Government of Odisha**
**"e" Procurement Notice**
No.C-1712
Bid Identification No. : 52/2025-26

| | | | |
|---|---|---|---|
| 1 | Name of the Work | : | 01 No. of work |
| 2 | Estimated Cost | : | 184.65 Lakh |
| 3 | Period of Completion | : | Two months |
| 4 | Date & time of availability of bid document in the portal | : | From 11.00 A.M. of 09.12.2025 to 12.00 Noon of 23.12.2025 |
| 5 | Last Date/time for receipt of bids in the portal | : | 12.00 Noon of 23.12.2025 |
| 6 | Name & Address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd./- Superintending Engineer,
P.H. Division, Bhubaneswar
OIPR-13205/11/0053/2526



**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JASHIPUR**
GOVERNMENT OF ODISHA
No.A-1058: **"e"-Procurement Notice**
BID IDENTIFICATION No.:06 MID (JSP/2025-26)

1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement of MIP in Mayurbhanj District under the scheme CAPEX for the year 2025-26.
3. No. of Works :- 3 (Three) Nos.
4. Tender Amount Varies from :- 61.67 Lakhs to 97.93 Lakhs
5. Date and Time of availability of Bid document in the Portal for online Bidding From :- Dt.08.12.2025 10.00 hrs. to Dt.17.12.2025 17.00 hrs.
6. Last Date and Time of receipt of Bids in the Portal :- Dt.17.12.2025 upto 17.00 hrs.
7. Last Date and Time for clarification upto :- Dt.17.12.2025 upto 17.00 hrs.
8. Date of Opening of Bid :- Dt.18.12.2025 at 11.00 hrs. onwards

**The detail tender call notice can also be seen in the DOWR website: http://dowrorissa.gov.in**
Name & Address of the OIT :- Superintending Engineer, M.I.Division Jashipur,At/Po-Khairi Dist:Mayurbhanj, PIN-757091, E-Mail:eemijashipur@yahoo.com
Further details can be seen from the e-Procurement market place :- **http://tenderorissa.gov.in**

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer
M.I. Division, Jashipur
OIPR-32282/11/0014/2526



**Sambalpur Municipal Corporation**
**Sambalpur**
Notice No. - 14365
Email id: sambalpurm.hud@nic.in
Dt. : 06.12.2025
'e' Procurement NOTICE
23/SMC_SBP/2025-26
Tender ID No : 2025_ORULB_122633

**No.C-1732** : The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Number of Civil Works : **2 (Two) numbers**
2. Estimated Costs : **53.16 & 66.73 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 10.12.2025 to 05.00 P.M. of 30.12.2025**
5. Last Date/Time for receipt of bids in the portal : **05.00 P.M. of 30.12.2025**
6. Bids will be opened on : **11.00 A.M. of Dt. 31.12.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

Sd./- Commissioner
Sambalpur Municipal Corporation
OIPR-13122/11/0151/2526



Government of Odisha
No.B-777
"e" Procurement Notice
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
E-mail ID : sepwdrgda1@gmail.com
Bid Identification No. : RC (RANDB) RGD 17/2025-2026
(Single Cover-Online tender)
File No. E-II-C8-28/2025 No.10685 Dated 26.11.2025

1. No. of the works : 05 (Five) Shifting of Utility Work (Electrical) only
2. Estimated Cost : Rs.16.13 Lakh, Rs.25.66 Lakhs, Rs.45.97 Lakhs, Rs.25.66 Lakhs & Rs.9.95 Lakhs
3. Cost of document : Rs.6,000/- for each work
4. Bid Security : Rs.16,130/-, Rs.25,656/-, Rs.14,300/-, Rs.49,300/- & Rs.9,950/-
5. Class of Conrtractor : 'HT / above'
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 10.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received "on-line" shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : "**www.tendersodisha.gov.in**". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer
Rayagada (R&B) Division No-I
OIPR-34040/11/0019/2526



**GOVERNMENT OF ODISHA**
No.A-1064
**OFFICE OF THE ADDITIONAL CHIEF ENGINEER**
**SALAPADA IRRIGATION CIRCLE, SALAPADA, KEONJHAR**
E-mail : acesicsalapada@gmail.com
Bid Identification No - ACESIC-02/2025-26
'e' PROCUREMENT NOTICE

| | | |
|---|---|---|
| 1 | **Nature of the works** | **Road Work** |
| 2 | **No of works** | 2 (Two) |
| 3 | **Value of works (Excluding GST)** | Rs.233.90 lakh & 235.59 lakh |
| 4 | **Period of completion** | 6 Calendar Months |
| 5 | **Class of contractors** | **A & B** |
| 6 | **Procurement Officer** | Additional Chief Engineer, Salapada Irrigation Circle, Salapada, Keonjhar - 758020 |
| 7 | **Availability of tender for On-line bidding** | From 11.00 hrs. of 12.12.2025 to 29.12.2025 up to 17.00 hrs. |
| 8 | **Date and time of opening of Technical Bid** | 30.12.2025 at 11.00 hrs |
| 9 | **Date of opening Financial Bid** | After evaluation of Technical Bid |

Further details conditions can be seen from the Govt. website www.tendersorissa.gov.in

Sd./- Additional Chief Engineer,
Salapada Irrigation Circle,
Salapada,
OIPR-32468/11/0009/2526

# ଜମିବାଡ଼ି ବିବାଦ: ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**କେନ୍ଦ୍ରାପଡ଼ା,୧୦।୧୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅଧୀନ ଓଲଡି ବେଲାଠପୁର ରାସ୍ତାରୁ ଜଣେ ମହିଳାଙ୍କୁ ଜମିବାଡି ବିବାଦରୁ ମରଣାନ୍ତକ ଆକ୍ରମଣ ପରେ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଆହତ ମହିଳା ଜଣକ ହେଉଛନ୍ତି ଏହି ବ୍ଲକ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ ଭୂଜବଳ ଗ୍ରାମର ଗୀତାଞ୍ଜଳି ରାଉତ (୫୫)। ସ୍ଥାନୀୟ ଲୋକ ତାଙ୍କ ଚିକିତ୍ସା ପାଇଁ ଡେରାବିଶ ସିଏଚସିକୁ ପଠାଇଛନ୍ତି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂଚନା ଦେଇଛି। ତେବେ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ଭିଡିଓ ଅନୁଯାୟୀ, ଏହି ଗଣ୍ଡଗୋଳର କାରଣ ଜମିବାଡି ବିବାଦରୁ ସୃଷ୍ଟି ହୋଇଛି। ଅପରାହ୍ନରେ ସେ ଛତା ଛକସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ବିବାଦରେ ସମ୍ପୃକ୍ତ ଥିବା ୪ ଜଣ ପ୍ରଥମେ ଅଟକାଇ ଥିଲେ। ପରେ ହାତକୁ ମୋଡିଦେବା ସହ ମରଣାନ୍ତକ ଆକ୍ରମଣ କରିଛନ୍ତି। ଜୀବନରୁ ମାରିଦେବା ଧମକ ଦେଇ ବ୍ୟାଙ୍କରୁ ଉଠାଇଥିବା ଟଙ୍କା ଲୁଟି ନେଇଛନ୍ତି।

# ସ୍ୱାଭାବିକ ହେଉଛି ବିମାନ ଚଳାଚଳ: ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ

## ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍, ହେଲ୍ପଲାଇନ୍ ନମ୍ବର ଜାରି

**ଭୁବନେଶ୍ୱର,୧୦।୧୨ (ଅନୁରାଧା ମହାରଣା)**

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ଚଳାଚଳ ନେଇ ଦେଖାଦେଇଥିବା ସମସ୍ୟାରେ ସୁଧାର ଆସୁଥିବା ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ବୁଧବାର ସୂଚନା ଦେଇଛନ୍ତି। ନିର୍ଦ୍ଦେଶକ ପ୍ରଧାନ କହିଛନ୍ତି, ସ୍ଥିତି ଆଉ ଆଗଭଳି ନାହିଁ। ସୁଧୁରିବା ଆରମ୍ଭ ହେଲାଣି। ଆଗକୁ ଖୁବଶୀଘ୍ର ସବୁ ସ୍ୱାଭାବିକ ହେବ। ଯାତ୍ରୀମାନଙ୍କୁ ଏୟାରଲାଇନ୍ସ ଏବଂ ବିମାନବନ୍ଦର ପକ୍ଷରୁ ଆଶ୍ୱାସନା ଦିଆଯିବା ସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସୋସିଆଲ ମିଡିଆ ମାଧ୍ୟମରେ ବାତିଲ ଫ୍ଲାଇଟ ବିଷୟରେ ସୂଚନା ଦିଆଯାଉଛି। ନିଜ ଫ୍ଲାଇଟ୍ ବିଷୟରେ ମେସେଜ ପାଇପାରି ନ ଥିବା ଯାତ୍ରୀ ଘରୁ ବାହାରିବା ପୂର୍ବରୁ ଥରେ ଚେକ କରି ବାହାରନ୍ତୁ ବୋଲି ସେ ଆହୁରି କହିଛନ୍ତି। ଫ୍ଲାଇଟ୍ ବାତିଲ ହେବାକୁ ଥିଲେ ତାହା ଯାତ୍ରୀମାନଙ୍କୁ ଯଥେଷ୍ଟ ସମୟ ପୂର୍ବରୁ ଜଣାଇ ଦିଆଯାଉଛି। ଇଣ୍ଡିଗୋ ସିଆଇଏସ୍ଏଫ୍, ଏୟାରଲାଇନ୍ସ ଏବଂ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ ଏବେ ମିଳିତ ଭାବେ କାର୍ଯ୍ୟ କରୁଥିବାବେଳେ ଜରୁରୀକାଳୀନ ପରିସ୍ଥିତି ପାଇଁ ହେଲ୍ପ ଲାଇନ୍ ନମ୍ବର ୮୨୮୦୭୬୪୨୩୯ ଜାରି କରାଯାଇଛି। ଅନ୍ୟପଟେ ଉଡ଼ାଣ ତଦାରଖ କରିବା ପାଇଁ ଏକ ଓଭରସାଇଟ୍ ଟିମ୍ ଦିଲ୍ଲୀ ଗୁରୁଗ୍ରାମସ୍ଥିତ ଅଫିସରେ ରହି କାର୍ଯ୍ୟ କରିବ। ସେଥିରେ ୨ଜଣ ଅଧିକାରୀ ସ୍ଥାୟୀ ଭାବେ ରହିବେ। ଟିମ୍‌ରେ ୮ଜଣ ବରିଷ୍ଠ ଅପରେସନ୍ସ ଅଧିକାରୀ ରହିବେ ବୋଲି ସୂଚନା ଦିଆଯାଇଛି।

# ହାତୀ ଆକ୍ରମଣରେ ଯୁବକ ମୃତ

**ଚମ୍ପୁଆ,୧୦।୧୨ (ମହେଶ୍ୱର ଦାସ)**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ବନାଞ୍ଚଳ ଅଧୀନ ଉଖୁଣ୍ଡା ସେକ୍ସନ ରିଧବାସ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ସେହି ଗ୍ରାମର ଭାଗବତ ନାଏକ (୩୫)। ଭାଗବତ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ରିଧବାସରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ହାତୀଟି ଭାଗବତଙ୍କୁ କଚାଡ଼ି ମାରିବା ସହ ଦୀର୍ଘ ସମୟ ସେଠାରେ ଜଗିରହିଥିଲା। ପରେ ସ୍ଥାନୀୟ ଲୋକ ଓ ବନ ବିଭାଗର ମିଳିତ ଉଦ୍ୟମରେ ହାତୀକୁ ଘଉଡ଼ାଇ ଭାଗବତଙ୍କୁ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ କହିଛନ୍ତି, ହାତୀଗୁଡିକ ଗୋଟ ଖଣ୍ଡିଆ ହୋଇ ବୁଲୁଥିବାରୁ ଆକ୍ରମଣ କରୁଛନ୍ତି। ତୁରନ୍ତ ଭାଗବତ ପରିବାରକୁ ସରକାରଙ୍କ ନିୟମ ଅନୁସାରେ ସହାୟତା ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ମଙ୍ଗଳବାର ଉଚବାଲି ଅଞ୍ଚଳ ସୌମେନ୍ଦ୍ର ମହାନ୍ତ (୧୮)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ।

# ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନୋଟିସ

## ରହିତାଦେଶ ଲଗାଇଲେ ହାଇକୋର୍ଟ

## ଏସ୍‌ସି ଏସ୍‌ଟି ବିଦ୍ୟାଳୟ ଟିଜିଟି ପଦୋନ୍ନତି ମାମଲା

**କଟକ,୧୦।୧୨ (କାର୍ତ୍ତିକ ସାହୁ)**

ରାଜ୍ୟରେ ଥିବା ଏସ୍‌ସି ଏସ୍‌ଟି ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଟ୍ରେନ୍ଡ ଗ୍ରାଜୁଏଟ୍ ଟିଚର (ଟିଜିଟି)ଙ୍କ ପୋଷ୍ଟ ଗ୍ରାଜୁଏଟ୍ ପଦକୁ ପଦୋନ୍ନତି ଉପରେ ହାଇକୋର୍ଟ ରହିତାଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ମାମଲାର ଶୁଣାଣି କରି ଜବାବ ଦାଖଲ ଲାଗି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, କେନ୍ଦୁଝର ଜିଲ୍ଲା ବସନ୍ତପୁରସ୍ଥିତ ଏସ୍‌ସି ଏସ୍‌ଟି ବିଦ୍ୟାଳୟରେ ଶିକ୍ଷକ କୃଷ୍ଣାଞ୍ଜନ ଆଚାର୍ଯ୍ୟ ଟିଜିଟି ପଦକୁ ପଦୋନ୍ନତି ପାଇ କାର୍ଯ୍ୟରତ ଥିଲେ। ପରବର୍ତ୍ତୀ ସମୟରେ କେନ୍ଦୁଝର ଜିଲ୍ଲାପାଳଙ୍କ ଆଦେଶକ୍ରମେ ସେ ଜଗମୋହନପୁର ଆଶ୍ରମ ବିଦ୍ୟାଳୟକୁ ବଦଳି ହୋଇଥିଲେ। ସେ ଏବେ ଉକ୍ତ ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଓଡ଼ିଶା ସବ୍‌ଅର୍ଡିନେଟ୍ ଟ୍ରାଇବାଲ ୱେଲଫେୟାର ଏଜୁକେଶନ ରିକ୍ରୁଟ୍‌ମେଣ୍ଟ ଆଣ୍ଡ କଣ୍ଡିସନ ଅଫ୍ ସର୍ଭିସ ଆମେଣ୍ଡମେଣ୍ଟ ରୁଲ ୨୦୧୫ରେ ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଟିଜିଟି ପଦର ମାନ୍ୟତା ଦିଆଯାଇଛି। ଏସ୍‌ସି ଏସ୍‌ଟି ବିଦ୍ୟାଳୟରେ ୩ ବର୍ଷର ଅଭିଜ୍ଞତା ଥିବା ଟିଜିଟି ପଦ ଶିକ୍ଷକଙ୍କୁ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷକ ଭାବେ ପଦୋନ୍ନତି ଦିଆଯିବା ନିମନ୍ତେ ବିଭାଗୀୟ ନିର୍ଦ୍ଦେଶନାମାରେ ପ୍ରସ୍ତାବ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ମଗାଯାଇଛି। ମାତ୍ର ଆବେଦନକାରୀଙ୍କ ଯୋଗ୍ୟତା ଥାଇ ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ଥିବାରୁ ଏହି ପଦୋନ୍ନତିରୁ ବଞ୍ଚିତ ହେଉଛନ୍ତି। ତେଣୁ ସରକାରୀ ଆଦେଶନାମାକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବଂଶୀଧର ଶତପଥୀ ଓ ସତ୍ୟବ୍ରତ ଶତପଥୀ ମାମଲା ପରିଚାଳନା କରୁଛନ୍ତି।

# ରାଜ୍ୟ ସଭାର ପୂର୍ବତନ ସଦସ୍ୟଙ୍କ କାର୍‌କୁ ଧକ୍କା ଦେଲା ଟ୍ରକ୍

**ବଇଣ୍ଡା,୧୦।୧୨ (ପରିକ୍ଷିତ ସାହୁ)**

ରାଜ୍ୟ ସଭାର ପୂର୍ବତନ ସଦସ୍ୟ ପ୍ରମିଳା ବହିଦରଙ୍କ କାର୍‌କୁ ମଙ୍ଗଳବାର ଏକ ଟ୍ରକ୍ ଧକ୍କା ଦେଇଛି। ଅନୁଗୋଳ ଜିଲ୍ଲା ଦେଇ ଯାଇଥିବା କଟକ–ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର କିଶୋରନଗର ବ୍ଲକ ହଣ୍ଡପା ନିକଟରେ ସନ୍ଧ୍ୟାରେ ଘଟିଛି ଏହି ଦୁର୍ଘଟଣା। ତେବେ କାର୍‌ରେ ଥିବା ବହିଦରଙ୍କ ସମେତ ମୋଟ ୫ ଜଣ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ହଣ୍ଡପା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ରାଜ୍ୟ ସଭାର ପୂର୍ବତନ ସଦସ୍ୟ ବହିଦର ଓ ୪ ଜଣ ସମ୍ପର୍କୀୟ କାର୍ (ନଂ. ଓଡି୧୫ ଏଲ ୯୫୬୮) ଯୋଗେ ସମ୍ବଲପୁରରୁ କଟକ ଅଭିମୁଖେ ଆସୁଥିବା ବେଳେ ପଛପଟୁ ଏକ ମାଲ ବୋଝେଇ ଟ୍ରକ୍ (ନଂ. ସିଜି ୧୦ ବିଏଚ ୭୭୩୯) ଧକ୍କା ଦେଇଥିଲା। ଫଳରେ କାର୍‌ଟି କ୍ଷତିଗ୍ରସ୍ତ ହୋଇଥିଲା। ଏ ନେଇ ରାଜ୍ୟ ସଭାର ପୂର୍ବତନ ସଦସ୍ୟ ହଣ୍ଡପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଟ୍ରକ୍‌କୁ ଜବତ କରିବା ସହ ଚାଳକ ଅନିରୁଦ୍ଧ ସିଂଙ୍କୁ ବୁଧବାର ଗିରଫ କରିଛି। ଏ ସଂକ୍ରାନ୍ତରେ ନମ୍ବର ୪୩୭/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ

**ଆନନ୍ଦପୁର,୧୦।୧୨ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ବାଉଁଶଗଡ଼ ପଞ୍ଚାୟତ କେଉଟପଲ୍ଲୀ ସାହିରେ ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାହିର ଗୌରାଙ୍ଗ ଚରଣ ନାଏକ (୬୨)। ସେ ମଙ୍ଗଳବାର ଜଙ୍ଗଲକୁ ଝଟା ହାଣିବାକୁ ଯାଇଥିଲେ। ସେଠାରେ ମହୁମାଛି ଆକ୍ରମଣ କରିବାରୁ ବୃଦ୍ଧ ଜଣଙ୍କ ଚିତ୍କାର କରିଥିଲେ। ପାଟି ଶୁଣି ପାଖରେ ଥିବା ଲୋକ ଯାଇ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟପନ୍ନ ଥିବାରୁ ସେଠାରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି।

# ଶିକାରୀଙ୍କ ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ଯୁବକ ମୃତ

**ପବିତ୍ରନଗର,୧୦।୧୨ (ନିରୋଜ ପ୍ରଧାନ)**

ଅନୁଗୋଳ ଜିଲ୍ଲା କଣିହାଁ ଥାନା ଟିଂଟିରିମା ଗ୍ରାମ ନିକଟରେ ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ମଙ୍ଗଳବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ପୋଇପାଳ ଗ୍ରାମର ଭରତ ଚନ୍ଦ୍ର ବାରିକ (୩୩)। ଭରତ ରାତିରେ ଧାନ ବିଲରୁ ଗୋରୁପଲ ଘଉଡ଼ାଇବା ବେଳେ ଶିକାର ପାଇଁ ବିଛା ହୋଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ମୃତକଙ୍କ ମାମୁ ପୀତାମ୍ବର ପ୍ରଧାନ ଥାନାରେ ଅଭିଯୋଗ କରିବା ପରେ କଣିହାଁ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଅଧିକ ତଦନ୍ତ ଚଳାଇଛି।

---

**No.W-52**

ନ୍ୟାୟ ସବ କେ ଲିଏ
ACCESS TO JUSTICE FOR ALL

## ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫

**୧୩.୧୨.୨୦୨୫ ଦ୍ୱିତୀୟ ଶନିବାର**

### ବିଶେଷ ସୂଚନା

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛିକି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?

୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ ।

୩) ୧୩.୧୨.୨୦୨୫ (ଦ୍ୱିତୀୟ ଶନିବାର) ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି ।

୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରୀ (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ)/ ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନସନ ମାମଲା ଅନ୍ତର୍ଭୁକ୍ତ) ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସଂପତ୍ତି ଅଧିକାର ମାମଲା/ ଖାଉଟି ବିବାଦ/ ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ–ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ ।

୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍–ମକଦ୍ଦମା ସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ।

୬) ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଡିକ୍ରିଜାରି ଯୋଗ୍ୟ ।

୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।

୮) ଦୀର୍ଘ ଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ ।

୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର–୧, ସିଡିଏ, କଟକ
ଯୋଗାଯୋଗ:
ମୋ–୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ–ମେଲ୍: oslsa2020@gmail.com

OIPR-18008/11/0023/2526

---

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No. : 6541 Date : 08.12.2025

**1st Corrigendum**

**No.O-1745** : In continuation to this office Bid Identification No. CCERWCSBD-Online-25/2025-26 invited vide this office Notice No.5935, Dtd.15.11.2025, partial modification of NCB has been made as follows :

| Sl. No. | Item | Time Schedule as per original NCB | Time Schedule as per 1st Corrigendum notice |
|---|---|---|---|
| 1 | Availability of Tender online for bidding | 25.11.2025 at 11.00 AM to 09.12.2025 up to 5.00 PM | Extended up to 23.12.2025 5.00 P.M. |
| 2 | Date and Time of seeking tender clarification if any | 08.12.2025 up to 2.00 PM | 22.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 10.12.2025 at 11.00 AM | 24.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer,
Rural Works Circle, Sunabeda

OIPR-25182/11/0109/2526

---

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No. : 6550 Date : 08.12.2025

**1st Corrigendum**

**No.O-1743** : In continuation to this office Bid Identification No. CCERWCSBD-Online-23/2025-26 invited vide this office Notice No.5576, Dtd.30.10.2025, partial modification of NCB has been made as follows :

| Sl. No. | Item | Time Schedule as per original NCB | Time Schedule as per 1st Corrigendum notice |
|---|---|---|---|
| 1 | Availability of Tender online for bidding | 10.11.2025 at 11.00 AM to 09.12.2025 up to 5.00 PM | Extended up to 30.12.2025 5.00 P.M. |
| 2 | Date and Time of seeking tender clarification if any | 08.12.2025 up to 2.00 PM | 29.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 10.12.2025 at 11.00 AM | 31.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer,
Rural Works Circle, Sunabeda

OIPR-25182/11/0108/2526

---

OHPC
ISO 9001-14001 18001 Certified

**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-37/2025-26, DATE 08.12.2025**

**No.CAD-2632:** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers / reputed service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD inshape of DD/ Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Repair of 02 Nos. Cooling Water Pump of M/s Santai make of UIHEP, Mukhiguda | 2,360/- (inclusive of GST) | 1% of quoted amount | From 11.12.2025 to 22.12.2025 up to 13.00 Hrs | 22.12.2025 (Up to 13:30 Hrs) | 22.12.2025 at 16:30 Hrs |

For details of the tender documents, terms and conditions please visit our website www.ohpcltd.com

Sd./- C&P Head
UIHEP, Mukhiguda

OIPR-04008/11/0049/2526

---

**PANCHAYAT RAJ & DRINKING WATER DEPARTMENT, GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, NABARANGPUR**
Tel-(06858)222643, E-Mail : eerwssngp@gmail.com

**INVITATION FOR BIDS**
**No : RWSS_NGP_ONLINE_01/2025-26 DATED : 01.12.2025**

**No.O-1687** : The Executive Engineer, RWS&S Division, Nabarangpur on behalf of Govt. of Odisha invites percentage rate bid through e-procurement in **Single** cover system according to norm of E-Procurement system in on-line mode.

1. Name of Works : As mentioned in Table "A" which includes Construction of Protection wall for RWS&S Colony of RWS&S division, Nabarangpur
2. No. of Works : 1 (One) No. (Detailed in Tender Call Notice available in the website)
3. Eastimated Cost : As mentioned in Table "A"
4. Tender Paper Cost As mentioned in Table "A"
5. Class of Contractor As mentioned in Table "A"
6. Period of Completion : As mentioned in Table "A"
7. Critical Dates procurement Portal : *Further details can be seen in the bidding documents, which is available in the https://www.tendersodisha.gov.in
*Publication of this tender can be seen in the web portal https://odisha.gov.in/state-tenders-advertisement
*Subsequent corrigendum if required shall be appeared in the website.
*Authority reserves the right to reject any or all tenders without assigning any reason thereof

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Last date of receipt of confirmation letter & other | Date of opening of Bid |
|---|---|---|---|---|---|---|
| | | From | To | | | |
| Executive Engineer, RWSS Division, Nabarangpur | RWSS_NGP_ONLINE_01 of 2025-26 | 10.12.2025 at 05.00 P.M. | 18.12.2025 at 05.00 P.M. | 17.12.2025 up to 5.30 P.M. | 18.12.2025 up to 05.00 P.M. | 19.12.2025 at 11.00 A.M. |

Sd./- Superintending Engineer,
RWS&S Division, Nabarangpur

OIPR-25028/11/0014/2526

---

## OFFICE OF THE CHIEF EXECUTIVE, RPRC, BHUBANESWAR

(e-mail Id : rprcbbsr@gmail.com)
Tel : (0674)-2557925

No.-T/41/2019/RPRC Date : 08.12.2025

**REQUEST FOR PROPOSAL**
**Bid Identification No. RPRC/ 43 / 2025-26**

**No.MM-354** : The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt. of Odisha invites RFP for "Design, fabrication, supply, installation and commissioning of GFRP based Office Cabin, rest rooms in RPRC, Bhubaneswar" from eligible bidders through e-tendering process through two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in/ e-portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) |
|---|---|---|---|---|
| | | From | To | |
| 1,20,000/- (online) | 10,000.00 (Online) | 09.12.2025 / 10.00 A.M. | 24.12.2025 / 10.00 A.M. | 24.12.2025 / 03.30 P.M. |

Addendum/Corrigendum/ Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For new Bidders). For any other queries regarding registration & online tender submission contact to: Mr. Shivendra Kumar, Mobile- **9355030613** and Jitesh Kumar, Mobile- **9355030604**, e-mail: eprochelpdesk.101@gmail.com

Sd./- Chief Executive,
RPRC, Bhubaneswar

OIPR-08004/11/0050/2526

---

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR- 754296, Email:serw_kpd@yahoo.com
No. Tender Online RCK-20/25, Letter No.4008, Date: 27.11.25

**e-Procurement NOTICE**

**No.O-1651:**Name of the Work: Tender for the road works under (MMSY-TRIP) in the Dist. of Kendrapara & Jajpur. 2. Class of Contractor: As specified in the Column-6 of the Annexure. 3. Time of Completion: As specified in the Column-7 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-20/25 | 10.12.2025 at 11.00 A.M. | 29.12.2025 to 5.00 P.M. | 29.12.2025 upto 2.00 P.M. | 30.12.2025 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Kendrapara-Jajpur

OIPR-25129/11/0069/2526

---

**GOVERNMENT OF ODISHA**
**DEPARTMENT OF WATER RESOURCES**
E-mail:sebalangir@gmail.com
**OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR**

**"e"-Procurement Notice**
**Bid Identification No: ACE, BOIC-07/2025-26**
**Procurement Details**

No.A-1062:

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(online) | Cost of tender document | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of B.T. Road from village Kudhrenpali to Dam axis of the proposed Ong Dam Project at Pujharipali for the financial year 2025-26 | Rs.143.75 Lakh (excluding G.S.T.) | 'A' & 'B' Class | Rs.1,43,800/- | Rs.10,000/- | 06 (Six) Calendar Months |

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl.Chief Engineer, Balangir Irrigation Circle, Balangir | ACE, BOIC-07/2025-26 | Dt.11.12.2025 at 10.00 AM | Dt.02.01.2026 upto 5.30 P.M. | Dt.12.12.2025 to Dt.20.12.2025 At Office during office hours (in working days) | Dt.03.01.2026 at 11.00 AM | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in."

Sd./- Additional Chief Engineer, Balangir Irrigation Circle, Balangir

OIPR-32347/11/0010/2526

---

No.O-1680

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER,**
**RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/54-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 54-2025-26/BPR | Bridge work under SETU BANDHANA YOJANA (SBY) | 01 No. | Rs.396.36 Lakhs | "A" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/54-2025-26/BPR | 11.12.2025 at 10.00 A.M. | 26.12.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur

OIPR-25071/11/0169/2526

---

## Directorate of Higher Secondary Education, Odisha

**Phase IV: Admission of Out-of-School Children (OoSC) to Higher Secondary Schools for the 2025-26**

**No.N-226** : The **Phase-IV** e-Admission process for Class-XI admissions of **Out-of-School Children (OoSC)** in the Arts, Science, Commerce, Upashastri and Vocational streams of Higher Secondary Schools (HSSs) under the Council of Higher Secondary Education (CHSE), Odisha, and Shree Jagannath Sanskrit University, Puri, will commence on **10th December 2025**. The admission process for the Academic Year 2025-26 will be conducted online through the official portal **www.samsodisha.gov.in.**

**Eligibility Criteria :**
1. Applicants must have passed the HSC Examination of BSE, Odisha, or an equivalent Board.
2. No reservation or weightage benefits will be applicable for vacant seat admissions.

**Instructions :**
1. Applicants and their parents/guardians should carefully go through the **"Common Prospectus"** available on the SAMS portal before filling and submitting the online Common Application Form (CAF).
2. The CAF fee is to be paid exclusively through online mode (refer to the Common Prospectus for details).
3. **Candidates who had applied in Phase-I, Phase-II, or Phase-III of the 2025 admission process but were not allotted any Higher Secondary School may re-apply using their existing login credentials, without paying the CAF fee.**
4. **Applicants will be allowed to edit their Common Application Form (CAF) up to four times.**
5. Apply personally and choose the Higher Secondary School of your preference. Do not permit anyone else to apply on your behalf.
6. Applicants should fill out the online CAF carefully, as mistakes may result in rejection.
7. The list of Higher Secondary Schools with vacant seats will be provided only for preference and selection purposes.
8. Before adding a Higher Secondary School to your preference list, verify its fee structure in the "Individual HSS Profile"available on the SAMS website.
9. All required documents must be verified at the allotted Higher Secondary School during admission.
10. **Following Categories of applicants are eligible to apply:**
    **a. Applicants who could not apply during Phase-I, Phase-II, or Phase-III admissions for any reason.**
    **b. Applicants who were allotted seats but did not take admission, as well as those who were not allotted any seats in Phase-I, Phase-II, or Phase-III admissions.**
11. A single selection admission will be conducted, and both the merit list and a waiting list **(in 1:10 ratio)** will be published for each HSS. Vacant seats, if any, after admission of the selected candidates in Phase-IV, will be filled from the waiting list as per the admission schedule.

**Procedures:**
1. Fresh applicants must register on **www.samsodisha.gov.in** with their mobile number and email, while previously registered applicants should use their existing login to re-apply.
2. All other processes, including application submission, will follow the guidelines in the "Common Prospectus" available on www.samsodisha.gov.in.
3. Applicants will be informed of selection and reporting time via SMS/WhatsApp, SAMS login, HSS merit list, and notice board. The intimation letter will be shared through login and WhatsApp for Phase-IV 1st Selection.

**SAMS e-Admission Schedule for Out-of-School Children (OoSC), 2025-26 (Phase-IV)**

| Sl. # | Activities | Timeline |
|---|---|---|
| 1 | Online CAF available at www.samsodisha.gov.in for vacant seat admission. | 10.12.2025 (03.00 PM) |
| 2 | Last date of applying on-line CAF through www.samsodisha.gov.in | 14.12.2025 (11:45 PM |
| 3 | Publication of Phase-IV merit list including the waiting list (10 times of the total vacant seat) | 17.12.2025 (03:30 PM) |
| 4 | Admission of the selected applicants and admission updation in the e-Space. | 18.12.2025 (11:00 AM) to 19.12.2025 (06:00 PM) |
| 5 | Registration of the waiting applicants | 20.12.2025 (10:00 AM) to 22.12.2025 (03:00 PM) |
| 6 | Final list of waiting list applicants published at respective HSSs. | 22.12.2025 (04:30 PM) |
| 7 | Admission and data updation of applicants selected from the waiting list in the e-Space. | 23.12.2025 (10:00 AM) to 24.12.2025 (04:00 PM) |
| 8 | Last date for HSSs to update admitted students' data in e-Space. | 24.12.2025 (09:00 PM) |

**For more details, please contact Sanjog Helpline (Toll Free) Number 155335, 1800-345-6770**

OIPR-11033/11/0026/2526 Sd./- Director, Higher Secondary Education

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧାମନଗରରେ ଆଳୁ ମିଶନ ଫେଲ୍

## ସଚେତନତା ଅଭାବରୁ ପ୍ରାୟ ୫୦ ପ୍ରତିଶତରୁ କମ୍ ଆଳୁ ବିହନ ବିକ୍ରି

ଧାମନଗର,୧୦।୧୨(ସନ୍ତୋଷ କୁମାର ମହାପାତ୍ର)

ଆଳୁ ପାଇଁ ଆମକୁ ପଡ଼ୋଶୀ ପଶ୍ଚିମବଙ୍ଗ ଉପରେ ଦୀର୍ଘ ବର୍ଷ ଧରି ନିର୍ଭର କରିବା ପାଇଁ ପଡୁଛି। ଅନେକ ସମୟରେ ପଶ୍ଚିମବଙ୍ଗ ଆଳୁ ପାଇଁ ଓଡ଼ିଶାକୁ ଅସହଯୋଗ କରୁଥିବାରୁ ବର୍ତ୍ତମାନର ରାଜ୍ୟ ସରକାର ଆଳୁ ମିଶନ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି। କିନ୍ତୁ ଏହି ଯୋଜନା ଧାମନଗରରେ କେତେ ସଫଳ ହେବ ତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଆଳୁ ମିଶନ ଯୋଜନା ତୃଣମୂଳସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଜଣାପଡ଼ିଛି। ଭଦ୍ରକ ଜିଲାର ଧାମନଗର ବ୍ଲକ ଉଦ୍ୟାନ କୃଷି ବିଭାଗ କର୍ମଚାରୀ ଏବଂ ଅଧିକାରୀଙ୍କ କାର୍ଯ୍ୟ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଉଦ୍ୟାନ କୃଷି ଭିତ୍ତିକ ଫଳ ଚାଷ, ଆଳୁ, ପନିପରିବା ଓ ମସଲା ଭିତ୍ତିକ ଚାଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଉଦ୍ୟାନ କୃଷି ପ୍ରୋତ୍ସାହନ ଉଦ୍ୟୋଗରେ ଛତୁ ଚାଷରୁ ଜୈବିକ ଚାଷ ଆଦି ୩ ପ୍ରକାରର ଚାଷ ପାଇଁ ଯୋଜନା ରହିଛି। ଏହି ସବୁ ଯୋଜନାରେ ଚାଷ ଅନୁଯାୟୀ ସରକାର ରିହାତି ବ୍ୟବସ୍ଥା ମଧ୍ୟ କରିଛନ୍ତି। ଖରିଫ ଋତୁ ପରେ ଆଳୁ, ମୁଗ, ବିରି ପନିପରିବା ଇତ୍ୟାଦି ଚାଷ କରାଯାଏ। ଚଳିତ ବର୍ଷ ଧାମନଗର ଉଦ୍ୟାନ କୃଷି ବିଭାଗ ପ୍ରାୟ ୫୦ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ସରକାର ଧାର୍ଯ୍ୟ ଲକ୍ଷ୍ୟ ରଖିଛନ୍ତି। ୨୫ ଡିସିମିଲ ଜମି ପାଇଁ ୧ କୁଇଣ୍ଟାଲ ୫୦ କେଜି ବିହନ ଚାଷୀଙ୍କୁ ଯୋଗାଇ





ଉଦ୍ୟାନ କୃଷି କାର୍ଯ୍ୟାଳୟ।

ଦିଆଯିବ। ଯେଉଁଥି ପାଇଁ ୩ ହଜାର ଟଙ୍କା ଚାଷୀଙ୍କୁ ଦେବାକୁ ପଡ଼ିବ। ପରବର୍ତ୍ତୀ ସମୟରେ ଏହି ଅର୍ଥର ୫୦ ପ୍ରତିଶତ ଅର୍ଥାତ୍ ୧୫ ଶହ ଟଙ୍କା ରିହାତି ଆକାରରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫେରିବ। ବର୍ତ୍ତମାନ ଆଳୁ ଚାଷ ପାଇଁ ପ୍ରକୃଷ୍ଟ ସମୟ ହୋଇଥିଲେ ହେଁ ଅଦ୍ୟାବଧି ଟାର୍ଗେଟର ୫୦ ପ୍ରତିଶତ ପୂରଣ ହୋଇନାହିଁ। ମଙ୍ଗଳବାର ସୁଦ୍ଧା ୨୪.୫ ହେକ୍ଟର ଆଳୁ ଚାଷ ପାଇଁ ବିହନ ବିକ୍ରି ହୋଇଛି। ଚାଷୀଙ୍କୁ ଏ ସମ୍ପର୍କରେ ସଚେତନ କରିବା ପାଇଁ କର୍ମଶାଳା କରାଯାଉନାହିଁ। ଅନ୍ୟପକ୍ଷରେ ଯେଉଁ ପରିମାଣର ଆଳୁ ବିହନ ବ୍ଲକକୁ ଆସିଛି ତାହା ମଧ୍ୟରୁ ସିଂହଭାଗ ଆଳୁ ବିହନ କର୍ମଚାରୀଙ୍କ ଚିହ୍ନା ପରିଚିତ ଲୋକଙ୍କ ଘରେ ରହିଛି ଏବଂ ଏହା ବଜାରରେ ବିକ୍ରି ହେବାର ଆଶଙ୍କା ରହିଛି। ଏ ବିଷୟରେ ଉଦ୍ୟାନ କୃଷି ଅଧିକାରୀ ମହେନ୍ଦ୍ର ଭୂୟାଁଙ୍କୁ ପଚାରିବାରୁ ବ୍ଲକ୍‌ର ୧୫ଟି ପଞ୍ଚାୟତରେ ବିଭାଗ ପକ୍ଷରୁ ଲୋକଙ୍କୁ ଆଳୁ ବିହନ ଯୋଗାଇ ଦେବା ସହ ସଚେତନ କରାଯାଉଥିବା କହିଛନ୍ତି।

# ସାମାଜିକକର୍ମୀ ସମ୍ବର୍ଦ୍ଧିତ

## ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ





ସାମାଜିକକର୍ମୀ ସତ୍ୟମଞ୍ଜରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ,୧୦।୧୨(ସନାତନ ରାଉତ)

ମହିଳା ଓ ଶିଶୁ ବିକାଶ ବିଭାଗ, ଭଦ୍ରକ ଜିଲା ପ୍ରଶାସନ, ଫେଲୋସିପ, ଆସିୟାନା, ନୁହାସ, ଶକ୍ତି ସଦନ ଆନୁକୂଲ୍ୟରେ ଲିଙ୍ଗ ଆଧାରିତ ହିଂସା ବିରୋଧରେ ୧୬ ଦିନ ଧରି ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଫେଲୋସିପ୍‌ର ସଭାନେତ୍ରୀ ଝରଣା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗ ଦେଇ ସମାଜରେ ମହିଳା ଓ ବାଳିକାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ହିଂସା ବିରୋଧରେ ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମହିଳାମାନଙ୍କୁ ସରକାରଙ୍କ ପକ୍ଷରୁ ଆଇନ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଫେଲୋସିପ୍‌ର ସମ୍ପାଦକ ଏସ୍‌ଏମ୍ ଫାରୁକ, ଅନ୍ୟତମ ଅତିଥି ଭାବେ ଜିଲା ସମାଜମଙ୍ଗଳ ଅଧିକାରିଣୀ ରୁପାଲି ମିତ୍ର, ସୁରକ୍ଷା ଅଧିକାରିଣୀ ଚନ୍ଦ୍ର ସାହୁ, ଜିଲା ସୂଚନା ଲୋକସମ୍ପର୍କ ଅତିରିକ୍ତ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲା ବିଜ୍ଞାନ ସୁପରଭାଇଜର ହିମାଦ୍ରୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବତୀ ଚାଲାଣ ରୋକିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାମାଜିକକର୍ମୀ ସତ୍ୟମଞ୍ଜରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ପୋଷଣ ସଂଯୋଜକ ସିରାଜ ଅକ୍‌ତାର, ଜିଲା ସଂଯୋଜକ ସୂର୍ଯ୍ୟରଞ୍ଜନ ସାମଲ, ସଖୀ ୱାନ ଷ୍ଟପ୍ କେନ୍ଦ୍ର ପ୍ରଶାସିକା ପୁଷ୍ପାଞ୍ଜଳି ବେହେରା, ଆସିଆନାର ସଂଯୋଜକ ରିଆଜ ଅହମଦ ପ୍ରମୁଖ ପରିଚାଳନା କରିଥିଲେ।

# ଫେବୃଆରୀ ସୁଦ୍ଧା ଅନୁଦାନ ବିନିଯୋଗ ନିର୍ଦ୍ଦେଶ

- କେନ୍ଦ୍ରୀୟ ଅର୍ଥ ଆୟୋଗ, ୫ମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନ ନେଇ ସମୀକ୍ଷା ବୈଠକ
- ବିଦ୍ୟୁତ୍ ବିଲ ପ୍ରଦାନ ନ କଲେ ଜରିମାନା

ତିହିଡ଼ି,୧୦।୧୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ କାର୍ଯ୍ୟାଳୟସ୍ଥିତ ନୀଳମଣି ସଭାଗୃହରେ ମଙ୍ଗଳବାର ୧୫ତମ କେନ୍ଦ୍ରୀୟ ଅର୍ଥ ଆୟୋଗ (ସିଏଫ୍‌ସି)ଏବଂ ୫ମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିହିଡ଼ି ବ୍ଲକ୍‌ର ୩୧ପଞ୍ଚାୟତର ବିକାଶ ମୂଳକ କାର୍ଯ୍ୟ ପାଇଁ ମିଳିଥିବା ଅନୁଦାନ ମଧ୍ୟରୁ ୧୧କୋଟି ଟଙ୍କା ବିନିଯୋଗ ହୋଇପାରିନି। ଆସନ୍ତା ବର୍ଷ ଫେବୃଆରୀ ସୁଦ୍ଧା ଏହି ଅର୍ଥ ବିନିଯୋଗ କରିବାକୁ ଜିଲାପାଳ ଦିଲୀପ ରାଉତରାଏ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାପାଳଙ୍କ ପୌରହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିବାଦ ଯୋଗୁ କାର୍ଯ୍ୟକାରୀ ହୋଇ ପାରୁ ନ ଥିବା ପ୍ରକଳ୍ପଗୁଡ଼ିକୁ ୩ ଦିନ ମଧ୍ୟରେ





ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଗତ ୫ବର୍ଷ ମଧ୍ୟରେ ମିଳିଥିବା ଅନୁଦାନ ମଧ୍ୟରୁ ୧୧କୋଟି ଟଙ୍କା ବିନିଯୋଗ ହୋଇପାରିନାହିଁ। ଆସନ୍ତା ବର୍ଷ ଫେବୃଆରୀ ସୁଦ୍ଧା ବାକିଥିବା ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ଗାଁ ଗାଁ ବୁଲି ପ୍ରକଳ୍ପର ରୂପରେଖ ଅନୁଧ୍ୟାନ କରିବାକୁ କହିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ବକେୟା ଥିବା ବିଦ୍ୟୁତ ବିଲ ଆସନ୍ତା ୨୫ତାରିଖ ସୁଦ୍ଧା ପ୍ରଦାନ କରିବାକୁ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ ହେଲେ ଜରିମାନା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ବିଡିଓ ନିରଞ୍ଜନ ବାରିକ, ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତଙ୍କ ସମେତ ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ପିଇଓମାନେ ଉପସ୍ଥିତ ଥିଲେ।

# ପ୍ରତିବାଦରେ ରାସ୍ତା ଅବରୋଧ

## ରାସ୍ତାରେ ନର୍ଦ୍ଦମା ପାଣି

ଭଦ୍ରକ,୧୦।୧୨(ସନାତନ ରାଉତ): ଭଦ୍ରକ-ଆଖଣ୍ଡଳମଣି ରାସ୍ତାର କୋରକୋରାଠାରେ ରାସ୍ତା ଉପରେ ନର୍ଦ୍ଦମା ପାଣି ଲହଡ଼ି ମାରୁଛି। ସ୍ଥାନୀୟ କିଛି ବ୍ୟକ୍ତି ତାଙ୍କ ଘରର ନର୍ଦ୍ଦମା ପାଣିକୁ ରାସ୍ତାକୁ ଛାଡୁଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ସ୍ଥାନୀୟ ଲୋକେ ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବୁଧବାର ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାର ଗାଡ଼ି ଅଟକି ରହିଥିଲା। ଖବର ପାଇ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଗ୍ରାମାଞ୍ଚଳ ଥାନାଧିକାରୀ ନିରୋଜ କୁମାର ସାମଲ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସେଠାରେ ମାପଚୁପ କରାଯାଇ ସରକାରୀ ଜମିକୁ ଉଚ୍ଛେଦ କରାଯିବା ସହ ରାସ୍ତାକୁ ପାଣି ଛାଡୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ପ୍ରକାଶ ଜେନା, କାର୍ତ୍ତିକ ଚନ୍ଦ୍ର ନାୟକ, ଶରତ ଜେନା, ଗୌରାଙ୍ଗ ସାହୁ, ସୀମାନ୍ତ ମହାପାତ୍ର, ଦେବାଶିଷ ମହାପାତ୍ର, ଶଶିକାନ୍ତ ପଣ୍ଡା, ବିଦ୍ୟାଧର ନାୟକ, ଚିନ୍ମୟ ଜେନାଙ୍କ ସମେତ ସ୍ଥାନୀୟ ଅଧିବାସୀ ରାସ୍ତା ଅବରୋଧରେ ସାମିଲ ହୋଇଥିଲେ।


# Classified Everyday

0674-2580101, 9692975378





All types of physiotherapy with massage, Contact number 9556924059/ 7656969134. D-2766

### AFFIDAVIT

I, Koushika Dansana, S/o.- Jagu Dansana, R/o.- Grindola, P.S.- Lakhanpur, Dist.- Jharsuguda, Odisha, 768217 declared by this affidavit vide No.- 6, Dtd. 23.09.25 that from today and onwards I shall be known as Koushika Dansana for all purpose. D-2792

By virtue of an affidavit sworn before the Executive Magistrate, Loisingha, dated 10.12.2025, I, Saroj Kumar Rana, R/o. village/ P.O.- Jamutbahal, P.S.- Gaisilet, Dist.- Bargarh, Odisha declare that I have changed the name of my son from Palliraj Kumar Rana to Tesanth Kumar Rana. Henceforth, he shall be known as Tesanth Kumar Rana for all purposes.
Saroj Kumar Rana D-2793

By virtue of an affidavit sworn before the Executive Magistrate, Balasore, dated 26.11.2025, I, Kamalakanta Mallick having Aadhaar No. xxxx xxxx 8225, At/P.O.- Sartha, Via- Haladipada, Dist.- Balasore, Odisha-756027 declared that all of my qualification certificate and other documents my surname is Mallick which is correct. But one of my SB Account IDBI Bank unfortunately the surname is Mallik which is incorrect. I declared that my correct name is Kamalakanta Mallick for all purposes. D-2794

Bimala Karnani, W/o. Gourishankar Karnani, R/o. Baripada, Mayurbhanj, Odisha-757001, henceforth is known as Bimla Karnani. D-2795

By virtue of an affidavit sworn before the Executive Magistrate, Bonth, Bhadrak, No.- 1800, Dtd.- 12.08.25, I, Pravati Samal, W/o.- Sushanta Kumar Behera, R/o. Village- Bagadia, P.O.- Ratina, P.S.- Khaira, Dist.- Balasore, PIN- 770016, Odisha declare that I have changed my name from Kabita Biswal to Pravati Samal. Henceforth, I shall be known as Pravati Samal for all purposes. D-2797

I, MAHESWAR DORA, S/O.-DASADORA, Village-PURUNA JANIGUDA, P.O.- BIJAPUR, P.S.- BORIGUMMA, Dist.- KORAPUT, ODISHA-764056 solemnly declare that I have changed my minor son's name "BHAKTI DOARA" (OLD NAME) to "JAMU DORA" (NEW NAME) on dated 29.10.2025 before "NOTARY PUBLIC", Borigumma. Henceforth, "BHAKTI DOARA" (OLD NAME) shall be known as "JAMU DORA" (NEW NAME) for all future purposes. D-2796

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



✓ ପ୍ରଶାନ୍ତ କୁମାର ସେନାପତି
ସତ୍ୟମାଳ ଭବନ, ଓୋରିଆ ସାହି, ମଙ୍ଗଳାବାଗ, କଟକ
ପ୍ଲଟ ନଂ. ଏନ ୬/୧୭୪, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୩/୦୪/୧୯୪୭
ତିରୋଧାନ : ୦୧/୧୨/୨୦୨୫
'ତେରା ବୈଭବ ଅମର ରହେ ମା, ହମ୍ ଦିନ୍ ଚାର ରହେ ନା ରହେ।।
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**



✓ ନୀଳିମା ଜେନା
ଆବିର୍ଭାବ :୦୪.୦୨.୧୯୬୯
ତିରୋଧାନ : ୦୪.୦୧.୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)
ଯେତେ ବର୍ଷ ବିତୁଛି, ତୁମର ସ୍ନେହ ଓ ଅବଦାନ ସେତେ ବେଶୀ ମନେ ପଡୁଛି। ସାରା ଜୀବନ ଭୁଲି ପାରିବୁ ନାହିଁ।
ତୁମର ସ୍ୱାମୀ : ମାନଗୋବିନ୍ଦ
ଓ
ପୁଅ: ବାପ୍ପୁ, ବୋହୂ: ମୋନା

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


# ବ୍ରାଉନସୁଗାର ଜବତ, ଜଣେ ଗିରଫ

ଧାମନଗର,୧୦।୧୨(ଦେବେନ୍ଦ୍ର ଆଢ଼ିଆ/ ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଚୋରା ବେପାର ବଢ଼ିବାରେ ଲାଗିଛି। ଧାମନଗର, ଧୂଷୁରି, ଶହୀଦନଗର,ମଙ୍ଗଳପୁର,ବେତାଳିଗାଁ, କଲ୍ୟାଣୀ, ଖଡିପଦା, ଦୋବଲ, ଦେହୁଡ଼ି ଆନନ୍ଦପୁର ଅଞ୍ଚଳରେ ଚୋରା ମଦ ସାଙ୍ଗକୁ ବ୍ରାଉନସୁଗାର ବେପାର ବଢ଼ିବାରେ ଲାଗିଛି। ଏହା ଦ୍ୱାରା ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ବ୍ରାଉନସୁଗାର ଚୋରା ବେପାର କରୁଥିବା ଜଣେ ଯୁବକଙ୍କୁ ଧାମନଗର ପୋଲିସ ଗୁରୁବାର ଧରିବାରେ ସଫଳ ହୋଇଛି। ଗୁରବାର ଭଦ୍ରକ ପୁରୁଣା ବଜାର ପାଟଣା ଗ୍ରାମର ସେହବାଜ ଖାଁ (୧୯) ଏକ ବୁଲେଟରେ ଅନ୍ୟ ସାଙ୍ଗଙ୍କ ସହ ୧୧ ଗ୍ରାମ ୯୫୦ ମିଲି ଗ୍ରାମର ବ୍ରାଉନସୁଗାର ଧରି ଧାମନଗର ଅଞ୍ଚଳକୁ ଆସୁଥିବା ସମୟରେ ଧାମନଗର ଥାନା ଅଧିକାରୀ ରଞ୍ଜନ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ନାରାୟଣ ନାୟକ ଓ ମହେଶ୍ୱର ପ୍ରଧାନ ତାଙ୍କୁ ୧୬ନଂ.ଜାତୀୟ ରାଜପଥର ଧାମନଗର ଛକ ନିକଟରେ ଧରିବାରେ ସକ୍ଷମ ହୋଇଥିଲେ। ତାଙ୍କ ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଧାମନଗରର ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ଉପସ୍ଥିତିରେ ବ୍ରାଉନସୁଗାର, ବୁଲେଟକୁ ପୋଲିସ ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୪୭୧/୨୫) ରୁଜୁ କରି ତଦନ୍ତ କରୁଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।

# 'କଇଁଛ ସୁରକ୍ଷା ସହ ମତ୍ସ୍ୟଜୀବୀଙ୍କ ବେଉସା ସୁରକ୍ଷିତ ହେଉ'

## ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର

ଚାନ୍ଦବାଲି,୧୦।୧୨(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଧାମରା ମତ୍ସ୍ୟ ପୋତାଶ୍ରୟ ପରିସରରେ ବୁଧବାର ପୂର୍ବାହ୍ନରେ ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ସମ୍ପର୍କୀତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସୌଭାଗ୍ୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ସେଞ୍ଚୁରିଆନ ୟୁନିଭର୍ସିଟିର ପ୍ରାଣୀ ବିଶେଷଜ୍ଞ ଡ. ଶିବ ପ୍ରସାଦ ପରିଡ଼ା ଯୋଗଦେଇ ଅଲିଭ ରିଡଲେ କଇଁଛ ହଜାର ହଜାର କି.ମି.ଦୂର ଶ୍ରୀଲଙ୍କା ଉପକୂଳରୁ ଆସି ଓଡ଼ିଶାର ଗହୀରମଥା ଏବଂ ଋଷିକୁଲ୍ୟା ନଦୀ ମୁହାଣରେ ସମୂହ ଅଣ୍ଡାଦାନ କରିଥାନ୍ତି। ଏହି ସ୍ଥାନକୁ ପ୍ରଜନନ ସ୍ଥଳ ଭାବେ ସ୍ଥିର କରିଥିବା ବେଳେ ଏହାକୁ ସୁରକ୍ଷା ଦେବା ଆମର ଦାୟିତ୍ୱ ବୋଲି କହିଥିଲେ। କଇଁଛମାନଙ୍କ ପାଇଁ ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲାର ମତ୍ସ୍ୟଜୀବିମାନେ ନିଜର ଜୀବିକା ହରାଉଛନ୍ତି ବୋଲି ବୈଠକରେ ଉପସ୍ଥିତ ମତ୍ସ୍ୟଜୀବି ଅଭିଯୋଗ କରିଥିଲେ। ବର୍ଷରେ ୯ମାସ ମାଛଧରା ବନ୍ଦ ରହୁଛି। ସରକାର କଇଁଛଙ୍କ ସୁରକ୍ଷା ସହ ପ୍ରଜନନ ଋତୁ ସମୟରେ ଗହୀରମଥା ଅଞ୍ଚଳରେ ମାଛ ଧରିବା ପାଇଁ ଅନୁମତି ଦେବାକୁ ଦାବି ରଖିଥିଲେ। ଗହୀରମଥା ଅଭୟାରଣ୍ୟର ୨୦ କିମି ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରେ ମାଛଧରା ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ ଏହାର ସୀମା ସଙ୍କୁଚିତ କରି ୧୦କିମି ମଧ୍ୟରେ ରଖିବାକୁ ନିବେଦନ କରାଯାଇଥିଲା।





ସଚେତନତା ଶିବିର।

ଓଡ଼ିଶା ଉପକୂଳ ଅଞ୍ଚଳର ପୁନଃ ସୀମା ୪୮୦ କିମିରୁ ୫୭୫ କିମି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିବା ବେଳେ ଭଦ୍ରକ ଜିଲାର ଉପକୂଳ ଅଞ୍ଚଳ ମଧ୍ୟ ୫୨ କିମିରୁ ୬୦ କିମି ପର୍ଯ୍ୟନ୍ତ ପୁନଃ ସୀମା ନିର୍ଦ୍ଧାରଣ କରାଯାଇଛି। ଧାମରାର ଦକ୍ଷିଣରେ କାଲାମ ଘାଟି, ପୂର୍ବ ଦିଗରେ ଡାଙ୍ଗମାଳ କୁମ୍ଭୀର ସଂରକ୍ଷଣ କେନ୍ଦ୍ର, ପଶ୍ଚିମ ଦିଗରେ ଗହୀରମଥା (ଅଲିଭରିଡଲେଙ୍କ ସମୂହ ଅଣ୍ଡାଦାନ ସ୍ଥଳ) ଉତ୍ତର ଦିଗରେ ଧାମରା ବନ୍ଦର ନିଜର ପ୍ରାଧାନ୍ୟ ବିସ୍ତାର କରି ଚାଲିଥିବା ବେଳେ ମତ୍ସ୍ୟଜୀବିମାନଙ୍କ ଜୀବନ ଜୀବିକା ସମସ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ସରକାର ତୁରନ୍ତ ଏଥିପ୍ରତି ଯତ୍ନବାନ ହେବା ଉଚିତ। ରାଜନଗର ବନ ବିଭାଗ ପକ୍ଷରୁ ଧାମରା ଅଞ୍ଚଳର ମତ୍ସ୍ୟଜୀବିମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ଉତ୍‌ଥାପନ କରିଥିଲେ। ଅନ୍ୟତମ ଅତିଥି ଭାବେ ଧାମରା ସାମୁଦ୍ରିକ ଥାନାଧିକାରିଣୀ ପ୍ରିୟଦର୍ଶିନୀ ଖଟୁଆ, ଭଦ୍ରକ ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ, ବାସୁଦେବପୁର ବନାଞ୍ଚଳ ଅଧିକାରୀ ଅତୁଲ୍ୟ କୁମାର ମହାନ୍ତି, ଧାମରା ମତ୍ସ୍ୟ ସହକାରୀ ସୌମ୍ୟପ୍ରକାଶ ସେଠୀ, ଧାମରା ମତ୍ସ୍ୟଜୀବି ସଂଘର କର୍ମକର୍ତ୍ତା ଅଶୋକ ଜାନା, ସୁଦର୍ଶନ ଲେଙ୍କା, ଅଭିମନ୍ୟୁ ରାଉତ, ଦିବାକର ମାଇତି, ନିରଞ୍ଜନ ମଣ୍ଡଳ, ଜଗଦୀଶ ଜେନା, ବଂଶୀଧର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଧାମରା ବନପାଳ କୁମୁଦ ରଞ୍ଜନ ସାହୁ, ସନ୍ତୋଷ ମାଝୀ, ସୂର୍ଯ୍ୟକାନ୍ତ ପଣ୍ଡା, ରଶ୍ମିତା ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାସୁଦେବପୁର ବନାଞ୍ଚଳ ଅଧିକାରୀ ଅତୁଲ୍ୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ଜନ୍ମଦିନର ଶୁଭେଚ୍ଛା**
ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................

ଗୁନ୍‌ଗୁନ୍
ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୬ଦିନ ହେଲା ମୁଖ୍ୟ ଫାଟକରେ ତାଲା

## ଡଅଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

- ଶିକ୍ଷକ ଅଭାବକୁ ନେଇ ପ୍ରତିବାଦ
- ଛାତ୍ରୀଛାତ୍ରଙ୍କୁ ସ୍କୁଲ ଛାଡୁନାହାନ୍ତି ଅଭିଭାବକ

ବଉଳା,୧୦।୧୨(ଦୁର୍ଗାପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ଲାଗି ରହିଛି। ଏ ନେଇ ଅଭିଭାବକମାନେ ବିଭିନ୍ନ ସମୟରେ ପ୍ରତିବାଦ କରୁଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଏହି କ୍ରମରେ ଡଅଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ଗତ ୬ ଦିନ ହେଲା ବିଦ୍ୟାଳୟ ମୁଖ୍ୟ ଫାଟକରେ ଅଭିଭାବକ ଓ ବିଦ୍ୟାଳୟ କମିଟି ତାଲା ପକାଇଛନ୍ତି। ଛାତ୍ରୀଛାତ୍ରଙ୍କୁ ମଧ୍ୟ ବିଦ୍ୟାଳୟକୁ ଛାଡୁନାହାନ୍ତି। ମାତ୍ର ଏଥିପ୍ରତି ଶିକ୍ଷା ବିଭାଗର ନଜର ପଡୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ସହ ଶିଶୁ ବାଟିକା ରହିଛି। ୨୧୪ ଜଣ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଥିବା ବେଳେ ୫ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସେଥିମଧ୍ୟରୁ ପ୍ରଧାନଶିକ୍ଷକ ସରକାରୀ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ କାର୍ଯ୍ୟରେ ବହୁ ସମୟ ବ୍ୟସ୍ତ ରହୁଛନ୍ତି। ଅନ୍ୟପକ୍ଷରେ ଜଣେ ଶିକ୍ଷକ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ନିୟୋଜିତ ହେଉଛନ୍ତି। ୩ ଶିକ୍ଷୟିତ୍ରୀ, ଶିକ୍ଷକ ୯ଟି ଶ୍ରେଣୀରେ ଶିକ୍ଷାଦାନ କରୁଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ନଭେମ୍ବର ୨୪ରେ ଛାତ୍ରୀଛାତ୍ର ଅଭିଭାବକ ଧାରଣାରେ ବସିଥିଲେ। ଖୁବ୍‌ଶୀଘ୍ର ଶିକ୍ଷକ ଯୋଗାଇ ଦିଆଯିବ ବୋଲି ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହର ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ହୋଇନାହିଁ। ଫଳରେ କମିଟି ସଦସ୍ୟ ଓ ଅଭିଭାବକମାନେ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କୁ ଛାଡ଼ି ନ ଥିବାବେଳେ ୬ ଦିନ ହେଲା ଫାଟକରେ ତାଲା ପକାଇ ପ୍ରତିବାଦ କରୁଛନ୍ତି। ଧାରଣାକୁ ୬ ଦିନ ବିତିଯାଇଥିଲେ ବି ଶିକ୍ଷା ବିଭାଗର କୌଣସି ଅଧିକାରୀ ବିଦ୍ୟାଳୟକୁ ଯାଇ ନ ଥିବା କମିଟି ସଦସ୍ୟ ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ବିଇଓ ରାଜୀବ ଦଳେଇ କହିଛନ୍ତି, ଜଣେ ଶିକ୍ଷକ ଦିଆଯାଇଛି। ଅଳ୍ପ ଦିନେ ପରେ ପରୀକ୍ଷା ଥିବାରୁ ଅନ୍ୟ କୌଣସି ବିଦ୍ୟାଳୟରୁ ଶିକ୍ଷକ ସ୍ଥାନାନ୍ତର କରିବା ସମ୍ଭବ ହୋଇପାରୁନାହିଁ। ପରୀକ୍ଷା ପରେ କେଉଁ ବିଦ୍ୟାଳୟରେ ଅଧିକ ଶିକ୍ଷକ ଅଛନ୍ତି, ସେଠାରୁ ସ୍ଥାନାନ୍ତର କରାଯାଇପାରିବ ବୋଲି କହିଥିଲେ। ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡ଼ନ୍ତୁ ବୋଲି ଅନୁରୋଧ କରିଛନ୍ତି।



ଛାତ୍ରୀଛାତ୍ର ନ ଆସିବାରୁ ୬ ଦିନ ହେଲା ବିଦ୍ୟାଳୟ ବନ୍ଦ ରହିଛି।

# ତାଲୁକ ଆଇନ ସେବା ସମିତିର ସଚେତନତା ଶିବିର

ବଡ଼ବିଲ,୧୦।୧୨ (ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ମାଟକାମବେଡ଼ାସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନ ୧୦ଟାରେ ବଡ଼ବିଲ ତାଲୁକ ଆଇନସେବା ସମିତି ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଶିବିରରେ ସମିତିର ଅଧ୍ୟକ୍ଷା ତଥା ଜେଏମ୍‌ଏଫ୍‌ସି (ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ୍) ମଲ୍ଲିକା ଗୋଏଙ୍କା ଅଧ୍ୟକ୍ଷତା କରିଥିଲେ। ଜେଏମଏଫସି(ଦ୍ୱିତୀୟ) ଶ୍ରେୟା ଶତପଥି ଉପସ୍ଥିତ ରହିଥିଲେ। ଆଇନଜୀବୀଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବଳରାମ ମହାନ୍ତି, ବିଭୂତିଭୂଷଣ ଷଡ଼ଙ୍ଗୀ, ରିମାଣ୍ଡ ଆଇନଜୀବୀ ସତିଶ ଲାଗୁରୀ ଓ ପ୍ୟାନେଲ ଆଇନଜୀବୀ ଅକ୍ଷୟ କୁମାର ଧୀର ପ୍ରମୁଖ ଯୋଗଦେଇ ମାନବାଧିକାର ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ରାଉତ, ସହକାରୀ ଶିକ୍ଷକ ମଙ୍ଗଲୁ ନାଏକ ଓ ଏନସିସି ଦାୟିତ୍ୱରେ ଥିବା ଶିକ୍ଷକ ବିନୋଦ ବିହାରୀ ତନ୍ତୀ ପ୍ରମୁଖ ଶିବିରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ୩୨ ଗୋରୁ ଉଦ୍ଧାର, ୪ ଗିରଫ

ଆନନ୍ଦପୁର,୧୦।୧୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବାଲୁଙ୍କେଶ୍ୱର ମନ୍ଦିର ନିକଟରୁ କେନ୍ଦୁଝର ପ୍ଲାଇଂ ସ୍କ୍ୱାର୍ଡ ଓ ଆନନ୍ଦପୁର ପୋଲିସ ମିଳିତ ଭାବେ ମଙ୍ଗଳବାର ରାତିରେ ଚଢ଼ାଉ କରି ୩୨ ଗୋରୁ ଜବତ କରିଛି। ଘଟଣାରେ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ବେଆଇନ ଗୋରୁ ବ୍ୟବସାୟୀମାନେ ଆନନ୍ଦପୁର ଅଞ୍ଚଳରୁ ସ୍ଥାନୀୟ ଲୋକଙ୍କୁ ମୋହରା କରି ଗୋରୁ କିଣି କେନ୍ଦୁଝର, ମୟୂରଭଞ୍ଜ ସୀମାନ୍ତ ଦୁଡ଼ୀବାହାଳୀ ଜଙ୍ଗଲରୁ ବଡ଼ ଗାଡି ଯୋଗେ ବାହାର ରାଜ୍ୟକୁ ଚାଲାଣ କରିଥାନ୍ତି। ମଙ୍ଗଳବାର ରାତିରେ ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ଗୋରୁ ମାଫିଆଙ୍କ ସହ କିଛି ସ୍ଥାନୀୟ ଯୁବକଙ୍କ ମଧ୍ୟରେ ମୁଲଚାଲ ହେଉଥିଲା। ଖବର ପାଇ ମିଳିତ ଟିମ୍ ଚଢ଼ାଉ କରି ୩୨ ଗୋରୁ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ଉଦ୍ଧାର ଗୋରୁଙ୍କୁ ରାତାରି କେନ୍ଦୁଝର ଡୁରୁମୁଙ୍ଗା ଗୋଶାଳାକୁ ପଠାଯାଇଥିଲା। ବୁଧବାର ଆନନ୍ଦପୁର ପୋଲିସ ଏକ ମାମଲା(ନଂ. ୩୨୪/୨୫)ରୁଜୁ କରି ପ୍ରଶାନ୍ତ ବେହେରା, ଦିବ୍ୟଜ୍ୟୋତି ମଲିକ, ଶତ୍ରୁଘ୍ନ ସାହୁ, ଗୌରାମୁଣ୍ଡା ଲୁହାରଙ୍କୁ କୋର୍ଟଚାଲାଣ କରିଛି।

# ୧୦ ଅଭିଯୁକ୍ତ କୋର୍ଟଚାଲାଣ

## ଜୁଆ ଆଡ୍ଡା, କୁକୁଡ଼ା ପାହାଡ଼ରେ ଚଢ଼ାଉ ଘଟଣା

ଯୋଡ଼ା,୧୦।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଗୁରୁବେଡ଼ାରେ ଚାଲିଥିବା କୁକୁଡ଼ା ପାହାଡ଼ ଓ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ ଘଟଣାରେ ୧୦ ଜଣଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଝୁମ୍ପୁରା ଥାନା ମଣନ୍ଦାର ଅରୁଣ ପ୍ରଧାନ, ସଦର ଥାନା କଲଣ୍ଡାର ଜଗତ ମହାକୁଡ଼, ବଡ଼ବିଲ ଅଞ୍ଚଳର ବାବୁ ଦାସ, ଯୋଡା ଥାନା ବାଂଶପାଣିର ରାଜେଶ ମୁଣ୍ଡା, ଖୁଣ୍ଟପାଣିର ମାନିଆ ମୁଣ୍ଡା, ମିଥୁନ ମୁଣ୍ଡା, ଯୋଡ଼ା କୁନ୍ଦୁରୁନାଲାର ସରୋଜ ପାତ୍ର, ତପନ ଗୋପ, ଦଦୁଆଁ ଅଞ୍ଚଳର ଅକ୍ଷୟ ବାରିକ ଓ ଝାଡ଼ଖଣ୍ଡ ଅଞ୍ଚଳର ଗଣେଶ ପିଙ୍ଗୁଆ। ବୁଧବାର ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ବାମେବାରି ଥାନା ଆଇଆଇସି ଯସକେତନ ଭୋଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ବାମେବାରି ଥାନା ଅଧିକାରୀ ସଦଳବଳେ ଗୁରୁବେଡ଼ାରେ ଚାଲିଥିବା ବେଆଇନ କୁକୁଡ଼ା ପାହାଡ଼ା ଓ ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଜୁଆଡ଼ିମାନେ ପୋଲିସ ଉପରକୁ ଢେଲା, ପଥର ମାଡ଼ କରିଥିଲେ। ଜୀବନରେ ମାରି ଦେବାର ଧମକ ମଧ୍ୟ ଦେଇଥିବା ପୋଲିସ ସୂଚନା ଦେଇଛି। ପଥର ମାଡ଼ରେ ଜଣେ ପୋଲିସ କର୍ମଚାର ଆହତ ହୋଇଥିଲେ। ପୋଲିସ କୌଶଳ କ୍ରମେ ୧୦ ଜଣଙ୍କୁ ଗିରଫ କରିଥିଲା। ୩୧ ବାଇକ, ଗୋଟିଏ ବୋଲେରୋ ଓ ୧୩, ୯୬୦ ଟଙ୍କା ଜବତ କରିବାରେ ସକ୍ଷମ ହୋଇଥିଲା। ଏ ନେଇ ବାମେବାରି ବୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି।



# ୪ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

ବଡ଼ବିଲ,୧୦।୧୨ (ଜୟନ୍ତୀ ରଣା)

## ବଲାଣିରେ ଗୁଳିଚାଳନା ଘଟଣା

କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ(ସେଲ) କମ୍ପାନୀର ନିର୍ମାଣାଧୀନ ସେୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଏସଟିପି)ରେ ୨ ଠିକାଦାରଙ୍କ ମଧ୍ୟରେ ବିବାଦରୁ ଗୁଳିଚାଳନା ହୋଇଥିଲା। ଘଟଣାରେ ପୋଲିସ ନଭେମ୍ବର ୩୦ ରେ ଗିରଫ କରି ୬ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ମଧ୍ୟ ୪ ଜଣ ଅଭିଯୁକ୍ତଙ୍କୁ ସର୍ତ୍ତ ମୂଳକ ଜାମିନ୍ ମିଳିଥିବା ଜଣାପଡ଼ିଛି। ଜାମିନ ମିଳିଥିବା ଅଭିଯୁକ୍ତ ହେଲେ ଛତିଶଗଡ଼ ରାଜ୍ୟ ବିଳାଶପୁର ଜିଲା ସରକନ୍ଦା ଥାନା ଅନ୍ତର୍ଗତ ରାଜୀବ ବିହାର ଅଞ୍ଚଳର ଉମେଶ ଦିୱାଙ୍ଗନ, ଛତିଶଗଡ଼ ରାଜ୍ୟ ବିଳାଶପୁର ଜିଲା ସରକନ୍ଦା ଥାନା ଅନ୍ତର୍ଗତ କ୍ରୀଷ୍ଟା ଏନ୍‌କ୍ଲେଭ ଅଞ୍ଚଳର ମୁକେଶ ଦୁବେ, ବିହାର ରାଜ୍ୟ ଗୋପାଲଗ ଜିଲା ମଂଝା ଥାନା ଭଟୱାଲିଆର ଲବ କୁମାର ସିଂହ, ପଶ୍ଚିମବଙ୍ଗ ଆସୋନସଲସ୍ଥିତ ଉଷାଗ୍ରାମର ଉମେଶ କୁମାର ରାମ। ସୂଚନା ଥାଉକି, ବଲାଣିସ୍ଥିତ ସେଲ କମ୍ପାନୀର ସେୱେଜ ଟ୍ରିଟମେଂଟ ପ୍ଲାଣ୍ଟ (ଏସଟିପି)ର ସିଭିଲ କାମ ଚାଲୁଛି। ଏହାକୁ ବିଳାସପୁର ଅଞ୍ଚଳର ମେକୋ ଟେକ୍ନୋଲୋଜିସ ପ୍ରାଇଭେଟ ଲିମିଟେଡ(ଏମଟିପିଏଲ) ନାମକ ଠିକାସଂସ୍ଥା ସେଲ କମ୍ପାନୀଠାରୁ କାର୍ଯ୍ୟାଦେଶ ପାଇ ସିଭିଲ କାମ ପାଇଁ ମେସର୍ସ ବ୍ରଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ (ବିପିପି) ସବ କଣ୍ଟ୍ରାକ୍ଟ ଦେଇଥିଲେ। ନଭେମ୍ବର ୩୦ ତାରିଖ ସକାଳ ୧୦ ଟାରେ ଏମ୍‌ଟିପିଏଲ ଏବଂ ବିପିପି ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏମଟିପିଏଲର ଦୁଇ ସୁରକ୍ଷାକର୍ମୀଙ୍କ ମଧ୍ୟରୁ ଜଣେ ଗୁଳିଫୁଟାଇଥିଲେ। ଅନ୍ୟଜଣେ ସୁରକ୍ଷାକର୍ମୀ ବନ୍ଧୁକ ଦେଖାଇ ବିପିପି କର୍ମଚାରୀଙ୍କୁ ଭୟଭୀତ କରିଥିଲେ। ଏ ନେଇ ବଲାଣି ଥାନାରେ ମାମଲା (ନଂ. ୧୬୪/୨୦୨୫)ରୁଜୁ ହୋଇଥିଲା। ପୋଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବଡ଼ବିଲ କୋର୍ଟକୁ ଚାଲାଣ କରିଥିଲା। ବଡ଼ବିଲରେ ସମସ୍ତଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ଅଭିଯୁକ୍ତ ଓକିଲଙ୍କ ଜରିଆରେ ଚମ୍ପୁଆସ୍ଥିତ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣ ଅଭିଯୁକ୍ତଙ୍କ ଜାମିନ ମଞ୍ଜୁର ହୋଇଥିବା ଜଣାପଡ଼ିଛି।

**Classified Everyday**
0674-2580101, 9692975378

Healthcare

All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, Koushika Dansana, S/o.- Jagu Dansana, R/o.- Grindola, P.S.- Lakhanpur, Dist.- Jharsuguda, Odisha, 768217 declared by this affidavit vide No.- 6, Dtd. 23.09.25 that from today and onwards I shall be known as Koushika Dansana for all purpose. D-2792

By virtue of an affidavit sworn before the Executive Magistrate, Loisingha, dated 10.12.2025, I, Saroj Kumar Rana, R/o. village/ P.O.- Jamutbahal, P.S.- Gaisilet, Dist.- Bargarh, Odisha declare that I have changed the name of my son from Palliraj Kumar Rana to Tesanth Kumar Rana. Henceforth, he shall be known as Tesanth Kumar Rana for all purposes.
Saroj Kumar Rana D-2793

By virtue of an affidavit sworn before the Executive Magistrate, Balasore, dated 26.11.2025, I, Kamalakanta Mallick having Aadhaar No. xxxx xxxx 8225, At/P.O.- Sartha, Via- Haladipada, Dist.- Balasore, Odisha-756027 declared that all of my qualification certificate and other documents my surname is Mallick which is correct. But one of my SB Account IDBI Bank unfortunately the surname is Mallik which is incorrect. I declared that my correct name is Kamalakanta Mallick for all purposes. D-2794

Bimala Karnani, W/o. Gourishankar Karnani, R/o. Baripada, Mayurbhanj, Odisha-757001, henceforth is known as Bimla Karnani. D-2795

By virtue of an affidavit sworn before the Executive Magistrate, Bonth, Bhadrak, No.- 1800, Dtd.- 12.08.25, I, Pravati Samal, W/o.- Sushanta Kumar Behera, R/o. Village- Bagadia, P.O.- Ratina, P.S.- Khaira, Dist.- Balasore, PIN- 770016, Odisha declare that I have changed my name from Kabita Biswal to Pravati Samal. Henceforth, I shall be known as Pravati Samal for all purposes. D-2797

I, MAHESWAR DORA, S/o.-DASADORA, Village- PURUNA JANIGUDA, P.O.- BIJAPUR, P.S.- BORIGUMMA, Dist.- KORAPUT, ODISHA-764056 solemnly declare that I have changed my minor son's name "BHAKTI DOARA" (OLD NAME) to "JAMU DORA" (NEW NAME) on dated 29.10.2025 before "NOTARY PUBLIC", Borigumma. Henceforth, "BHAKTI DOARA" (OLD NAME) shall be known as "JAMU DORA" (NEW NAME) for all future purposes. D-2796

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**

୰ ପ୍ରଶାନ୍ତ କୁମାର ସେନାପତି
ସତ୍ୟମାଳ ଭବନ, ଖୋରିଆ ସାହି, ମଙ୍ଗଳାବାଗ, କଟକ
ପ୍ଲଟ ନଂ. ଏନ ୬/୧୭୪, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୩/୦୪/୧୯୪୭
ତିରୋଧାନ : ୦୧/୧୨/୨୦୨୫
'ତେରା ବୈଭବ ଅମର ରହେ ମା, ହମ୍ ଦିନ୍ ଚାର ରହେ ନା ରହେ।।
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**

୰ନୀଳିମା ଜେନା
ଆବିର୍ଭାବ :୦୪.୦୨.୧୯୬୯
ତିରୋଧାନ : ୦୪.୦୧.୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)
ଯେତେ ବର୍ଷ ବିତୁଛି, ତୁମର ସ୍ନେହ ଓ ଅବଦାନ ସେତେ ବେଶୀ ମନେ ପଡୁଛି। ସାରା ଜୀବନ ଭୁଲି ପାରିବୁ ନାହିଁ।
ତୁମର ସ୍ୱାମୀ : ମାନଗୋବିନ୍ଦ ଓ
ପୁଅ: ବାପ୍ଲୁ, ବୋହୂ: ମୋନା

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଅପହୃତ ଯୁବକ ଉଦ୍ଧାର, ୨ ଗିରଫ

କେନ୍ଦୁଝର,୧୦।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ପୋଲିସ ଅପହରଣ ହୋଇଥିବା ଜଣେ ଯୁବକଙ୍କୁ ଉଦ୍ଧାର କରିଛି। ଘଟଣାରେ ୨ ଅପହରଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ସ୍ଥାନୀୟ ନରଣପୁର ଡୋଟା ସାହିର କାଶ୍ୟପ ସାହୁ (୪୨) ଓ ଜଗତ ନାଏକ (୪୦)। ପ୍ରକାଶ ଯେ, ନରଣପୁରର ଜୟନ୍ତୀ ମହାନ୍ତଙ୍କ ପୁଅ ଆଶିଷ ମହାନ୍ତ (୨୧)ଙ୍କୁ ୨ ଜଣ ବ୍ୟକ୍ତି ଅଲ୍ଟୋ କାରରେ ଅପହରଣ କରିନେଇଥିଲେ। ଜୟନ୍ତୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା(ନଂ. ୯୪୨/୨୦୨୫)ରୁଜୁ କରି ତଦନ୍ତ କରିଥିଲା। ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ମୋବାଇଲ ନମ୍ବର ଟ୍ରାକିଂ କରି ସ୍ଥାନ ବିଶ୍ଳେଷଣ କରିଥିଲା। ସନ୍ଦିଗ୍ଧ ଗାଡ଼ିର ଗତିବିଧି ଟ୍ରାକ୍ କରି ପୀଡ଼ିତଙ୍କୁ ସେମାନଙ୍କ ହେପାଜତରୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅପହରଣରେ ବ୍ୟବହୃତ କାର (ନଂ. ଓଆର ୦୨ ଏକ୍ୟୁ ୯୮୦୪) ଜବତ କରିଛି। ଅଭିଯୁକ୍ତଙ୍କ କବଜାରୁ ପୀଡ଼ିତଙ୍କ ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଥିଲା। ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ପୂର୍ବରୁ ବହୁ ଗୁରୁତର ଅପରାଧିକ ମାମଲାରେ ଜଡ଼ିତ ଥିବା ପୋଲିସ କହିଛି।

# ଅଭିଯୁକ୍ତଙ୍କ ଗିରଫଦାରିରେ ରୋକ

ହାଟଡ଼ିହୀ,୧୦।୧୨(ଶୁଭକାନ୍ତ ନାୟକ)

## କେନ୍ଦ୍ରାପଡ଼ା ପୋଲିସକୁ ଆକ୍ରମଣ ଘଟଣା

କେନ୍ଦୁଝର ଜିଲା ନନ୍ଦୀପଦା ଥାନା ଅଞ୍ଚଳରେ କେନ୍ଦ୍ରାପଡ଼ା ଜିଲା ସଦର ଥାନା ପୋଲିସକୁ ଆକ୍ରମଣ କରି ଅଭିଯୁକ୍ତଙ୍କୁ ପୋଲିସ ହେପାଜତରୁ ଛଡ଼ାଇ ନେବା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରେ ଅଭିଯୁକ୍ତମାନେ ଆଗୁଆ ଜାମିନ ପାଇଁ ମୋଟ ୫ଟି ମାମଲା ହାଇକୋର୍ଟରେ ଦାୟର କରିଥିଲେ। ସେଥି ମଧ୍ୟରୁ ନୀଳକଣ୍ଠ ମହାକୁଡ଼, ମାନସ ବେହେରାଙ୍କ ଦ୍ୱାରା ଦାୟର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ଗିରଫ ନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କ ନାମରେ ଥିବା ଅପରାଧିକ ମାମଲା ସମ୍ପର୍କିତ ତଥ୍ୟ ମଗାଯାଇଛି। ଡିସେମ୍ବର ୨୨ରେ ପରବର୍ତ୍ତୀ ଶୁଣାଣି ହେବାକୁ ଦିନ ଧାର୍ଯ୍ୟ ହୋଇଛି। ଉକ୍ତ ଦୁଇ ମାମଲା ରେ ମୋଟ ୧୧ ଜଣ ଅଭିଯୁକ୍ତ ଅଛନ୍ତି। ସୂଚନାଯୋଗ୍ୟ, ୧୩ ନଭେମ୍ବର ୨୦୨୫ ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କା ଠକେଇ ମାମଲାରେ ନନ୍ଦିପଦା ଥାନା ଅଧୀନ ଶାଳନିଆଁ ପଞ୍ଚାୟତ ଏଲକଣିଆ ଗ୍ରାମର ଯୋଗେନ୍ଦ୍ର ବେହେରାଙ୍କୁ କେନ୍ଦ୍ରାପଡ଼ା ଜିଲା ସଦର ଥାନା ପୋଲିସ ଧରି ଫେରୁଥିଲା। ସାହାପୁର-ଜଳଶରପୁର ରାସ୍ତାରେ ପ୍ରାୟ ୨୦ ଜଣ ଦୁର୍ବୃତ୍ତ ପୋଲିସ ଗାଡ଼ିକୁ ଅଟକାଇ ଆକ୍ରମଣ କରିବା ସହ ଯୋଗେନ୍ଦ୍ରଙ୍କୁ ପୋଲିସ କବଳରୁ ଛଡ଼ାଇ ନେଇଥିଲେ। ଏଥିରେ ଜଣେ ପୋଲିସ କର୍ମଚାରୀଙ୍କ ସମେତ ୪ ଜଣ ଆହତ ହୋଇଥିଲେ। କେନ୍ଦ୍ରାପଡ଼ା ସଦର ଥାନା ଇନ୍ସପେକ୍ଟର ବିବି ସାହାଣୀଙ୍କ ଅଭିଯୋଗ କ୍ରମେ ନନ୍ଦିପଦା ପୋଲିସ ଏକ ମାମଲା(ନଂ. ୩୬୨/୨୦୨୫) ରୁଜୁ କରିଥିଲା। ଘଟଣାରେ ନନ୍ଦିପଦା ପୋଲିସ ୩ ଜଣଙ୍କୁ ଗିରଫ କରିସାରିଛି।

# କାମ ବନ୍ଦକଲା ପୂର୍ତ୍ତ ବିଭାଗ

## ବିନା ଅନୁମତିରେ ରାସ୍ତା ଖୋଳିବା ଘଟଣା

ପାଟଣା,୧୦।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା କେନ୍ଦେଇପସିକୁ ସଂଲଗ୍ନ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ପୁଟୁଳିଆ ନିକଟ ରାସ୍ତା ପାର୍ଶ୍ୱରେ ମଙ୍ଗଳବାର ଏକ କମ୍ପାନୀ ପକ୍ଷରୁ ମେଗା ପାଇପ୍ ଲାଇନ ବିଛାଇବା ନିମନ୍ତେ ବିଭାଗୀୟ ଅନୁମତି ବିନା ରାସ୍ତା ଖୋଳାଯାଉଥିଲା। ଏ ନେଇ ବୁଧବାର 'ବିନା ଅନୁମତିରେ ରାସ୍ତା ଖୋଳି ପକାଇଲା ଠିକାସଂସ୍ଥା' ଶୀର୍ଷକ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ଘଟଗାଁ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମନାଥ ପ୍ରଧାନ ଓ ଯନ୍ତ୍ରୀ ମହେଶ୍ୱର ପାଷା ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟକୁ ବନ୍ଦ କରିଛନ୍ତି।

ଏନେଇ ନିର୍ବାହୀ ଯନ୍ତ୍ରୀ କହିଛନ୍ତି, ଫିଲ୍ଡ ଉପରେ ଯାଇ କାମ ବନ୍ଦ କରାଯାଇଛି। ସେମାନେ ବିଭାଗକୁ ନ ଜଣାଇ ମନ ଇଚ୍ଛା ରାସ୍ତା କାଟି ପକାଉଛନ୍ତି। ତାଙ୍କ ନାମରେ ଥାନାରେ ଅଭିଯୋଗ କରାଯିବ। ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ ବେହେରା କହିଛନ୍ତି, ୨୦୨୧- ୨୨ରୁ ଅନୁମତି ମାଗାଯାଇଛି। ପୂର୍ତ୍ତବିଭାଗ ଅନୁମତି ଦେଉନାହିଁ। ଏଣେ ଉଭୟ ବିଭାଗ ସମନ୍ୱୟ ଅଭାବରୁ ଠିକାସଂସ୍ଥା ମନଇଚ୍ଛା ରାସ୍ତା ଖୋଳୁଥିବା ଅଭିଯୋଗ ହେଉଛି। ଫଳରେ ରାସ୍ତା ମରଣଯନ୍ତା ପାଲଟିଛି।


ପୂର୍ତ୍ତ ବିଭାଗ ଅଧିକାରୀମାନେ କାର୍ଯ୍ୟ ବନ୍ଦ କରୁଛନ୍ତି।

# ଟିକେ ଖୁସି ଟିକେ ଦୁଃଖ

## ଛାଡ଼ିନି କବିତା ନିଶା


ଶ୍ରୁତି

ଶ୍ରୁତି ହାସନ କେବଳ ଜଣେ ଅଭିନେତ୍ରୀ ନୁହନ୍ତି, ସେ ମଧ୍ୟ ଭଲ ଗୀତ ଗାଆନ୍ତି। ତା'ସହ ତାଙ୍କର ଆଉ ଏକ ଗୁଣ ରହିଛି। ତାହା କ'ଣ ଜାଣନ୍ତି ? ସେ ମଧ୍ୟ କବିତା ଲେଖିବାକୁ ପସନ୍ଦ କରନ୍ତି। ଏହା ତାଙ୍କର ଏବେକାର ଅଭ୍ୟାସ ନୁହେଁ। ପିଲାଟି ଦିନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ହେଲେ କବିତା ରଚନା ପଛରେ କି କାରଣ ରହିଛି ସେ ବିଷୟରେ ଶ୍ରୁତି କହନ୍ତି, ''ଏକଦା ମୁଁ କ୍ଲାସରେ ଏକ ଛୋଟ କବିତା ଲେଖିଥିଲି। ତାହାକୁ ପଢ଼ି ମୋ ସାଙ୍ଗମାନେ ମୋତେ ଭାରି ପ୍ରଶଂସା କଲେ। ତା'ପରେ ଆମ ସ୍କୁଲ ସାର୍ ମଧ୍ୟ ମୋତେ କବିତା ଲେଖିବାକୁ ବେଶ୍ ଅନୁପ୍ରାଣିତ କରିଥିଲେ। ବାସ୍ ସେବେଠାରୁ କବିତା ଲେଖିବା ଜାରି ରଖିଛି। ତା'ପରେ ଅଭିନୟ ସହ ଜଡିତ ରହିଲେ ମଧ୍ୟ ସମୟ ମିଳିଲେ କବିତାଟିଏ ଲେଖିବାକୁ ପଛାଇ ନ ଥାଏ। ବିଶେଷଭାବରେ କୌଣସି ପ୍ରାକୃତିକ ଦୃଶ୍ୟରାଜି ଦେଖିଲେ ତାହାକୁ ମୁଁ କବିତାରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରେ। ମୋର ଅଧିକାଂଶ କବିତା ପ୍ରକୃତି ଉପରେ ଆଧାରିତ।'' ଶ୍ରୁତିଙ୍କର ଗାୟିକା ଜୀବନ କେତେବେଳେ ଆରମ୍ଭ ହୋଇଥିଲା ଜାଣନ୍ତି ? ସେତେବେଳେ ତାଙ୍କୁ ହୋଇଥାଏ ମାତ୍ର ୬ ବର୍ଷ। ତାଙ୍କର ପାପା କମଲ ହାସନ୍‌ଙ୍କ ଅଭିନୀତ ତାମିଲ ଫିଲ୍ମ 'ଥାଭିର ମାଗାନ୍'ରେ ସେ ପ୍ରଥମ ଥର ପାଇଁ ଗୀତ ଗାଇଥିଲେ। ତାଙ୍କୁ ତାମିଲ, ତେଲୁଗୁ ବ୍ୟତୀତ ହିନ୍ଦୀ, ଇଂଲିଶ, ଫ୍ରେଞ୍ଚ, ଇଟାଲିୟାନ, ଜର୍ମାନ ଏବଂ ଉର୍ଦ୍ଦୁ ଭାଷା ଭଲ ଭାବରେ ଜଣା। ସବୁଠାରୁ ଖାସ୍ କଥା ହେଲା, କମଲ୍‌ଙ୍କ ଅଭିନୀତ 'ହେ ରାମ୍'ରେ ସେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। ଅନ୍ୟପକ୍ଷରେ ୨୦୦୯ରେ ରିଲିଜ ହୋଇଥିବା 'ଲକ୍'ରେ ସେ ନାୟିକା ସାଜିଥିଲେ।


ପୂଜା

କୌଣସି ସୁଯୋଗ ହାତଛଡା ହେବା ପରେ ଯେ କେହି ବି ଅନୁତାପ କରିଥାଆନ୍ତି। ହେଲେ ସେତବେଳକୁ ସବୁକିଛି ଶେଷ ହୋଇଯାଇଥାଏ। ଆଉ ସେଥିରୁ ବା ପୂଜା ହେଗଡେ ବାଦ୍ ପଡିବେ କିପରି ? କଥା କ'ଣ ନିକଟରେ ସେ ଏକ ନୂଆ ପ୍ରୋଜେକ୍ଟ ହାତଛଡା କରିଛନ୍ତି। କେବଳ ସେତିକି ନୁହେଁ, ଯଦି ସେ ଏହି ଫିଲ୍ମରେ ଅଭିନୟ କରିବାକୁ ରାଜି ହୋଇଥାଆନ୍ତେ, ତେବେ ସେହି ବ୍ୟାନରରେ ଆଗକୁ ନିର୍ମାଣ ହେବାକୁ ଥିବା ଆଉ ଦୁଇଟି ଫିଲ୍ମରେ ସେ ମଧ୍ୟ ଆକ୍ଟିଂ କରିଥାଆନ୍ତେ। କିନ୍ତୁ ଏଭଳି ଚାନ୍ସକୁ ସେ ହାତଛଡା କରିଛନ୍ତି। ଏହା ପଛରେ ତ ନିଶ୍ଚୟ କାରଣ ଥିବ। ଏ ବିଷୟରେ ପୂଜା କହନ୍ତି, ''ନିକଟରେ ମୋତେ ଏକ ନୂଆ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା। ତାହାର କାହାଣୀ ମଧ୍ୟ ଶୁଣିଥିଲି। ହେଲେ କ'ଣ ହେବ ? ମୁଁ ଏବେ ଏତେ ବ୍ୟସ୍ତ ଯେ ନୂଆ ଫିଲ୍ମରେ ଆକ୍ଟିଂ କରିବାକୁ ମୋ ପାଖରେ ଡେଟ୍ ନାହିଁ। କାରଣ ବର୍ତ୍ତମାନ ଗୋଟିଏ ସିନେମାର ଶୁଟିଂ ଚାଲିଛି। ତା'ପରେ ବ୍ୟାକ୍-ଟୁ-ବ୍ୟାକ୍ ଆଉ ଦୁଇଟି ଫିଲ୍ମର ଶୁଟିଂ ଆରମ୍ଭ ହେବ। ହେଲେ ଏଭଳି ଏକ ଅଫର ମୋ ହାତରୁ ଖସିଗଲା, ତେଣୁ ଦୁଃଖ ଲାଗୁଛି। ୨୦୧୨ରେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଆଉ ଡେବ୍ୟୁ ଫିଲ୍ମର ଟାଇଟଲ ଥିଲା 'ମୁଗାମୋଞ୍ଚି' (ତାମିଲ)।

## ପ୍ରଶଂସିକା ହେବ ଏମିତି

ସତରେ ପ୍ରଶଂସିକା ହେବ ଏମିତି। ଦେଖୁନାହାନ୍ତି ଏବେ କେମିତି କରୀନା କପୁରଙ୍କ ମୁହଁରେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି। ଆଉ ସିଏ କିଏ ଜାଣନ୍ତି ? ସଲମାନ୍ ଖାନ୍। ହେଲେ ହଠାତ୍ ତାଙ୍କୁ ସେ ପ୍ରଶଂସା କରିବା ପଛରେ ନିଶ୍ଚୟ କିଛି କାରଣ ତ ଥିବ। କଥା କ'ଣ କି ନିକଟରେ କରୀନା ଓରଫ ବେବୋ ନିଜ ରିଲ୍ ଲାଇଫର ସ୍ମରଣୀୟ କଥାଗୁଡିକୁ ସାଙ୍ଗମାନଙ୍କ ସାମ୍ନାରେ ବଖାଣୁଥିଲେ। ଆଉ ସେହି ସସୟରେ ସେ ସଲମାନ୍‌ଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଏ ବିଷୟରେ କରୀନା କହନ୍ତି, ''ସଲମାନ୍‌ଙ୍କ ସହ ମୁଁ କେତୋଟି ସିନେମାରେ ଅଭିନୟ କରିଛି। 'ବଡିଗାର୍ଡ' ଏବଂ 'ବଜରଙ୍ଗୀ ଭାଇଜାନ'କୁ ଦର୍ଶକ ଯେତିକି ଭଲ ପାଇବା ଦେଇଛନ୍ତି ସେଥିଲାଗି ମୁଁ ସେମାନଙ୍କ ନିକଟରେ ଋଣୀ ରହିବି। ସେ ଜଣେ ଅଲରାଉଣ୍ଡର। ଯେଉଁ ଭୂମିକା ଦେଲେ ତାହାକୁ ଠିକ୍ ଭାବରେ ତୁଲାଇବାର ଦକ୍ଷତା ତାଙ୍କ ନିକଟରେ ଭରି ରହିଛି। ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।'' ସଲମାନ-କରୀନା ଯୋଡିକୁ ୨୦୦୫ରେ ରିଲିଜ ହୋଇଥିବା 'କ୍ୟୁଁ କି'ର ନିର୍ଦ୍ଦେଶକ ଥିଲେ ପ୍ରିୟଦର୍ଶନ ଆଉ ଚିତ୍ରଟି ଆଶାନୁରୂପ ବିଜନେସ କରିଥିଲା। ଏହାପରେ 'ମେଁ ଔର ମିସେସ ଖାନ୍' ଫ୍ଲପ୍ ହୋଇଥିଲା। କିନ୍ତୁ ତା'ପରେ 'ବଡିଗାର୍ଡ' (୨୦୧୧) ବକ୍ସ ଅଫିସରେ ୨୫୨ କୋଟି ଆୟ କରିଥିଲା। ତା'ପରେ କବୀର ଖାନ୍‌ଙ୍କ ନିର୍ଦ୍ଦେଶିତ 'ବଜରଙ୍ଗୀ ଭାଇଜାନ୍' (୨୦୧୫) ରେକର୍ଡଭିତ୍ତିକ ୯୧୮କୋଟି ଇନକମ କରିବାରେ ସକ୍ଷମ ହୋଇଥିଲା। ବର୍ତ୍ତମାନ ସାଜିଦ ନାଡିଆଡୱାଲାଙ୍କ 'କିକ୍ ୨'ରେ ସଲମାନ ଅଭିନୟ କରିବାକୁ ଯାଉଛନ୍ତି।


କରୀନା-ସଲମାନ

## କୁଆଁରୀ ଲାଜ


ସୁଭୋଜିତ

ନୂଆ ମ୍ୟୁଜିକ ଭିଡିଓ 'କୁଆଁରୀ ଲାଜ' ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି। ସ୍ନେହଲତା ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହି ଭିଡିଓରେ ଅଭିନୟ କରିଛନ୍ତ ଜଣାଶୁଣା ଉପସ୍ଥାପକ ସୁଭୋଜିତ ପଣ୍ଡା ଏବଂ ନବାଗତା ଅଭିନେତ୍ରୀ ଆଞ୍ଚଲ। ଅର୍ଚ୍ଚିତା, ଶୁଭେଚ୍ଛା ଏବଂ ପ୍ରଶାନ୍ତଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଏହି ମ୍ୟୁଜିକ ଭିଡିଓର ବିଷୟବସ୍ତୁ ମଧ୍ୟ ଭିନ୍ନ ଧରଣର। ଏକ ଗାଁ ପରିବେଶରେ ସହରରୁ ଆସିଥିବା ଜଣେ ଅଫିସ ଅଧିକାରୀ ଏବଂ ଗାଁର ଜଣେ ଚୁଲବୁଲି ଝିଅ ମଧ୍ୟରେ କିପରି ପ୍ରେମ ସମ୍ପର୍କ ଗଢ଼ିଉଠିଛି ଏବଂ ତାହାର ଫଳ କ'ଣ ହେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଗୀତଟିକୁ ରଚନା କରିଛନ୍ତି ସୁବ୍ରତ ଜେନା କଣ୍ଠଦାନ କରିଛନ୍ତି ସ୍ୱୟଂ ପାଢ଼ୀ। ଆୟୁଷ୍ମାନ ଏବଂ ଯତିସୁନ୍ଦର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। କେ. ଅଭି ଏହାର ସଙ୍ଗୀତ ଏବଂ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ସ୍ନେହଲତା ପଣ୍ଡା, ପ୍ରଫୁଲ୍ଲ ପଣ୍ଡା ଏବଂ ଶୁଭଶ୍ରୀ ପଣ୍ଡା ପ୍ରଯୋଜନା କରିଛନ୍ତି। ଏହି ଆଲବମଟି ସ୍ନେହଲତା ପ୍ରଡକ୍ସନସର ୟୁଟ୍ୟୁବ ଚ୍ୟାନେଲରେ ରିଲିଜ ହେବ।

## ଭାଙ୍ଗି ପଡ଼ି ନ ଥିଲେ ହେମା

ହିନ୍ଦୀ ସିନେମା ଜଗତରେ ହେମା ମାଳିନୀ ହେଉଛନ୍ତି ଜଣେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ। କିନ୍ତୁ ଅଭିନୟ ଜୀବନର ପ୍ରାରମ୍ଭରେ ସେ ଏଭଳି ଏକ ଘଟଣାର ସାମନା କରିଥିଲେ ଯାହା ତାଙ୍କୁ ବେଶ୍ ବ୍ୟଥିତ କରିଥିଲା। ହେଲେ ଘଟଣାଟି କ'ଣ ଥିଲା ଜାଣବେକି ? ସେହି ସମୟରେ ଜଣେ ତାମିଲ ନିର୍ଦ୍ଦେଶକ ସି.ଭି ଶ୍ରୀଧର ତାଙ୍କର ସିନେମା ପାଇଁ ଜଣେ ନୂଆ ନାୟିକା ଖୋଜୁଥାଆନ୍ତି। ଏହାର ଅଡିଶନ ପାଇଁ ହେମା ଯାଇଥିଲେ। କିନ୍ତୁ ତାଙ୍କୁ ଶ୍ରୀଧର କହିଲେ ଯେ, 'ତୁମେ ଏତେ ପତଳା ଯେ ମୋ ଫିଲ୍ମରେ ଅଭିନୟ କରିବାକୁ ଫିଟ୍ ନୁହଁ।' କିନ୍ତୁ ପରବର୍ତ୍ତୀ ସମୟରେ ହେମା ନିଜର ଅଭିନୟ ଦକ୍ଷତା ବଳରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାରେ ସକ୍ଷମ ହୋଇଥିଲେ। ଆଉ ଏକ ଖାସ୍ କଥା ହେଲା ସେ କପୁର ଫ୍ୟାମିଲିର ପାଞ୍ଚ ଜଣ ପ୍ରମୁଖ ଅଭିନେତା-ରାଜ କପୁର, ସମ୍ମି କପୁର, ଶଶୀ କପୁର, ରଣଧୀର କପୁର ଏବଂ ରିଷି କପୁରଙ୍କ ସହ ଅଭିନୟ କରିଥିଲେ।


ହେମା

## ମନ କଥା କହିବ ଲାଇନବାଲା


ସ୍ୱପ୍ନା

ବିଦ୍ୟୁତ୍ ବା ଲାଇନ୍ ଖରାପ ହେଲେ ଲାଇନବାଲା ଲୋଡା ପଡନ୍ତି। ହେଲେ ସେମାନଙ୍କ ଜୀବନ ପଛରେ ଅନେକ କାହାଣୀ ଲୁଚି ରହିଛି। ଏମାନଙ୍କ ଜୀବନର ଅକୁହା କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଲାଇନବାଲା'। ଏହାର ପ୍ରଯୋଜନା କରିଛନ୍ତି ସୁକାନ୍ତ କୁମାର ମହାନ୍ତି। ଖାସ୍ କଥା ହେଲା, ଏକ ସତ୍ୟ ଘଟଣାକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି 'ଯୋଗୀ' ଫେମ୍ ନିରଞ୍ଜନ ବେହେରା। ଫିଲ୍ମ ବିଷୟରେ ସେ କହନ୍ତି, ''ଏହି ସିନେମାଟି ଏକ ମୌଳିକ ତଥା ସତ ଘଟଣାକୁ ନେଇ ଆଧାରିତ। ଲାଇନବାଲା ଜୀବନରେ ଥିବା ଦୁଃଖକଷ୍ଟକୁ ଏହି ଫିଲ୍ମରେ ଦେଖିବାକୁ ମିଳିବ। କାହାଣୀକୁ ଶତପ୍ରତିଶତ ଜଷ୍ଟିସ ଦେବାକୁ ମୁଁ ପ୍ରୟାସ କରିଛି। କଳାକାରମାନେ ମଧ୍ୟ ନିଜ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇଛନ୍ତି। ସିନେମାଟି ଦର୍ଶକାଦୃତ ହେବ ବୋଲି ଆଶା ରଖିଛି।'' ଏହି ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ ଆଚାର୍ଯ୍ୟ। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ସ୍ୱପ୍ନା। ଅଶ୍ରୁମୋଚନ ମହାନ୍ତି, ଦେବୁ ବ୍ରହ୍ମା, ସୁମନ, ବ୍ରଜ ସିଂ, କୁନାଲ, ବିଜୁ ବଡଜେନା,ପ୍ରତିଭା ପଣ୍ଡା, ମନୀଷା, ରାଜା ଏବଂ ନୀର ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।


'ମଟରସାଇକେଲ' ଫିଲ୍ମରେ ଜ୍ୟୋତି

### ରିଲିଜ ଅପେକ୍ଷାରେ

## ମଟରସାଇକେଲ

ଆଜିକାଲିର ସମାଜରେ ଯୌତୁକ ଅନ୍ୟତମ ସମସ୍ୟା ଭାବରେ ଉଭା ହୋଇଛି କହିଲେ ଭୁଲ ହେବ ନାହିଁ। ତେଣୁ ଏ ନେଇ ଅଧିକ ସଚେତନତା ସୃଷ୍ଟି କରିବା ଲାଗି ଏକ ନୂଆ ଓଡ଼ିଆ ସିନେମାର ପ୍ରୟାସ କରାଯାଉଛି। ଉକ୍ତ ଚଳଚ୍ଚିତ୍ରର ଟାଇଟଲ ରହିଛି 'ମଟରସାଇକେଲ'। ଏହାର ନାୟକ ସାଜିଛନ୍ତି ଜ୍ୟୋତି ରଞ୍ଜନ ନାୟକ। ସେ ଏଥିରେ ଜଣେ ସିକ୍ୟୁରିଟି ଗାର୍ଡ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମ ବିଷୟରେ ସେ କହନ୍ତି, ''ଯୌତୁକ ଏଭଳି ଏକ ସମସ୍ୟା ଯାହା ବିଷୟରେ ଆମେ ସଚେତନ ରହିବା ନିହାତି ଦରକାର। ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ।'' ଏହି ସିନେମା ଚଳିତ ମାସ ୧୯ ତାରିଖରେ ରିଲିଜ ହେବାକୁ ଯାଉଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ନବାଗତା ଝୁନିଲତା ବିଶ୍ୱାଳ। ବିଶ୍ୱାଳ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଅଶ୍ୱିନୀ ତ୍ରିପାଠୀ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଲାଇନ୍ ପ୍ରଯୋଜକ ମଧ୍ୟ ଅଛନ୍ତି। ପ୍ରଣବ ପ୍ରସନ୍ନ ରଥ ସଂଳାପ ଲେଖିଛନ୍ତି। ପ୍ରେରଣ ପ୍ରତୀକ୍ଷା ଏହାର ଏକଜିକ୍ୟୁଟିଭ ପ୍ରଯୋଜକ ଏବଂ ଦେବେନ୍ଦ୍ର ବିଶ୍ୱାଳ ସହ ପ୍ରଯୋଜକ ଅଛନ୍ତି। ଗୀତଗୁଡିକ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ। କୁନା ତ୍ରିପାଠୀ, ଅଭିଷେକ ପଣ୍ଡା, ପ୍ରୀତି, ପିନ୍ଟୁ, ପୃଥ୍ୱୀରାଜ, ଭକ୍ତି, ଟୁକୁନା ଏବଂ ଭାସ୍ୱତୀ ବସୁ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।

## ଯାହା ଚାହୁଁଥିଲେ ରଜତ

ବେଳେବେଳେ ମଣିଷର ଆଶା ଶୀଘ୍ର ପୂରଣ ହୋଇଯାଏ। ଆଉ ଏ କ୍ଷେତ୍ରରେ ସଫଳ ହେବା ପରେ ରଜତ ମିଶ୍ରଙ୍କ ଖୁସି କହିଲେ ନସରେ। କାରଣ ଏକ ଅନଟାଇଟଲଡ୍ ଫିଲ୍ମର ସ୍ୱର ସଂଯୋଜନା ଦାୟିତ୍ୱ ତାଙ୍କୁ ମିଳିଛି। ଏ ବିଷୟରେ ସେ କହନ୍ତି, ''ମୋର ପ୍ରତିଟି ଆଲବମ୍ ଗୀତର ସ୍ୱରରେ ଆମ ରାଜ୍ୟର ଚାଲିଚଳଣି, ପରମ୍ପରାର ଝଲକ୍ ଦେଖାଇଛି ଏବଂ ତାହାକୁ ଶ୍ରୋତା ଗ୍ରହଣ କରିଛନ୍ତି। ତା'ସହ ମୋ ସ୍ୱର ସଂଯୋଜିତ ଭଜନଗୁଡିକୁ କିପରି ଅଧିକ ଭକ୍ତିମୟ ହେବ ସେ ନେଇ ଚେଷ୍ଟା କରିଥାଏ। ମୋର ଗୋଟିଏ ଅଭ୍ୟାସ ରହିଛି। ମୁଁ ବିବିଧ ଭାରତୀର ଜଣେ ନିୟମିତ ଶ୍ରୋତା। ଗୀତଟିକୁ କିପରି ସ୍ୱର ଦେଲେ ତାହା ଲୋକଙ୍କର ମନକୁ ଛୁଇଁବ ତାହା ସଙ୍ଗୀତ ନିର୍ଦ୍ଦେଶକଙ୍କ ଉପରେ ନିର୍ଭର କରେ।'' ରଜତଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ 'ଝିଅ ନୁହେଁ ତୁ ମୋ ମା', 'ଝିଅ ବିଦାବେଳ ହେଲା', 'ମା ମୋ ଦୁର୍ଗା ମା', 'ଆଜି ପରା ଶିଶୁ ଦିବସ','ଚାଲ ଧରମ ଡଙ୍ଗା ଭସେଇ ଦେବା' ଏବଂ 'ଶୁଭ ଦୀପାବଳି' ଗୀତ ଗୁଡିକରେ ଓଡ଼ିଆ ସଂସ୍କୃତି, ପରମ୍ପରାର ଛାପ ଦେଖିବାକୁ ମିଳିବା ସହ ଶ୍ରୋତା ଓ ଦର୍ଶକ ମହଲରେ ବେଶ ଆଦୃତ ହୋଇଛି। ଆଗକୁ ମଧ୍ୟ ତାଙ୍କର ବହୁ ସଂଖ୍ୟାରେ ଭଜନ ଓ ଆଧୁନିକ ଗୀତ ମୁକ୍ତିଲାଭ ଅପେକ୍ଷାରେ ଅଛି। କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକର କଟିକଟା ପଞ୍ଚାୟତର ରାମରାଙ୍ଗ ଗ୍ରାମରେ ତାଙ୍କର ଜନ୍ମ। ହେଲେ ନିଜର କର୍ମଭୂମି ଭାବରେ ସେ କଟକ ସହରକୁ ବାଛିନେଇଛନ୍ତି। ସଙ୍ଗୀତ ନିର୍ଦ୍ଦେଶନାରେ ଅଧିକ ସୁନାମ ଅର୍ଜନ ପାଇଁ ସେ ଆଶା ରଖିଛନ୍ତି।


ରଜତ

ଧରିତ୍ରୀ DHARITRI 52 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୧/୨୦୨୫ Bhubaneswar, Thursday, December 11/ 2025




# ଭାରତ ଜିତିଲା ବ୍ରୋଞ୍ଜ୍ ପଦକ

ଚେନ୍ନାଇ, ୧୦।୧୨(ପି.ଟି.)

ଭାରତ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିଛି। ବୁଧବାର ଏଠାରେ ୩ୟ ସ୍ଥାନ ପାଇଁ ହୋଇଥିବା ଏକ ମୁକାବିଲାରେ ଦଳ ୪-୨ ଗୋଲ୍‌ରେ ଆର୍ଜେଣ୍ଟିନାକୁ ପରାସ୍ତ ଦେଇଛନ୍ତି। ଭାରତ ପୂର୍ବରୁ ୨୦୧୬ ଲକ୍ଷ୍ନୌ ସଂସ୍କରଣରେ ଟାଇଟଲ ଜିତିଥିଲା। ମାତ୍ର ଗତ ଦୁଇଥର ପୋଡିୟମ ଫିନିଶ୍ କରିବାରେ ବିଫଳ

## ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍

ହୋଇଛି। ଭୁବନେଶ୍ୱରରେ ୨୦୨୧ରେ ଦଳ ଚତୁର୍ଥ ହୋଇଥିବା ବେଳେ ଏହାର ଦୁଇ ବର୍ଷ ପରେ କୁଆଲାଲମ୍ପୁରଠାରେ ମଧ୍ୟ ୪ର୍ଥ ସ୍ଥାନରେ ରହିଥିଲା। ମ୍ୟାଚ୍‌ର ପ୍ରଥମ ଦୁଇ କ୍ୱାର୍ଟର ଖେଳରେ ଆର୍ଜେଣ୍ଟିନା ତୁଳନାତ୍ମକ ଭାବେ ଉନ୍ନତ ପ୍ରଦର୍ଶନ କରିଥିଲା। ଦଳ ତରଫରୁ ନିକୋଲାସ ରୋଡ୍ରିଗୁଏଜ୍(୩ୟ ମିନିଟ୍) ଓ ସାଣ୍ଟିଆଗୋ ଫର୍ନାଣ୍ଡିଜ୍ ଗୋଲସ୍କୋର କରି ସେମାନଙ୍କ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଲଗାତର ୪ଟି ଗୋଲସ୍କୋର କରି ମ୍ୟାଚ୍ ଜିତିନେଇଥିଲା। ଅଙ୍କିତ୍ ପାଲ୍(୪୯ତମ ମିନିଟ୍), ମନମିତ୍ ସିଂ(୫୨ତମ) ଓ ଅନମୋଲ ଏକ୍କା(୫୮ତମ) ପ୍ରମୁଖ ପେନାଲ୍ଟି କର୍ନରକୁ ଗୋଲରେ ରୂପାନ୍ତରିତ କରିଥିବା ବେଳେ ଶାରଦା ନନ୍ଦ ୫୭ତମ ମିନିଟ୍‌ରେ ସ୍ୱଟ୍‌ରୁ ତାଙ୍କ ଗୋଲ୍ ସ୍କୋର କରିଥିଲେ।



ଭାରତ ମ୍ୟାଚ ଜିତିବାପରେ ଉଲ୍ଲସିତ ଖେଳାଳି ଓ ସପୋର୍ଟ ଷ୍ଟାଫ୍।

# ବିଜୟ ବଜାୟ ଲକ୍ଷ୍ୟରେ ଭାରତ

ମୁଲାନପୁର (ନ୍ୟୁ ଚଣ୍ଡିଗଡ଼), ୧୦।୧୨(ପି.ଟି.)

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜ୍‌ର ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚ୍ ଗୁରୁବାର ଏଠାରେ ଅନୁଷ୍ଠିତ ହେବ। କଟକ ବାରବାଟୀ ଷ୍ଟାଡିୟମରେ ୧୦୧ ରନ୍‌ରେ ବିଜୟ ସହ ଭାରତ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିସାରିଛି। ବେକଜନିତ ସମସ୍ୟାରୁ ମୁକୁଳିଥିବା ଶୁବମନ ଗିଲ୍ କଟକରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ମାତ୍ର ଗୋଟିଏ ଦିନ ବ୍ୟବଧାନରେ ଦ୍ୱିତୀୟ ଟି୨୦ ହେବାକୁ ଯାଉଥିବାରୁ ତାଙ୍କ ଉପରେ ନଜର ରହିବ। ଅଧିନାୟକ ଭାବେ ଇଂଲଣ୍ଡରେ ନିଜର


## ଦ୍ୱିତୀୟ ଟି୨୦ ଆଜି

ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍ ଷ୍ଟାର

ଟେଷ୍ଟ ଡେବ୍ୟୁରେ ଗିଲ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ତେଣୁ ସଞ୍ଜୁ ସାମ୍‌ସନ ଏବଂ ତାଙ୍କ ପଞ୍ଜାବ ଟିମ୍‌ମେଟ୍ ଅଭିଷେକ ଶର୍ମାଙ୍କ ପରି ଟପ୍ ଅର୍ଡର ଖେଳାଳି ଥିଲେ ମଧ୍ୟ ଟି୨୦ ଓପ୍‌ନର ଭାବେ ଗିଲ୍‌ଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟ ଆସ୍ଥା ସ୍ଥାପନ କରିଛି। ଫଳରେ କେରଳ ବ୍ୟାଟର ସାମ୍‌ସନ ପ୍ଲେଇଂ ଇଲେଭେନରେ ସ୍ଥାନ ପାଇବାକୁ ସଂଘର୍ଷ କରୁଛନ୍ତି।

ଗତବର୍ଷ ଟି୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ବିରାଟ କୋହଲି ଯେଉଁ ଭୂମିକା ତୁଲାଇ ଆସୁଥିଲେ ଗିଲ୍ ତାଙ୍କୁ ଅନୁକରଣ କରୁଥିବା ଅନୁମାନ ହେଉଛି। ମାତ୍ର ଏବେ ଭାରତର ବ୍ୟାଟିଂ ଲାଇନ୍‌ଅପ୍ ୮ ନମ୍ବର ପର୍ଯ୍ୟନ୍ତ ଗଭୀରତା ଥିବାରୁ ଏବଂ ଦଳ ନିର୍ଭୀକ କ୍ରିକେଟ୍ ଖେଳୁଥିବାରୁ ଆଙ୍କରର ଭୂମିକା କମିଯାଇଛି। ଗିଲ୍‌ଙ୍କ ଭଳି ଗତ ୧୨ ମାସରେ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିପାରି ନ ଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ମଧ୍ୟ ନଜର ରହିବ। ଆଉ କିଛିମାସ ପରେ ସୂର୍ଯ୍ୟକୁମାର ବିଶ୍ୱକପ୍‌ରେ ଭାରତର ନେତୃତ୍ୱ ନେବା ସମ୍ଭାବନା ଅଛି। ଭାରତ ଟାଇଟଲ ବଜାୟ ଲକ୍ଷ୍ୟରେ ଥିବାରୁ ନିଜେ ଅଧିନାୟକ ଭଲ ଫର୍ମକୁ ଫେରିବା ଜରୁରୀ। ନ୍ୟୁ ଚଣ୍ଡିଗଡ଼ର ଥଣ୍ଡା ପରିବେଶରେ ଭାରତ ଏହାର ବିଜୟୀ କମ୍ବିନେଶନ ବଜାୟ ରଖିବ ନିଶ୍ଚିତ। ଆହତ ସମସ୍ୟାରୁ ମୁକୁଳିବା ପରେ ହାର୍ଦ୍ଦିକ ପାଣ୍ଡ୍ୟା ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଭାରତକୁ କଟକରେ ମ୍ୟାଚ୍ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ୨୮ ବଲ୍‌ରୁ ୫୯ ରନ୍ କରିବା ସହ ଭଲ ବୋଲିଂ ମଧ୍ୟ କରିଥିଲେ। ଟିମ୍ ମ୍ୟାନେଜ୍‌ମେଣ୍ଟ ୮ ନମ୍ବର ପର୍ଯ୍ୟନ୍ତ ବ୍ୟାଟିଂ ଅର୍ଡର ରଖିବାକୁ ଚାହୁଁଥିବାରୁ ଅର୍ଶଦୀପ ସିଂ ଏବଂ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣେ ପ୍ଲେଇଂ ଇଲେଭେନରେ ରହିବା ସମ୍ଭବ ହେବ। ଗତ ମଙ୍ଗଳବାର ଦଳ ଚୟନରୁ ଏହା ସ୍ପଷ୍ଟ ହୋଇଛି।

ଅନ୍ୟପକ୍ଷରେ ୧୭୬ ରନ୍ ବିଜୟ ଲକ୍ଷ୍ୟରେ ଥାଇ ମାତ୍ର ୭୪ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିବା ଦକ୍ଷିଣ ଆଫ୍ରିକା ଏହାର ବ୍ୟାଟିଂରେ ସୁଧାର ଆଣିବା ଲକ୍ଷ୍ୟରେ ରହିବ। ପରାଜୟର ଅଧିକ ବିଶ୍ଲେଷଣ କରିବାକୁ ସମୟ ନାହିଁ। କେବଳ ସକାରାତ୍ମକ ଚିନ୍ତା ସହ ଦଳକୁ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ। ଗତ ସେପ୍ଟେମ୍ବରରେ ୨ଟି ମହିଳା ଦିନିକିଆ ଆୟୋଜନ ପରେ ନ୍ୟୁ ଚଣ୍ଡିଗଡ଼ ଭେନ୍ୟୁରେ ପ୍ରଥମଥର ପାଇଁ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ହେବାକୁ ଯାଉଛି। ଗତ ଆଇପିଏଲ୍ ସମୟରେ ଏଠାରେ ୨୦୦ ରନ୍ ସ୍ପର୍ଶ କରିବା ସହଜ ନ ଥିଲା। ୧୦୧ ସର୍ବନିମ୍ନ ସ୍କୋର ଥିଲା। ସୂଚନା ଯେ, ମ୍ୟାଚ୍ ଅବସରରେ ଯୁବରାଜ ସିଂ ଓ ହରମନ୍‌ପ୍ରୀତ କୌରଙ୍କ ନାମରେ ଷ୍ଟାଡିୟମ ଷ୍ଟାଣ୍ଡ ଉନ୍ମୋଚିତ ହେବ।



ଶୁବମନ ଗିଲ୍

# ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ




ଚେସ୍ ପ୍ରିମିୟର ଲିଗ୍ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୧୦।୧୨(ତପନ ସ୍ୱାଇଁ)

ଓଡ଼ିଶା ଚେସ୍ ଇତିହାସରେ ପ୍ରଥମଥର ପାଇଁ ଆଇପିଏଲ ଢାଞ୍ଚାରେ ଜିଲା ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ କାର୍ଯ୍ୟକ୍ରମ ବୁଧବାର ୟୁନିଟ୍-୯ସ୍ଥିତ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଏବଂ ରୋଟାରୀ କ୍ଲବ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜୀବ ସାହୁ ଯୋଗ ଦେଇଥିଲେ। ରୋଟାରୀ କ୍ଲବ ସଭାପତି ସଞ୍ଜୟ ଚୌଧୁରୀଙ୍କ ପୌରୋହିତ୍ୟ ଏବଂ ସମ୍ପାଦକ ବିଶ୍ୱଜିତ୍ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ପ୍ରିମିୟର ଲିଗ୍

## ୧୯ ଓ ୨୦ରେ ହେବ ପ୍ରତିଯୋଗିତା

ଚେୟାରମ୍ୟାନ୍ ତଥା ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଞ୍ଜ, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ଜିଏସ୍‌ଟି ସହକାରୀ କମିଶନର ପ୍ରୀତିରଞ୍ଜନ ନାଥ, ପୂର୍ବତନ ରୋଟାରୀ ସଭାପତି ଏସ୍.ଏସ୍. ହରିଚନ୍ଦନ ପ୍ରମୁଖ ଯୋଗଦେଇ ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ। ଚଳିତ ମାସ ୧୯ ଏବଂ ୨୦ ତାରିଖରେ ହେବାକୁ ଥିବା ଜିଲା ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ ପ୍ରକ୍ରିୟାରେ ଓଡ଼ିଶାର ୧୧୮ ଜଣ ପ୍ରତିଷ୍ଠିତ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ଓଡ଼ିଶାର ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ପୁରୀ, ଗଞ୍ଜାମ, ସୋନପୁର, ବରଗଡ଼, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡ଼ା ଏବଂ ଢେଙ୍କାନାଳ ଆଦି ୧୨ ଜିଲାରୁ ଖେଳାଳି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଜିଲା ଦଳ ୫ ଜଣ ଲେଖାଏ ଖେଳାଳିଙ୍କୁ ନିଲାମ ପ୍ରକ୍ରିୟାରେ କ୍ରୟ କରିଥିଲେ। ଏହି ନିଲାମ ପ୍ରକ୍ରିୟାକୁ କ୍ରୀଡ଼ାବିତ୍ ଭୁବନ ବେହେରା ପରିଚାଳନା କରିଥିବା ବେଳେ ଏଓସିଏ ସଦସ୍ୟ ଅଭିଷେକ ଆଚାର୍ଯ୍ୟ, ଗିତେଶ ରଥ, ମାନସ ପାଣି, ଧନଞ୍ଜୟ ସାବତ, ତାପସ କୁମାର ମହାନ୍ତି, ସୁରେଶ କୁମାର ସାହୁ, ବିରଞ୍ଚି ନାରାୟଣ ସାହୁ, କେ.କେ. ଶର୍ମା, ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଅପରାହ୍ନରେ ବିଦାୟ ନେଲେ ଖେଳାଳି

**ଭୁବନେଶ୍ୱର, ୧୦।୧୨(ତପନ ସ୍ୱାଇଁ):** କଟକର ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଚଳିତ ସିରିଜ୍‌ର ପ୍ରଥମ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାପରେ ଭାରତ ଓ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ବୁଧବାର ଭୁବନେଶ୍ୱର ଛାଡ଼ିଛନ୍ତି। ଅପରାହ୍ନ ୧ଟା ୨୦ରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ହୋଟେଲ ମେ' ଫେୟାରରୁ ବସ୍ ଯୋଗେ ଦୁଇଟିଯାକ ଦଳ ଭୁବନେଶ୍ୱର ବିମାନବନ୍ଦରକୁ ଯାଇଥିଲେ। ଖେଳାଳିଙ୍କୁ ବିମାନବନ୍ଦରରୁ ହୋଟେଲ ଆଣିବାକୁ ଯେପରି ସୁରକ୍ଷା ବ୍ୟବସ୍ଥା ହୋଇଥିଲା ଗଲାବେଳେ ମଧ୍ୟ ତାହାର ପୁନରାବୃତ୍ତି କରାଯାଇଥିଲା। ଖେଳାଳିମାନେ ପ୍ରତ୍ୟାବର୍ତ୍ତନ କଲାବେଳେ ହୋଟେଲ ନିକଟରେ ଅନେକ କ୍ରିକେଟ୍‌ପ୍ରେମୀ ଉପସ୍ଥିତ ଥିଲେ। ଏକ ସ୍ୱତନ୍ତ୍ର ବିମାନରେ ଉଭୟ ଦଳ ନ୍ୟୁ ଚଣ୍ଡିଗଡ଼ ଯାତ୍ରା କରିଛି। ମୁଲାନ୍‌ପୁରରେ ଗୁରୁବାର ଦ୍ୱିତୀୟ ଟି୨୦ ମ୍ୟାଚ୍ ଅନୁଷ୍ଠିତ ହେବ। କଟକରେ ୧୦୧ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିବାରୁ ମଧୁର ସ୍ମୃତି ନେଇ ଭାରତୀୟ ଦଳ ଭୁବନେଶ୍ୱର ଛାଡ଼ିଛି।

# ଜିଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୨୧ରେ

ଭୁବନେଶ୍ୱର, ୧୦।୧୨(ତପନ ସ୍ୱାଇଁ)

ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏଶନର ଜିଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଚଳିତ ମାସ ୨୧ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀଠାରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ସକାଳ ୧୦ଟାରୁ ଆରମ୍ଭ ହେବ ଏବଂ ଏଥିରେ ସିନିୟର, ଜୁନିୟର, ସବ୍‌ଜୁନିୟର ଏବଂ ୮ ଓ ୧୦ ବର୍ଷରୁ କମ୍ ଉଭୟ ବାଳିକା, ବାଳକ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ। ୮ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ କେବଳ ଫ୍ଲୋର ଏକ୍ସରସାଇଜ୍ ଇଭେଣ୍ଟ ଅନୁଷ୍ଠିତ ହେବ। ୧୦ ବର୍ଷରୁ କମ୍ ବାଳକ ବର୍ଗରେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟିଂ ଟେବଲ ଏବଂ ବାଳିକା ବର୍ଗରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲାନ୍ସିଂ ବିମ୍, ସବ୍‌ଜୁନିୟରରେ ଜିଏଫ୍‌ଆଇ ନିୟମ ଏବଂ ଜୁନିୟର ଓ ସିନିୟର୍‌ରେ ଏଫ୍‌ଆଇଜି ନିୟମରେ ପ୍ରତିଯୋଗିତା ହେବ। ଆସୋସିଏଶନ ସମ୍ପାଦକ ନରେନ୍ଦ୍ର କୁମାର ସେଠୀ ଭୁବନେଶ୍ୱରର ସମସ୍ତ ଜିମ୍ନାଷ୍ଟଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୂଚନା ଦେଇଛନ୍ତି। ଅଂଶଗ୍ରହଣ ଲାଗି ଇଚ୍ଛୁକ ଖେଳାଳିମାନେ ଅଧିକ ବିବରଣୀ ପାଇଁ ଆସୋସିଏଶନ ଉପସଭାପତି ତଥା ଏକାଡେମୀର ଅଧକ୍ଷା ମୀରାରାଣୀ ଦାସଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# କୋହଲି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

ଦୁବାଇ, ୧୦।୧୨(ପି.ଟି.)

ବୁଧବାର ଆଇସିସି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ବ୍ୟାଟର ତାଲିକାରେ ବିରାଟ କୋହଲି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ରୋହିତ୍ ଶର୍ମା ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ୨୦୨୧ ଏପ୍ରିଲରେ କୋହଲିଙ୍କୁ ହଟାଇ ପାକିସ୍ତାନର ବାବର ଆଜାମ ୧ମ ସ୍ଥାନ ଅଧିକାର କରିନେଇଥିଲେ।

## ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍

ଏହାପରଠାରୁ କୋହଲି ଆଉ ନମ୍ବର-୧ ସ୍ଥାନକୁ ଆସିପାରିନାହାନ୍ତି। କିନ୍ତୁ ଏହି ଡାହାଣହାତୀ ବ୍ୟାଟର ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ କରିବାରୁ ଶୀର୍ଷ ସ୍ଥାନ ନିକଟତର ହୋଇପାରିଛନ୍ତି। ୩୭ ବର୍ଷୀୟ ଏହି ବ୍ୟାଟର ତିନୋଟି ମ୍ୟାଚ୍‌ରେ ୩୦୨ ରନ୍ ସଂଗ୍ରହ କରି ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଏହାଦ୍ୱାରା ସେ ର୍‍ୟାଙ୍କିଙ୍ଗ୍ ତାଲିକାରେ ୨ ସ୍ଥାନ ଉପରକୁ ଉଠି ସାଥୀ ଖେଳାଳି ରୋହିତ୍ ଶର୍ମାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରୋହିତ ସିରିଜ୍‌ରେ ୧୪୬ ରନ୍ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ବିଶାଖାପାଟଣାଠାରେ ସିରିଜ୍‌ର ଫାଇନାଲ ମ୍ୟାଚ୍‌ରେ ତାଙ୍କ ଅପରାଜିତ ୭୫ ରନ୍ ସାମିଲ। କୋହଲିଙ୍କଠାରୁ ସେ ମାତ୍ର ୮ ପଏଣ୍ଟ ଆଗରେ ରହିଛନ୍ତି। ସିରିଜ୍‌ର ୩ଟି ମ୍ୟାଚ୍‌ରେ ଖେଳି ନ ଥିଲେ ସୁଦ୍ଧା ଭାରତ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ତାଙ୍କ ୫ମ ସ୍ଥାନ ବଜାୟ ରଖିଛନ୍ତି। ସିରିଜ୍‌ରେ ଦୁଇଟି ଅର୍ଦ୍ଧଶତକ ପାଇଁ କାମଚଳା ଅଧିନାୟକ କେ.ଏଲ୍. ରାହୁଲ ଦୁଇ ସ୍ଥାନ ପଦୋନ୍ନତି ସହ ଓଭରଅଲ ୧୨ତମ ସ୍ଥାନରେ ରହିଛନ୍ତି। ସେହିପରି କୁଲଦୀପ ଯାଦବ ବୋଲର ତାଲିକାରେ ୩ ସ୍ତର ଉପରକୁ ଉଠି ୩ୟ ସ୍ଥାନରେ ଅଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ତାଲିକାରେ ଦକ୍ଷିଣ ଆଫ୍ରିକାର ୩ ଜଣଙ୍କର ପଦୋନ୍ନତି ହୋଇଛି। କ୍ୱିଣ୍ଟନ୍ ଡି'କକ୍ ୩ ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ଏବଂ ଏଡେନ ମାରକ୍ରମ ୪ ସ୍ଥାନ ଉପରକୁ ଉଠି ୨୫ତମ ସ୍ଥାନରେ ପହଞ୍ଚିଥିବା ବେଳେ ଟେମ୍ବା ବଭୁମା ୩ ପଦୋନ୍ନତିସହ ୩୭ତମ ସ୍ଥାନକୁ ଯାଇଛନ୍ତି।

# ପ୍ରି କ୍ୱାର୍ଟରରେ ଉନ୍ନତି, ମାନେପଲ୍ଲୀ

ଭୁବନେଶ୍ୱର, ୧୦।୧୨ (ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନର ଦ୍ୱିତୀୟ ଦିବସରେ ମହିଳା ଓ ପୁରୁଷ ସିଙ୍ଗଲ୍ସ, ମହିଳା ଓ ପୁରୁଷ ଡବଲ୍ସ ଏବଂ ମିକ୍ସଡ୍ ଡବଲ୍ସରେ ମୋଟ ୭୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ

## ଓଡ଼ିଶା ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ

ଖେଳାଳି ଓ ଆୟୋଜକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ବିଧାୟକ ପ୍ରକାଶ ସେଠୀ, କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ୟେଦୁଲ୍ଲା, କଟକ ଜଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ, କଟକ ମହାନଗର ନିଗମ ଅଧକ୍ଷା କିରଣ ଦୀପ କୌର ସହତା, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବେଣୁଗୋପାଳ ମହାଲିଙ୍ଗମ୍ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିବସରେ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ମହିଳା ବିଭାଗର ରାଉଣ୍ଡ ୩୨ରେ ଟପ୍‌ସିଡ୍ ଭାରତର ଉନ୍ନତି ହୁଡା ୟୁନାଇଟେଡ୍ ଆରବ ଏମିରେଟ୍ସର ପ୍ରକ୍ରିତି ଭାରତଙ୍କୁ ୨୧-୧୨, ୨୧-୧୮ରେ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।ପୁରୁଷ ସିଙ୍ଗଲ୍ସରେ ମଧ୍ୟ ଟପ୍ ସିଡ୍ ଥରୁନ ମାନେପଲ୍ଲୀ ନିଜ ଦେଶର ମାନବ ଚୌଧୁରୀଙ୍କୁ ୨୧-୫,୨୧-୮ରେ ହରାଇ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଯୋଡ଼ି ହେଲେ ଆର୍ଯ୍ୟନ ସପିଆ-ଅଶ୍ୱିନୀ ପୋନାପ୍ପା ଏବଂ ଡି. ଭେଲ ମୁରୁଗାନ୍-ପି. ନଟରାଜନ୍।



ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅତିଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।




ପୁରୁଷ ସିଙ୍ଗଲ୍ସରେ ଅନୁଷ୍ଠିତ ଏକ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)

# ଉରୁଗୁଏକୁ ହରାଇଲା ଭାରତ

ସାଣ୍ଟିଆଗୋ, ୧୦।୧୨ (ପି.ଟି.)

ଗୋଲ୍‌କିପର ନିଧିଙ୍କ ଚମତ୍କାର ଗୋଲ୍ ରକ୍ଷଣ ଯୋଗୁ ଏଠାରେ ଚାଲିଥିବା ଜୁନିୟର ମହିଳା ହକି ବିଶ୍ୱକପ୍‌ରେ ଭାରତ ୩-୧ ଶୁଟ୍‌ଆଉଟ୍‌ରେ ଉରୁଗୁଏକୁ ପରାସ୍ତ କରିଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିବା ପରେ ପେନାଲ୍ଟି ଶୁଟ୍‌ଆଉଟ୍ ପଦ୍ଧତିର ସହାୟତା ନିଆଯାଇଥିଲା। ଗୁରୁବାର ଖେଳାଯାଇଥିବା ୯/୧୨ କ୍ୱାଲିଫିକେଶନ ମ୍ୟାଚ୍‌ରେ ମନୀଷା ୧୯ତମ ମିନିଟ୍‌ରେ ଏକ ଗୋଲ୍ ସ୍କୋରକରି ଭାରତକୁ ପ୍ରଥମେ ୧-୦ରେ ଅଗ୍ରଣୀ କରାଇଥିଲେ। ୬୦ତମ ମିନିଟ୍‌ରେ ଜଷ୍ଟିନା ଆରେଗୁଇଙ୍କ ଗୋଲ୍‌ରେ ଉରୁଗୁଏ ମ୍ୟାଚ୍‌କୁ ଡ୍ର' ରଖିଥିଲା। ଶୁଟ୍ ଆଉଟ୍‌ରେ ଭାରତ ତରଫରୁ ପୂର୍ଣ୍ଣିମା ଯାଦବ, ଇଶିକା ଓ କନିକା ସି ୱାଚ୍ ଗୋଟିଏ ଲେଖାଏ ଗୋଲ୍ ଦେବାରେ ସଫଳ ହୋଇଥିବା ବେଳେ ଗୋଲ୍‌କିପର ନିଧି ଉରୁଗୁଏର ୩ଟି ଗୋଲ୍‌କୁ ଅଟକାଇ ଦେଇଥିଲେ। ଭାରତ ୯/୧୦ମ ସ୍ଥାନ ପାଇଁ ଏହାର ପରବର୍ତ୍ତୀ ମ୍ୟାଚ୍ ଗୁରୁବାର ସ୍ପେନ୍ ବିପକ୍ଷରେ ଖେଳିବ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ